


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୯ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 19 OCTOBER 2023

Vol.No. 34 ■ No. 276■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଗାଜା ହସ୍ପିଟାଲରେ ଏୟାର ଷ୍ଟ୍ରାଇକ୍ : ୫୦୦ ମୃତ

## ଇସ୍ରାଏଲ କହିଲା ହମାସର ରକେଟ୍ ହୋଇଛି ମିସ୍ ଫାୟାର



ନୂଆଦିଲ୍ଲୀ,୧୮/୧୦ :୧୧ ଦିନ ଧରି ଇସ୍ରାଏଲ୍ ଏବଂ ହମାସ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଆହୁରି ଆକ୍ରମଣାତ୍ମକ ହୋଇପଡିଛି । ଏହି ସମୟରେ, ଇସ୍ରାଏଲ୍ ସେନା ଗାଜାର ଏକ ଡାକ୍ତରଖାନା ଉପରେ ଏୟାର ଷ୍ଟ୍ରାଇକ୍ କରିଛି ଯେଉଁଥିରେ ୫୦୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳୁଛି । ହମାସ ଏହି ଆକ୍ରମଣକୁ ଇସ୍ରାଏଲ୍ ଦ୍ୱାରା କରାଯାଇଥିବା ଦାବି କରୁଛି । ତେବେ ଇସ୍ରାଏଲ କିନ୍ତୁ ଏହି ଆକ୍ରମଣରେ କୌଣସି ସମ୍ପୃକ୍ତିକୁ ଅସ୍ୱୀକାର କରିଛି । ଇସ୍ରାଏଲ ଦାବି କରିଛି ଯେ ହସ୍ପିଟାଲ ଉପରେ ଯେଉଁ ରକେଟ୍ ମାଡ ହୋଇଛି ତାହା ପାଲେଷ୍ଟାଇନ ଦ୍ୱାରା ହୋଇଛି । କିନ୍ତୁ ଇସ୍ରାଏଲ ସେନା ଦ୍ୱାରା କେନ୍ଦ୍ରୀୟ ଗାଜାର ଅଲ ଅହଲି ହସ୍ପିଟାଲରେ ଏହି ଆକ୍ରମଣ ହୋଇଛି ବୋଲି ହମାସ ଦାବି କରିଛି । ଏହି ହସ୍ପିଟାଲକୁ ଗାଜା ଷ୍ଟ୍ରିପର ଶେଷ ଖ୍ରୀଷ୍ଟିଆନ ହସ୍ପିଟାଲ ବୋଲି କୁହାଯାଏ । ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦାବି କରିଛି ଯେ ଇସ୍ରାଏଲ ସେନା ସନ୍ଧ୍ୟାରେ ଅଲ ଅହଲି ଆର୍ବ୍ରି ବାପ୍ଟିଷ୍ଟ ହସ୍ପିଟାଲରେ ଏୟାର ଷ୍ଟ୍ରାଇକ୍ କରିଥିଲା, ଯେଉଁଥିରେ ୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ସୂଚନା ମିଳିଛି ଯେ ଜୋର୍ଡାନରେ ଥିବା ଇସ୍ରାଏଲ୍ ଦୂତାବାସ ଉପରେ ଆକ୍ରମଣ କରାଯାଇଛି । ତେବେ ପାଲେଷ୍ଟାଇନ ମଧ ଏହି ଆକ୍ରମଣକୁ ନିଶ୍ଚିତ କରି କହିଛି ଯେ ଇସ୍ରାଏଲର ଏୟାର ଷ୍ଟ୍ରାଇକ ଯୋଗୁଁ ଗାଜାର ଅଲ ଅହଲି ଆରବ ହସ୍ପିଟାଲରେ ବୋମା ମାଡ଼ ହୋଇଛି । ୫୦୦ରୁ ଅଧିକ ପ୍ରାଣ ହରାଇଛନ୍ତି । ଏଥିରେ ବହୁ ସଂଖ୍ୟକ ମହିଳା ଏବଂ ଶିଶୁ ମଧ ରହିଛନ୍ତି । ଯଦି ଏହି ଆକ୍ରମଣ ଇସ୍ରାଏଲ ଦ୍ୱାରା ସୁନିଶ୍ଚିତ ହୁଏ, ତେବେ ଏହା ୨୦୦୮ ପରଠାରୁ ଇସ୍ରାଏଲର ଘାତକ ଆକ୍ରମଣ ହେବ । ହସ୍ପିଟାଲ ଉପରେ ଆକ୍ରମଣକୁ ନିନ୍ଦା କରିଛି ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ।

# ବସ୍ ଧର୍ମଘଟକୁ ନେଇ ସଂଘ କହିଲା: ଆମ ପାଖରେ ଆଉ କିଛି ବିକଳ୍ପ ନାହିଁ, ଲୋକଙ୍କୁ କ୍ଷମା ମାଗୁଛୁ



ଭୁବନେଶ୍ୱର, ୧୮/୧୦ (ନି.ପ୍ର): ଦୁର୍ଗା ପୂଜା ପୂର୍ବରୁ ରାଜ୍ୟରେ ଠପ୍ ହେବ ବସ୍ ସେବା। ପୁଣି ଧର୍ମଘଟ ଡାକରା ଦେଇଛି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ। ଆସନ୍ତା ୨୦ ତାରିଖରୁ ସାରା ରାଜ୍ୟରେ ବସ୍ ଚଳାଚଳ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି ବସ୍ ମାଲିକ ସଂଘ। ରାଜ୍ୟ ସରକାରଙ୍କ 'ଲକ୍ଷ୍ମୀ' ଯୋଜନାକୁ ବିରୋଧ କରି ସଂଘ ଏପରି ନିଷ୍ପତ୍ତି ନେଇଛି। ପୂଜା ଛୁଟିରେ ବସ୍ ଧର୍ମଘଟ ଯୋଗୁ ସାଧାରଣ ଲୋକ ହଇରାଣ ହୋଇପାରନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ସଂଘ କହିଛି, ଆମ ପାଖରେ ଆଉ କିଛି ବିକଳ୍ପ ନାହିଁ, ଲୋକଙ୍କୁ କ୍ଷମା ମାଗୁଛୁ। ଆଜି ଘରୋଇ ବସ ମାଲିକ ସଂଘ କର୍ମକର୍ତ୍ତାଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଗତ ୯ ତାରିଖରେ ରାଜ୍ୟ ସରକାରଙ୍କ ସହିତ ଆଲୋଚନା ପରେ ହୋଇଥିବା ନିଷ୍ପତ୍ତି ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଠକୁଥିବାରୁ ବସ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବହୁ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଆସନ୍ତା ୨୦ ତାରିଖରେ ରାଜ୍ୟବ୍ୟାପୀ ବସ୍ ଧର୍ମଘଟ ଡାକରା ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକ ପରେ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ। ଗଣ ମାଧ୍ୟମକୁ ସୂଚନା ଦେଇ ଶ୍ରୀ ସାହୁ କହିଛନ୍ତି, ▶▶ପୃଷ୍ଠା ୭

# ଭିଜିଲାନ୍ସ ଜାଲରେ ଜେଇ: ଘରୁ ମିଳିଲା ୫୦ରୁ ଊର୍ଦ୍ଧ୍ୱ ବ୍ୟାଙ୍କ ପାସବୁକ୍



ପାଲଲହଡ଼ା, ୧୮/୧୦ (ନି.ପ୍ର): ଭିଜିଲାନ୍ସ ଜାଲରେ ଜେଇ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପାଲଲହଡ଼ା ବିଇଓ ଅଫିସର ଜେଇ ପ୍ରସନ୍ନ କୁମାର ପାଣିଙ୍କ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଅନୁଗୋଳ, ପୁରୀ, ଭୁବନେଶ୍ୱର ସମେତ ୯ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ରେଡ୍ କରାଯାଇଛି। ପ୍ରସନ୍ନଙ୍କ ପାଲଲହଡ଼ା ଅଫିସ ଓ ଭଡ଼ା ଘରେ ମଧ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଭୁବନେଶ୍ୱରର ୬ଟି ସ୍ଥାନରେ ଓ ପୁରୀରେ ଗୋଟିଏ ସ୍ଥାନରେ ରେଡ୍ ଚାଲିଥିବା ସୂଚନା ରହିଛି। ଏହାସହ ପ୍ରସନ୍ନଙ୍କ ବ୍ୟବସାୟୀକ ପାର୍ଟନର ଓ ସମ୍ପର୍କୀୟଙ୍କ ଘରେ ମଧ ମାରାଥନ ରେଡ କରୁଛି ଭିଜିଲାନ୍ସ। ପ୍ରସନ୍ନ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ବିଭାଗ ଘଟଣାର ତଦନ୍ତ କରି ତାଙ୍କ ଘରେ ଚଢ଼ାଉ କରିଥିଲା। ୬ଜଣ ଡିଏସପି, ୬ଜଣ ଇନ୍ସପେକ୍ଟର ରାଙ୍କର ଅଫିସର ଏହି ଚଢ଼ାଉରେ ସାମିଲ ହୋଇଛନ୍ତି। ଚଢ଼ାଉ ବେଳେ ପ୍ରସନ୍ନଙ୍କ ଘରୁ ୫୦ରୁ ଊର୍ଦ୍ଧ୍ୱ ବ୍ୟାଙ୍କ ପାସବୁକ୍, ସୁନା ଅଳଙ୍କାର ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି।

# କ୍ୟାପିଟାଲ୍ ମେଡ଼ିକାଲ୍‌ରୁ ୫୦ରୁ ୬୦ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଚୋରି

ଭୁବନେଶ୍ୱର, ୧୮/୧୦ (ନି.ପ୍ର): କ୍ୟାପିଟାଲ୍ ମେଡ଼ିକାଲ୍‌ରୁ ୫୦ରୁ ୬୦ ଲକ୍ଷ ଟଙ୍କାର ଲାବ୍ ଯନ୍ତ୍ରାଂଶ ଚୋରି ହୋଇଛି। ସଫେଇ କର୍ମଚାରୀଙ୍କ ବେଶରେ ଚୋରମାନେ ମେଡ଼ିକାଲ୍‌ରେ ପଶି ଚୋରି କରିଛନ୍ତି। ଯାହାର ପୂରା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏନେଇ ଅଭିଯୋଗ ପରେ କମିଶନରେଟ୍ ପୁଲିସ୍ ଘଟଣାର ତଦନ୍ତ ଚଳାଇଛି। ମଙ୍ଗଳବାର ବିଳମ୍ବିତ ରାତି। ଶୂନ୍‌ଶାନ୍ ଥିଲା ରାଜଧାନୀ ଭୁବନେଶ୍ୱରର ଛାତି ଉପରେ ଛିଡ଼ା ହୋଇଥିଲା କ୍ୟାପିଟାଲ୍ ହସ୍ପିଟାଲ୍। ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ୟୁରୀଟି ଗାର୍ଡ ପ୍ରବେଶ ପଥରେ ପଡ଼ିଥିବା ଲୁହା ଚେରାୟାରରେ ବସି ମୋବାଇଲ୍‌ରେ ଗପୁଛି। ▶▶ପୃଷ୍ଠା ୭

# ବଢ଼ିଲା ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ଅଡୁଆ




ତିର୍ତ୍ତୋଲ, ୧୮/୧୦ (ନି.ପ୍ର): ଦିନକୁ ଦିନ ବଢୁଛି ତିର୍ତ୍ତୋଲର ବିଜେଡି ବିଧାୟକ ବିଜୟ ଶଙ୍କର ଦାସଙ୍କ ପାଇଁ ଅଡୁଆ। ଆଜି କଟକ ସବ୍ ରେଜିଷ୍ଟ୍ରାର ଅଫିସରେ ସବ୍ ରେଜିଷ୍ଟ୍ରାରଙ୍କୁ ଭେଟି ଅଭିଯୋଗ କରିଛନ୍ତି ବିଜୟ ଶଙ୍କରଙ୍କ ପୂର୍ବତନ ପ୍ରେମିକା ସୋମାଲିକା ଦାଶ। କୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ବିଧାୟକ କିପରି ଅନ୍ୟ ଜଣେ ଯୁବତୀଙ୍କ ସହ ବିବାହ ପାଇଁ ଆବେଦନ କରିଛନ୍ତି ସେନେଇ ଅଭିଯୋଗ କରିଛନ୍ତି। ଏହା ସହ ବିଜୟ ଶଙ୍କର ବିବାହ ଆବେଦନକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି ବୋଲି ଏକ କପି ସବ୍ ରେଜିଷ୍ଟ୍ରାରଙ୍କୁ ଦେଇଛନ୍ତି। ଏହା ସହ ବିଜୟଙ୍କ ବୟସ ସଂପର୍କିତ ତଥ୍ୟକୁ ନେଇ ଅଭିଯୋଗ କରିଛନ୍ତି। 'ମୋତେ ଯେତେବେଳେ ବିଜୟ ଶଙ୍କର ବିବାହ କରିବାକୁ କୋର୍ଟରେ ଆବେଦନ ▶▶ପୃଷ୍ଠା ୭

# ଆଜମ ଖାନ୍‌ଙ୍କ ପୂରା ପରିବାରକୁ ୭ ବର୍ଷ ଜେଲ୍



ନୂଆଦିଲ୍ଲୀ,୧୮/୧୦ : ଜେଲ୍ ଗଲେ ସମାଜବାଦୀ ପାର୍ଟି ନେତା ତଥା ପୂର୍ବତନ ମନ୍ତ୍ରୀ ଆଜମ ଖାନ୍‌ଙ୍କ ପୂରା ପରିବାର। ନକଲି ଜନ୍ମ ପ୍ରମାଣପତ୍ର ମାମଲାରେ ଆଜମ ଖାନ୍‌ଙ୍କ ପୂରା ପରିବାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଆଜମ ଖାନଙ୍କ ସମେତ ତାଙ୍କ ପୁଅ ଅବଦୁଲ୍ଲା ଆଜମ ଓ ପତ୍ନୀ ତଞ୍ଜିମ ଫାତିମା ଏହି ମାମଲାରେ ଦୋଷୀ ପ୍ରମାଣିତ ହୋଇଛନ୍ତି। ଏହି ତିନି ଜଣଙ୍କୁ ସାତ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି କୋର୍ଟ। ଏଥିସହ ଆଜମ ଖାନ୍‌ଙ୍କ ଜାମିନ ବାତିଲ କରି ଦିଆଯାଇଛି। ବିଜେପି ନେତା ଆକାଶ ସକ୍ସେନା ଆଜମ ଖାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଏବେ ଏହି ମାମଲାର ▶▶ପୃଷ୍ଠା ୭

# ବିଦ୍ୟୁତ ମହଙ୍ଗା ପଛରେ ଆଦାନୀ: ରାହୁଲ ଗାନ୍ଧୀ




ନୂଆଦିଲ୍ଲୀ,୧୮/୧୦ : ପୁଣି ଥରେ ଆଦାନୀ ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧି। ଆଦାନୀ ଗ୍ରୁପ ୨୦ ହଜାର ନୁହେଁ ୩୨ ହଜାର କୋଟି ଟଙ୍କାର ଦୁର୍ନୀତି କରିଥିବା ରାହୁଲ ଗାନ୍ଧି ବଡ଼ ଅଭିଯୋଗ ଆଣିଛନ୍ତି। ଆଉ ବିଦ୍ୟୁତ ଦର ବୃଦ୍ଧି ପଛରେ ଆଦାନୀର ହାତ ଥିବା କହି ସେ ମୋଦି ସରକାରଙ୍କୁ ଘେରିଛନ୍ତି। କଂଗ୍ରେସ ମୁଖ୍ୟାଳୟରେ ଆୟୋଜିତ ଏକ ପ୍ରେସ କନ୍‌ଫ୍ରେନ୍ସରେ ଆଦାନୀ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଆଣିଛନ୍ତି ସାଙ୍ଘାତିକ ଅଭିଯୋଗ ରାହୁଲ। ଆଦାନୀ ଗ୍ରୁପ୍ ୨୦ହଜାର ▶▶ପୃଷ୍ଠା ୭

# ନିର୍ବାଚନ ପୂର୍ବରୁ ତେଲେଙ୍ଗାନାରେ ୧୦୦ କୋଟିରୁ ଅଧିକ ଟଙ୍କା ଜବତ




ନୂଆଦିଲ୍ଲୀ,୧୮/୧୦ : ନିର୍ବାଚନ ପୂର୍ବରୁ ତେଲେଙ୍ଗାନାରେ ୧୦୦ କୋଟିରୁ ଅଧିକ ଟଙ୍କା ଜବତ ହୋଇଛି। ତାରିଖ ଘୋଷଣା ହେବାର ମାତ୍ର ୮ ଦିନ ମଧ୍ୟରେ ଏତେ ପରିମାଣର ଟଙ୍କା, ସୁନା ଓ ମଦ ଜବତ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଆସନ୍ତା ନଭେମ୍ବର ୩୦ରେ ଅନୁଷ୍ଠିତ ହେବ ତେଲେଙ୍ଗାନା ବିଧାନସଭା ନିର୍ବାଚନ। ଏନେଇ ତାରିଖ ଘୋଷଣା ହେବା ସହ ରାଜ୍ୟରେ ନିର୍ବାଚନ ଆଚରଣବିଧି ମଧ ଲାଗୁ ହୋଇଛି। ନିର୍ବାଚନ କମିଶନ ତାରିଖ ଘୋଷଣା କରିବା ପରେ ଧରପଗଡ଼କୁ ଜୋରଦାର କରାଯାଇଛି। ତାରିଖ ଘୋଷଣା ହେବା ଠାରୁ ୮ ଦିନ ମଧ୍ୟରେ ପୁଲିସ ୧୦୦ କୋଟିରୁ ଅଧିକ ଟଙ୍କା ଜବତ କରିଛି। ଜବତ କରାଯାଇଥିବା ନଗଦ ୫୬ କୋଟି ଟଙ୍କା, ଜବତ ସୁନା, ରୂପା ଓ ହୀରା ଯାହାର ଦାମ ୩୮.୪୫ କୋଟି ଟଙ୍କା, ଜବତ ମଦ ଯାହାର ଦାମ ୨.୬ କୋଟି, ସେହିଭଳି ଜବତ ହୋଇଥିବା ଗଞ୍ଜେଇର ମୂଲ୍ୟ ପାଖାପାଖି ୩.୪୨ କୋଟି ଟଙ୍କା ଏବଂ ୭୦ ଲକ୍ଷ ଟଙ୍କାର ଅନ୍ୟାନ୍ୟ ସାମଗ୍ରୀ ଯାହା ସବୁ ମିଶାଇ ଦେଲେ ୧୦୦ କୋଟିରୁ ଅଧିକ ଟଙ୍କା ହେବ ବୋଲି ନିର୍ବାଚନ କମିସନ କହିଛନ୍ତି। ୨୦୧୮ ମସିହା ବିଧାନସଭା ନିର୍ବାଚନ ବେଳେ ମୋଟ ୧୦୩.୮୯ କୋଟି ଟଙ୍କା ଜବତ କରାଯାଇଥିଲା। କିନ୍ତୁ ଚଳିତ ବର୍ଷ ଏହାର ସଂଖ୍ୟା ଆହୁରି ଅଧିକ ହେବ ବୋଲି ଅଧିକାରୀମାନେ କହିଛନ୍ତି। ପ୍ରକାଶ ଥାଉକି, ୧୧୯ ଆସନ ବିଶିଷ୍ଟ ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ନଭେମ୍ବର ୩୦ରେ ଭୋଟିଂ ହେବ। ସେହିଭଳି ମିଜୋରାମରେ ନଭେମ୍ବର ୭ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ମଧ୍ୟ ପ୍ରଦେଶରେ ନଭେମ୍ବର ୧୭ ତାରିଖରେ ଭୋଟ୍ ହେବାକୁ ଥିବା ବେଳେ ରାଜସ୍ଥାନରେ ନଭେମ୍ବର ୨୫ରେ ଭୋଟ ଗ୍ରହଣ ହେବ। କେବଳ ଛତିଶଗଡ଼ରେ ଦୁଇଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ। ଏଠାରେ ନଭେମ୍ବର ୭ରେ ପ୍ରଥମ ପର୍ଯ୍ୟାୟ ଓ ନଭେମ୍ବର ୧୭ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ। ଏହି ୫ ରାଜ୍ୟରେ ଡିସେମ୍ବର ୩ରେ ଭୋଟ ଗଣତି ସହ ରେଜଲ୍ଟ ପ୍ରକାଶ ପାଇବ।

# ଲୋକସେବା ଭବନରେ ପୁଣି ଅଗ୍ନିକାଣ୍ଡ

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ଭୁବନେଶ୍ୱର ଲୋକସେବା ଭବନରେ ପୁଣି ଅଗ୍ନିକାଣ୍ଡ ଘଟିଛି। ଏସ୍‌ସି/ଏସ୍‌ଟି ବିଭାଗ ଛାତ ଉପର ଥିବା ଏସି କଂପ୍ରେସରରେ ନିଆଁ ଲାଗି ଯାଇଛି। ନିଆଁକୁ ନିୟନ୍ତ୍ରଣ କରାଯାଇଥିବା ସୂଚନା ମିଳିଛି। ତେବେ ନିଆଁ କିପରି ଲାଗିଲା ତାହା ଜଣାପଡ଼ିନାହିଁ। ସର୍ଟ ସର୍କିଟରୁ ଲାଗିଲା ନା ଆଉ କିଛି କାରଣ ଅଛି ଜଣାପଡ଼ି ନାହିଁ। ନିଆଁ ଲାଗି ଲୋକସଭାରେ କ'ଣ କ୍ଷତି ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ଏହି ସମୟରେ କେହି କର୍ମଚାରୀ ଥିଲେ ନାହିଁ ତାହା ମଧ ଜଣାପଡ଼ିନାହିଁ।





ସାଗରିକା

ଶାରଦୀୟ ସାରସ୍ୱତ ସମାରୋହ-୨୦୨୩

'ସାଗରିକା' ଶାରଦୀୟ ବିଶେଷାଙ୍କର ଲୋକାର୍ପଣ ଉତ୍ସବ ତଥା ସାରସ୍ୱତ ସମାରୋହ ବାଲେଶ୍ୱରର ନୃତ୍ୟ ସଂଗୀତ କଳାମନ୍ଦିର ସଭାଗୃହରେ ଆସନ୍ତା ୨୩ ତାରିଖ ମହାନବମୀ, ସୋମବାର ସକାଳ ୧୦ ଘଟିକା ସମୟରେ ଅନୁଷ୍ଠିତ ହେବ।

ଏହି ଶାରଦୀୟ ସାରସ୍ୱତ ସମାରୋହକୁ ସଫଳ କରିବା ପାଇଁ ଆପଣମାନଙ୍କ ଉପସ୍ଥିତି କାମନା କରୁଛୁ ।

ସୃଷ୍ଟିଧର ପରିଡା
ମୁଖ୍ୟ ତଥା ପରିଚାଳନା ସଂପାଦକ
ସାଗରିକା, ବାଲେଶ୍ୱର

# ଗଜଲକ୍ଷ୍ମୀ ଭସାଣି ପାଇଁ ପ୍ରଶାସନର ଦ୍ୱିତୀୟ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୮/୧୦ (ନି.ପ୍ର): କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ପାଇଁ ଜିଲ୍ଲା ପ୍ରଶାସନର ଦ୍ୱିତୀୟ ପ୍ରସ୍ତୁତି ବୈଠକ କେନ୍ଦ୍ରାପଡ଼ା ପୌରପାଳିକା ଟାଉନ୍‌ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଶାନ୍ତିଶୃଙ୍ଖଳାର ସହ ଗଜଲକ୍ଷ୍ମୀ ପୂଜା, ମେଲୋଡ଼ି, ମେଲଣ ଶୋଭାଯାତ୍ରା ଓ ଭଷାଣୀ ଉତ୍ସବ ସମାପନ ପାଇଁ ଏହି ଅବସରରେ ତିନୋଟି ସମନ୍ୱୟ କମିଟି ଗଠନ କରାଯାଇଛି । କେଶପୁର ଅଂଚଳକୁ ନେଇ ପ୍ରଥମ ସମନ୍ୱୟ କମିଟି ଗଠନ ହୋଇଥିବା ବେଳେ ପୁରୁଣା ବସଷ୍ଟାଣ୍ଡ ଅଂଚଳକୁ ନେଇ ଦ୍ୱିତୀୟ ଓ ନୂଆ ବସ୍‌ଷ୍ଟାଣ୍ଡ ଅଂଚଳକୁ ନେଇ ତୃତୀୟ ସମନ୍ୱୟ କମିଟି ଗଠନ ହୋଇଛି । ପରେପରେ ଭଷାଣୀରେ ସାମିଲ ହେବାକୁ ଥିବା ମେଢ଼ମାନଙ୍କର କ୍ରମ ନିରୂପଣ ପାଇଁ ଲଟେରୀ ହୋଇଥିଲା । ସୂଚନା ଯୋଗ୍ୟ ଯେ, ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ନୂଆ ବସ୍‌ଷ୍ଟାଣ୍ଡ ଆଡ଼କୁ ଯିବାକୁ ଥିବା ମେଢ଼ମାନଙ୍କ ମଧ୍ୟରେ ସ୍ଥିର ରହିଥିବା ମା' ଥାନପତି କ୍ଲବ୍, ମା' କାକଟ ମଙ୍ଗଳା କ୍ଲବ୍, ପୁରୁଣା ବସଷ୍ଟାଣ୍ଡ ପୂଜା କମିଟି ଲଟେରୀ ପ୍ରକ୍ରିୟାରେ ସାମିଲ୍ ହୋଇନଥିଲେ । ସେହିପରି ପୁରୁଣା ବସଷ୍ଟାଣ୍ଡଠାରୁ କେଶପୁର ଆଡ଼କୁ ଯିବାକୁ ଥିବା ମେଢ଼ ମାନଙ୍କ ମଧ୍ୟରେ ସ୍ଥିର ଥିବା ବ୍ୟାସ ସରୋବର ପୂଜା କମିଟି, ସାନ୍ତ ସାହି ଲଟେରୀ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିନଥିଲେ । ଅନ୍ୟ ସମସ୍ତ ୪୪ଟି ପୂଜା କମିଟି ଲଟେରୀ ପ୍ରକ୍ରିୟାରେ ସାମିଲ ହୋଇଥିଲେ । ମୋଟ୍ ୬୮ଟି ମେଢ଼ ମଧ୍ୟରୁ ଚଳିତଥର ୪୮ଟି ମେଢ଼ ଭଷାଣୀ ଉତ୍ସବରେ ସାମିଲ ହେବେ । ପୁରୁଣା ବସଷ୍ଟାଣ୍ଡଠାରୁ କେଶପୁର ଆଡ଼କୁ ୨୨ଟି ମେଢ଼ ଯିବାକୁ ଥିବା ବେଳେ ନୂଆବସ୍‌ଷ୍ଟାଣ୍ଡ ଆଡ଼କୁ ଯିବେ ୨୬ଟି ମେଢ଼ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର (ରାଜସ୍ୱ)ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଉପ-ଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ର କୁମାର ପ୍ରଧାନ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଧୀରେନ୍ଦ୍ର କୁମାର ମଲ୍ଲିକ, କେନ୍ଦ୍ରାପଡ଼ା ତହସିଲ୍‌ଦାର ଅଞ୍ଜଳୀ ତରାଇ, ମୁନିସିପାଲିଟିର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଟାଉନ୍ ଥାନା ଆଇଆଇସି ଦିଲ୍ଲିପ କୁମାର ସାହୁ, ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି ଓ ସମସ୍ତ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ କେନ୍ଦ୍ରାପଡ଼ା ତହସିଲ୍‌ଦାର ଅଞ୍ଜଳୀ ତରାଇ ।

# କୃଷି ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନର ଅଗ୍ରଗତି ନେଇ ସମୀକ୍ଷା କଲେ କୃଷି ମନ୍ତ୍ରୀ

ଭୁବନେଶ୍ୱର, ୧୮/୧୦ (ନି.ପ୍ର): କୃଷି ଓ କୃଷକଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର କୃଷି ବଜେଟ୍ ରେ ଅଧିକରୁ ଅଧିକ ଅର୍ଥ ବ୍ୟୟବରାଦ କରୁଥିବାବେଳେ ବରାଦି ଅର୍ଥକୁ ଧାର୍ଯ୍ୟ ସମୟ ମଧରେ ଖର୍ଚ୍ଚ କରିବା ଦିଗରେ ଅଧିକାରୀମାନେ ଅଧିକ ତତ୍ପରତା ପ୍ରକାଶ କରନ୍ତୁ । ବଜେଟ୍ ଅର୍ଥକୁ ଧାର୍ଯ୍ୟ ସମୟ ମଧରେ ଓ ସଠିକ୍ ଉପାୟରେ ଖର୍ଚ୍ଚ କଲେ ଯୋଜନାର ସଫଳ ରୂପାୟନ ହୋଇପାରିବ ଏବଂ ଚାଷୀମାନଙ୍କୁ ଯୋଜନାର ସୁଫଳ ମିଳିପାରିବ । ଏହା ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ରାଜ୍ୟର ଚାଷୀମାନଙ୍କର ଆୟବୃଦ୍ଧି ଘଟିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ମଙ୍ଗଳବାର କୃଷି ଭବନଠାରେ ଆୟୋଜିତ ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନର ଅଗ୍ରଗତି ସଂପର୍କରେ ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରାପ୍ୟ ଓ ସୁବିଧା ଠିକଣା ସମୟରେ ହିତାଧିକାରୀଙ୍କ ନିକଟରେ ସିଧାସଳଖ ପହଞ୍ଚିଲେ ଏହାର ମହତ୍ୱ ବୃଦ୍ଧି ପାଇଥାଏ । ଆଗାମୀ ଦିନରେ ଖରିଫ ଫସଲ ଅମଳ ହେବାକୁ ଥିବା ପରିପ୍ରେକ୍ଷୀରେ କୌଣସି ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ କ୍ଷେତ୍ରସ୍ତରରେ ଅଧିକାରୀମାନେ ପ୍ରସ୍ତୁତ ରହିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ ।

ବୈଠକରେ ସାର, ବିହନର ଯୋଗାଣ ସମେତ କୃଷି ଯାନ୍ତ୍ରିକୀକରଣ ଓ ବିଭିନ୍ନ ଯୋଜନାରେ ଅଣଧାନ ଫସଲ ଯାଥା-ଡାଲି, ତୈଳବୀଜ, ଝୋଟ, କପା ଆଦି ଚାଷକୁ ପ୍ରୋତ୍ସାହନ, ଫସଲର ବିବିଧିକରଣ, ସମନ୍ୱିତ କୃଷି, ସବୁଜ ଖତରେ ଧନିଚା ଚାଷ, ଓଡ଼ିଶା ମିଲେଟ୍ ମିଶନରେ ମାଣ୍ଡିଆ ଚାଷର ପ୍ରସାର, ଉତ୍ପାଦନ, ଉନ୍ନତ ମାନର ଆଖୁ ଚାଷ ଆଦିର ଅଗ୍ରଗତି ସଂପର୍କରେ ବିଶଦ ଭାବରେ ସମୀକ୍ଷା କରାଯାଇଥିଲା । ଏଥି ସହିତ ଆରଆଇଡିଏଫ୍ ଅନ୍ତର୍ଗତ ଜଳନିଧି-୧ ଏବଂ ଜଳନିଧି-୨ର କାର୍ଯ୍ୟାନ୍ୱୟନ ସଂପର୍କରେ ସମୀକ୍ଷା କରାଯାଇଥିଲା । ସ୍ୱଳ୍ପ ବୃଷ୍ଟିପାତ ଅଂଚଳଗୁଡ଼ିକରେ ଭୂତଳ ଜଳର ଉପଯୋଗ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ନିରନ୍ତର ଆୟ ନିମନ୍ତେ ସମନ୍ୱିତ କୃଷିକୁ ପ୍ରୋତ୍ସାହନ ପାଇଁ କାର୍ଯ୍ୟକାରୀ ହେଉଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବଂ ବ୍ୟକ୍ତିଗତ ସ୍ତରରେ ସମନ୍ୱିତ କୃଷି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦିଗରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏଥି ସହିତ ବୈଠକରେ ସଘନ କୃଷି କାର୍ଯ୍ୟକ୍ରମରେ ଡାଲି, ତୈଳବିଜ, ଝୋଟ, ମେସ୍ତା, କପା ଚାଷର ଅଗ୍ରଗତି ସମେତ ଟେକ୍ନୋଲୋଜି ମିଶନରେ କରାଯାଉଥିବା କପା, ଆଖୁଚାଷ ସଂପର୍କରେ ସବିଶେଷ ଆଲୋଚନା ହୋଇଥିଲା । ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଅଂଚଳରେ ଫସଲର ବିବିଧିକରଣ କରି ଅଣଧାନ ଫସଲ ଚାଷକୁ ବିଭାଗ ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଉଥିବାବେଳେ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ଚାଷୀମାନଙ୍କ ମଧରେ ମୃତିକା ସ୍ୱାସ୍ଥ୍ୟ କାର୍ଡ ବଂଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲା ।

ବୈଠକ ପ୍ରାରମ୍ଭରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ବିଭିନ୍ନ ଯୋଜନାର ଅଗ୍ରଗତି ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ବୈଠକରେ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ସ୍କିମ୍ ଅଧିକାରୀଙ୍କ ସମେତ ସମସ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଯୋଗଦେଇଥିଲେ ।

## ବିଲେଇପଦାରେ ସଡ଼କ ଦୁର୍ଘଟଣା : ବାଇକ ଆରୋହୀ ମୃତ

ଚମ୍ପୁଆ, ୧୮/୧୦ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ଥାନା ବିଲେଇପଦା ଠାରେ ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ୍ୟୁ ବରଣ କରିଥିବା ଜଣା ପଡିଛି । ମୃତକ ମହାଦେବନସା ତଳ ସାହିର କଲ୍ୟାଣ ନାଏକ ବୋଲି ଜଣାପଡିଛି । ସେ ଆଜି ଏକ ବାଇକ୍ ଯୋଗେ ବିଲେଇପଦା ଅଭିମୁଖେ ଯାଇଥିବା ବେଳେ, ହରେକୃଷ୍ଣ ମଣ୍ଡପ ନିକଟରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ସେଠାରୁ ଖସି ପଳାଇଥିଲା । ଟ୍ରକ ମାଡ଼ିଯିବା ଫଳରେ ଘଟଣା ସ୍ଥଳରେ ହିଁ ବାଇକ୍ ଆରୋହୀ କଲ୍ୟାଣ ନାଏକଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ପୋଲିସ ଘଟଣସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିବା ସହିତ ଦୁର୍ଘଟଣା ଘଟାଇଥିବା ଟ୍ରକର ପତା ଲଗାଇବାକୁ ଚେଷ୍ଟା ଚଳାଇଛି । ଅନ୍ୟ ପଟେ ଦୁର୍ଘଟଣା ପରେ ଉତ୍ୟକ୍ତ ଲୋକଙ୍କ ଦ୍ୱାରା ରାସ୍ତା ରୋକ କରାଯାଇଛି । ଫଳରେ ବିଲେଇପଦା ଦେଓଝର ରାସ୍ତାରେ ଗାଡି ଚଳାଚଳ ସଂପୂର୍ଣ୍ଣ ବନ୍ଦ ହେବା ଦ୍ୱାରା ରାସ୍ତା ଦୁଇ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଥିବା ଜଣା ପଡିଛି ।

# ଡୁଙ୍ଗୁରିପାଲି ଗାଁର ମା' ମାହେଶ୍ୱରୀ ଦେବୀଙ୍କ ସ୍ୱତନ୍ତ୍ର ପୀଠରେ ପୂଜା ଆରମ୍ଭ

ବଲାଙ୍ଗୀର, ୧୮/୧୦ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଆଗଲପୁର ବ୍ଲକ ର କୁଟାସିଂହ ।ଗ୍ରା.ପ. ଅନ୍ତର୍ଗତ ଡୁଙ୍ଗୁରିପାଲି ଗାଁ ରେ ଅବସ୍ଥିତ ମା ମା ।ହେ ପୀଠ,ଯାହାକି ୧୩୦ ବର୍ଷରୁ ଉର୍ଦ୍ଧ ବର୍ଷ ହେବ । ପୀଠ ସ୍ଥାପନା ହୋଇଛି,ଯାହାକି ବିଶ୍ୱାସ,ପରମପର ଓ ସଂସ୍କୃତି ର ପ୍ରତୀକ । ଅଂଚଳରେ ହଇଜା ରୋଗରେ ପୀଡିତ ଲୋକଙ୍କ ଅକାଳ ମୃତ୍ୟୁ ହେଉଥିଲା, ସେହି ସମୟର ତତ୍କାଳୀନ ମହାରାଣୀ ଙ୍କୁ ମାତା ଙ୍କ ସପ୍ନା ଆଦେଶ କ୍ରମେ ଏହି ସ୍ଥାନ ମାତା ମାହେଶ୍ୱରୀଙ୍କ ପୀଠ ସ୍ଥାପନ କରାଯାଇଥିଲା । ମାଙ୍କ ଆଶୀର୍ବାଦରେ ଅଂଚଳର ଲୋକମାନେ ହଇଜା ରୋଗର ଆରୋଗ୍ୟ ଲାଭ କଲେ, ସେହି ଦିନ ଠାରୁ ଡୁଙ୍ଗୁରିପାଲି ର ମା ମାହେଶ୍ୱରୀ ଦେବୀଙ୍କ ଖ୍ୟ ।ତି ବଢ଼ିବାରେ ଲାଗିଲା , ବର୍ତ୍ତମାନ ପର୍ଯ୍ୟନ୍ତ ଦୀର୍ଘ ୫ ପିଢ଼ି ଧରି , ଭାଗିରଥି ଛନ୍ଦ, ଯୁଗେଶ୍ୱର ଛନ୍ଦ , ଉଜଳ ଛନ୍ଦ, ପୁରାଣ ମହାକୁର, ଶମ୍ଭୁ ମହାକୁର, ନିରନ୍ତର ଭାବେ ମାଆଙ୍କ ନିଷ୍ଠ । ଭାବରେ ପୂଜାକରି ଆସୁଛନ୍ତି,ଏହି ପୀଠର ବିଶେଷତ୍ୱ ହେଲା , ଦୀର୍ଘ ଦିନ ଧରି ନିସନ୍ତାନ ଙ୍କୁ ମା ଙ୍କ ଆଶୀର୍ବାଦ ରୁଁ ସନ୍ତାନ ପ୍ରାପ୍ତି ହୋଇଥାଏ । ତେଣୁକରି ଏହି ଦଶହାର ମାସର ନବମୀ ଓ ପୂର୍ଣ୍ଣମୀ ତିଥିରେ ରେ ତଥା ପ୍ରତେହ ପୂର୍ଣ୍ଣମୀ ତିଥିରେ ପୂଜାପାଠ କରାଯାଏ ।ଖଣ୍ଡା ଲେଉଟା ଦିନରୁ ଅଖଣ୍ଡ ଦୀପ ଲାଗି ଦୀର୍ଘ ୯ ଦିନ ପର୍ଯ୍ୟନ୍ତ ଭକ୍ତ ମାନେ ନିର୍ଜ୍ୱାଳା ଉପବାସ ରହି ପ୍ରତେହ ଦିନ ସକାଳୁ ଓ ସନ୍ଧ୍ୟାରେ ମାଙ୍କୁ ପୂଜା କରିଥାନ୍ତି ।ଏହି ତିଥିରେ ଶହ ଶହ ଶ୍ରଦ୍ଧାଳୁ ତଥା ମାନସିକଧାରି ଙ୍କ ସମାଗମ ହୋଇଥାଏ,ସର୍ବ ପୁରାତନ ଡାଲଖାଇ ଗୀତ ମଧ ବା ।ଜା । ର ତାଳେ ତାଳେ ନାଚିଥାନ୍ତି,ଏହି ନାଚ କୁ ଦେଖିବା ପାଇ ଅଂଚଳରେ ଭିଦର ସୁଅ ଛୁଟିଥା ।ଏ ।ବର୍ତ୍ତମାନ ଏହି ପୀଠରେ ସମ୍ଭୁ ମହକୁର ପୂଜା କରି ଆ ।ସୁଛନ୍ତି ।ଏଠା ।ରେ ସୂଚନାଯୋଗ୍ୟ ଯେ ଡୁମାଲ୍ ସମ୍ପ୍ରଦାୟର ସମସ୍ତେ ଏହି ପୂଜା କରି ନବା ।ର୍ଣ୍ଣ ଭକ୍ଷଣ କରିଥାଆନ୍ତି ।

# ଜୟପୁର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୧୮/୧୦ (ନି.ପ୍ର): ସୁରଭି ୨୦୨୩ ବ୍ଲକ ସ୍ତରୀୟ କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ନେହେରୁ ନଗର ସ୍ଥିତ ସିଟି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି । ଏଥିରେ ଜୟପୁର ଗୋଷ୍ଠି ଶିକ୍ଷାଧିକାରି ଙ୍କ ଅଧିନସ୍ଥ ୧୫ଟି କ୍ଲଷ୍ଟର ୩ ଶହରୁ ଅଧୁକ ଛାତ୍ର ଛାତ୍ରୀ ଏବଂ ୨୪୦ ଶିକ୍ଷକ ଶିକ୍ଷୟତ୍ରୀ ଭାଗ ନେଇଥିଲେ । ପ୍ରଥମ ଉଦଘାଟନି ଉତ୍ସବରେ ଗୋଷ୍ଠି ଶିକ୍ଷାଧିକାରି ଚନ୍ଦନ କୁମାର ନାୟକଙ୍କ ସଭାପିତ୍ୱରେ ମୁଖ୍ୟ ଅତିଥିରୁପେ ଅବସର ପ୍ରାପ୍ତ ଗୋଷ୍ଠିଶିକ୍ଷାଧିକାରି ତଥା ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ,ସମ୍ମାନିତ ଅତିଥିରୁପେ ସିଟି ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରି ବି ସୁଜତା, ଜିଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ଅଧକ୍ଷ ରୂପ ଚାନ୍ଦ ସୋରେନ, ଜଗଦିଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଦିପ, ପୂର୍ବତନ ଏବିଇଓ ହରିଶ ରାଓ, ପୂର୍ବତନ ପ୍ରଧାନଶିକ୍ଷକ ଲକ୍ଷ୍ମୀ କାନ୍ତ ପାଢୀ, ଅତିରିକ୍ତ ଶିକ୍ଷାଧିକାରି କୈଳାଶ ଚନ୍ଦ୍ର ଶତପଥି ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହାପରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ଉର୍ନ୍ନିତ ପ୍ରତିଯୋଗିଙ୍କୁ ନେଇ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ସିଟି ହାଇସ୍କୁଲ ଏସଏମସି ସଭାପତି ଆର୍କଲୁ ଶ୍ରିନିବାସ ଉପସ୍ଥିତ ଥିଲେ । ଏଠାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ଜିଲା ସ୍ତରିୟ ସରୁଭି-୨୦୨୩ ରେ ଭାଗ ନେବେ । ସଭାଗୁ ଶିକ୍ଷକ ସଂଘର ସଭାପତି ଦେବି ପ୍ରସାଦ ଦାସ ସହ ଅନାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ, କାର୍ଯ୍ୟାଳୟର କର୍ମଚାରି ମାନେ ସହଯୋଗ କରିଥିଲେ ।

# ବିଦ୍ୟୁତ ଅଫିସ ଆଗରେ ଧାରଣା

ପୁରୀ, ୧୮/୧୦ (ନି.ପ୍ର): ଟି.ପି.ସି.ଓ.ଡି.ଏଲ. ବିଦ୍ୟୁତ୍ ବିଭାଗରେ ବିଭିନ୍ନ ଏଜେନ୍ସୀ ମାଧମରେ କାର୍ଯ୍ୟ କରୁଥିବା ମିଟର ରିଡର୍, ବିଲ୍ କଲେକ୍ଟର, ଲାଇନ ମ୍ୟାନ, ହେଲପର, ଗ୍ରାହକ ସେବାକେନ୍ଦ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀ, ମିଟର ବସାଇବା କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କୁ ଓଡ଼ିଶା ଶ୍ରମ ଆଇନ ଅନୁଯାୟୀ ଦରମା ପ୍ରଦାନ ଓ ଇପିଏଫ ଡିପୋଜିଟରେ ଅସମାନତା ଦୂର କରିବା, ବକେୟା ତେଲ ଟଙ୍କା ପ୍ରଦାନ ଓ ଏହି କର୍ମଚାରୀ ମାନଙ୍କ ସାମାଜିକ ସୁରକ୍ଷା ବିଷୟ ଆଦି ଦାବି ନେଇ ଦିଆଯାଇଥିବା ନୋଟିସ ଅନୁଯାୟୀ ଆଜି ପୁରୀ ବିଦ୍ୟୁତ୍ ବିଭାଗ ଅଫିସ ସମ୍ମୁଖରେ ସଂଘ ତରଫରୁ ଧାରଣା ଦିଆଯାଇଥିଲା । ବରିଷ୍ଠ ଶ୍ରମିକ ନେତା ତଥା ସଂଘର ସଭାପତି ଶ୍ରୀକାନ୍ତ ପରିଜା, ଭୀମସେନ ସ୍ୱାଇଁ, ଷ୍ଟାଲିନ ପାଇକରାୟ, ପବିତ୍ର ମୋହନ ଦଳେଇଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଥିଲା । ଆନ୍ଦୋଳନ ଚାଲିଥିବା ସମୟରେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସୁସମ୍ବିତ୍ ସାହୁ ଓ ଡ଼ିଭିଜନ ମ୍ୟାନେଜର ସ୍ମୃତି ରଞ୍ଜନ ସ୍ୱାଇଁ ଆଲୋଚନା ପାଇଁ କର୍ମଚାରୀ ମାନଙ୍କୁ ନିମନ୍ତ୍ରଣ କରିଥିଲେ । ଏହାପରେ ଆଲୋଚନା କରାଯାଇଥିଲା । ଏଥିରେ ସୁସମ୍ବିତ୍ ସାହୁ ଓ ଡ଼ିଭିଜନ ମ୍ୟାନେଜର ସ୍ମୃତିରଞ୍ଜନ ସ୍ୱାଇଁ, ଭବାନୀ ମିଶ୍ର କର୍ମଚାରୀ ମାନଙ୍କ ତରଫରୁ ସଭାପତି ଶ୍ରୀକାନ୍ତ ପରିଜା, ସାଧାରଣ ସମ୍ପାଦକ ନୃସିଂହ ଚରଣ ଦାସ, କୋଷାଧକ୍ଷ ଶେଖ ଆଜାଦ, ଶରତ ଜେନା, ଶେଷଦେବ ରାୟ, କାର୍ତ୍ତିକ ନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଏହି ବୈଠକରେ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । କୁଶଳୀ ଦରମା ପ୍ରଦାନ ବିଷୟ ହେଡ ଅଫିସ ସହିତ ଆଲୋଚନା କରାଯାଇ ଶୀଘ୍ର ନିଷ୍ପତି ଗ୍ରହଣ କରାଯିବ । ଅନ୍ୟାନ୍ୟ ସମସ୍ୟା ଗୁଡ଼ିକ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବା ପାଇଁ ସମ୍ମତି ପ୍ରକାଶ ପାଇଛି । ଯଦି ଖୁବ ଶୀଘ୍ର ସମସ୍ୟା ସମାଧାନ କରାନଯାଏ ତେବେ ଜିଲ୍ଲାପାଳ ପୁରୀଙ୍କ ଅଫିସ ଘେରାଉ କରାଯିବା ସହିତ ଜେଲ ଭରୋ ଆନ୍ଦୋଳନ କରାଯିବ ବୋଲି ଶାନ୍ତନୁ ମିଶ୍ର, ଲୋକନାଥ ଗଡ଼ନାୟକ, ସୁଶାନ୍ତ ବେହେରା, ସୁନିଲ ରଥ, ପୁରୁଷୋତମ ମିଶ୍ର, ଧର୍ମେନ୍ଦ୍ର କୁଅଁର, ମାନସ ବରାଳ, ମହେଶ୍ୱର ସାହୁ, ସୁଚିସ୍ମିତା ପଣ୍ଡା, ତପତି ବେହେରା, କଦାର ମାଠ ଆଦି ସମସ୍ତ କର୍ମଚାରୀ ମାନେ କହିଥିଲେ ।

# କୁମ୍ଭାର ଶାଳ ପରିଦର୍ଶନ କଲେ ଏସଡିସି ଅଧ୍ୟକ୍ଷ

ମାଲକାନଗିରି, ୧୮/୧୦ (ନି.ପ୍ର): ମାଲକାନଗିରି ବ୍ଲକ ଅନ୍ତର୍ଗତ ଶିଖପାଲ୍ଲୀ ର କୁମ୍ଭାର ସାହିରେ ପ୍ରତିଦିନ ଚକଟା ମାଟିରୁ ତିଆରି ହୁଏ ନା ନା ପ୍ରକାରର ମାଟିର ଆବରର୍ତ୍ତନ । ବର୍ତମାନ ମାଟି ତିଆରି ସମ୍ଭାନର ଚାହିଦା କମିବାର ଲାଗିଲେ ମଧ ସେମାନେ ନିଜ ବୃତିକୁ ଛାଡି ନାହାନ୍ତି ପ୍ରତି ଦିନ ଚକ ଉପରେ ଚକଟା ମାଟି ରଖି ସେଥିରେ ବିଭିନ୍ନ ଆକାରର ଦିଅନ୍ତି ପୂର୍ଣ୍ଣ ରୂପ ହେବା ପରେ ସେହି ମାଟିରେ ତିଆରି ସାମଗ୍ରୀକୁ ଖରାରେ ଶୁଖାଇ ନିଆଁରେ ପୋଡି ତାକୁ ପ୍ରସ୍ତୁତ କରନ୍ତି । କିନ୍ତୁ ବର୍ତମାନ ସେମାନଙ୍କ କୁମ୍ଭାର ଶାଳର ଅବସ୍ଥା ଅତି ଦୟନୀୟ ହୋଇ ପଡ଼ିଥିବାରୁ ସେମାନେ ତାଙ୍କ କୁମ୍ଭାର ଶାଳର ମରାମତି ପାଇଁ ଏସ ଡି ସି ଅଧକ୍ଷ ଶ୍ରୀ ଆଡମା ରାବାଙ୍କୁ ଅନୁରୋଧ କରିଥିଲେ । ତେବେ ଅନୁରୋଧ ରକ୍ଷା କରି ଏସ ଡି ସି ଅଧକ୍ଷ ଶ୍ରୀ ରାବା ଶିଖ ପଲ୍ଲୀ ସ୍ଥିତ କୁମ୍ଭାର ଶାଳ ଠାରେ ପହଂଚିଥିଲେ । ନିଜ ଗହଣ ରେ ଏସ ଡି ସି ଅଧକ୍ଷ ଙ୍କୁ ପାଇ କୁମ୍ଭାର ଶାଳର ଅବସ୍ଥା ବୁଲେଇ ଦେଖିବା ସହ ଆଖ ପାଖ ଅଂଚଳ ଲୋକେ ମାନେ ସ୍ଥାନୀୟ ସମସ୍ୟା ବିଷୟରେ କହିବାକୁ ଲାଗିଲେ ସେଥି ମଧରୁ ଏସ ଏ ଜି ମା ମାନଙ୍କ ଦ୍ୱାରା କରାଯାଇଥିବା ସମସ୍ୟା ସହ ଅନ୍ୟ ସବୁ ସମସ୍ୟାର ସମାଧାନ ଲାଗି ପ୍ରତିଶ୍ରୁତି ଦେବା ସହ ସେମାନଙ୍କ ପୂଜା ସ୍ଥଳୀରେ ଏକ ହୁଣ୍ଡି ମନ୍ଦିର ନିର୍ମାଣ ଲାଗି ଶୁଭ ଦେଇଥିଲେ । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଶ୍ରୀ ଆଡମା ରାବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବ ନେତା ସନାତନ ମାଡକାମି ଉପସ୍ଥିତ ଥିବା ବେଳେ ଅନ୍ୟ ମାନଙ୍କ ମଧରେ ମୁନା ମାଡକାମି, ସୁନିଲ ସାହୁ, ରାକେଶ ବାଲା ଓ ବହୁ ସଂଖ୍ୟାରେ ସ୍ଥାନୀୟ ଯୁବକ ଭାଇ ମାନେ ଉପସ୍ଥିତ ଥିଲେ ।

# ମୋ ମାଟି ମୋ ଦେଶ : ଆସନ୍ତା ୨୮ରେ ଭୁବନେଶ୍ୱର ଆସିବ ରାଜ୍ୟରୁ ସଂଗୃହୀତ ମାଟି କଳସ

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ରାଷ୍ଟ୍ର ପାଇଁ ବଳିଦାନ ଦେଇଥିବା ଅମର 'ବୀର'ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଦେଶବ୍ୟାପୀ "ମୋ ମାଟି ମୋ ଦେଶ" କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଦେଶର ଅଖଣ୍ଡତା ପାଇଁ ଯେଉଁ ଯବାନମାନେ ଲଢୁଛନ୍ତି ସେମାନଙ୍କ ସ୍ମୃତି ରକ୍ଷା ପାଇଁ ମୋଦିଜୀ ଆହ୍ୱାନ କ୍ରମେ ଆଜି ଯବାନମାନଙ୍କ ସ୍ମୃତି ପାଇଁ ଘର ଘର ବୁଲି କଳସରେ "ମାଟି ସଂଗ୍ରହ" କରାଯାଉଛି । ଦେଶର ପ୍ରତି ଗାଁ, ପଂଚାୟତ, ବ୍ଲକ, ସହର, ନଗର, ପୌରପାଳିକା ଅଂଚଳରେ ବୀର ସ୍ୱାଧୀନତା ସଂଗ୍ରାମୀ ଓ ଯବାନଙ୍କ ବଳିଦାନ ସ୍ମୃତିରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି । କଳସରେ ସଂଗୃହୀତ ମାଟି ଏକାଠି ହୋଇ ଦିଲ୍ଲୀ ଯିବ, ସେଠାରେ ସହିଦଙ୍କ ପାଇଁ ଏହା ଏକ ବଡ ସ୍ମାରକୀ ପ୍ରତିଷ୍ଠା କରାଯିବ । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବିଜେପି ତରଫରୁ ରାଜ୍ୟର କୋଣ ଅନୁକୋଣରୁ ମାଟି ସଂଗ୍ରହ କରାଯାଉଛି । ପ୍ରଥମେ ସଂଗୃହୀତ ମାଟି କଳସକୁ ବ୍ଲକ ସ୍ତରରେ ଏକାଠି କରାଯିବା ପରେ ଆସନ୍ତା ୨୮ ତାରିଖ ଦିନ ସମସ୍ତ ବ୍ଲକରୁ ଭଭବନେଶ୍ୱରକୁ ଅଣାଯିବ । ଏହା ପରେ ଦିଲ୍ଲୀକୁ ପଠାଯିବ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

# କନ୍ଧମାଳକୁ ଆସିଲା ଶୀତ: ଧିରେ ଧିରେ ଖସୁଛି ତାପମାତ୍ରା, ଅନୁଭୂତ ହେଉଛି ଥଣ୍ଡା

କନ୍ଧମାଳ, ୧୮/୧୦ (ନି.ପ୍ର): ଦୁଇ ତିନି ଦିନ ହେଲା ଫୁଲବାଣୀ ସମେତ କନ୍ଧମାଳକୁ ଶୀତ ଛୁଇଁଚି । ପାରଦ ମଧ ଦିନକୁ ଦିନ ଧୀରେ ଧୀରେ ଖସିବାରେ ଲାଗିଛି । ଗତ ସୋମବାର ଫୁଲବାଣୀର ସର୍ବନିମ୍ନ ତାପମାତ୍ରା ୧୭ ଡିଗ୍ରୀ ସେଲସିୟସ ଏବଂ ଓଡିଶାର କାଶ୍ମୀର ଭାବେ ପରିଚିତ ଦାରିଙ୍ଗବାଡିରେ ୧୫.୫ ଡିଗ୍ରୀ ସେଲସିୟସ ଥିବା ନେଇ ଜିଲ୍ଲା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଫଳରେ ଥଣ୍ଡା ଅନୁଭବ ହେଉଛି । ଏହା ସାଙ୍ଗକୁ ସକାଳ ୮ଟା ପର୍ଯ୍ୟନ୍ତ ଘନ କୁହୁଡ଼ି ମଧ ଲାଗି ରହୁଛି । ଘନ କୁହୁଡିର ଚାଦର ତଳେ ସାରା କନ୍ଧମାଳ । କୁହୁଡ଼ି ଯୋଗୁ ମୁହଁକୁ ମୁହଁ ଦେଖାଯାଉନି । ଫଳରେ ସକାଳ ୯ଟା ପୂର୍ବରୁ ଘରୁ ପଦାକୁ ବାହାରି ପାରୁନାହାନ୍ତି ଲୋକେ । ସେପଟେ ସଞ୍ଜ ନଇଁବା କ୍ଷଣି ଏବେ ପୁଣି ଦୁଇ ଦିନ ହେଲା ଥଣ୍ଡା ମାଡି ଆସୁଛି । ତେବେ ଆଗକୁ ପର୍ଯ୍ୟଟନ ଋତୁ ଆସୁ ଥିବାରୁ କନ୍ଧମାଳ ଜିଲାର ପ୍ରାକୃତିକ ମନୋରମ ପରିବେଶକୁ ମନଭରି ଉପଭୋଗ କରିବା ଲାଗି ଜିଲ୍ଲାରେ ଥିବା ପର୍ଯ୍ୟଟନ ସ୍ଥଳୀ ଗୁଡିକର ମରାମତି ଓ ସଫାସୁତୁରା କାମ ହେଉଥିବା ଜଣାପଡ଼ିଛି । ଏ ବର୍ଷ ଭଲ ବର୍ଷା ହୋଇଥିବାରୁ ଥଣ୍ଡା ମଧ ଜୋର୍ ହେବାର ଆଶଙ୍କା ଥିବା ଅନୁମାନ କରାଯାଉଛି ।

# ଜିଲ୍ଲାସ୍ତରୀୟ ଜୀବ ନିଷ୍ଠୁରତା ନିରୋଧ ଆଇନ ଓ ପଶୁକଲ୍ୟାଣ ସଚେତନତା ଶିବିର

ଭବାନୀପାଟଣା, ୧୮/୧୦ (ନି.ପ୍ର): ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ, କଳାହାଣ୍ଡି ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ " ଜିଲ୍ଲାସ୍ତରୀୟ ଜୀବ ନିଷ୍ଠୁରତା ନୀରୋଧ ଆଇନ ଓ ପଶୁକଲ୍ୟାଣ ସଚେତନତା ଶିବିର" ଅନୁଷ୍ଠିତ ହୋଇଯାଇଛି । ସଭାରେ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗ ଦେଇଥିଲେ । ପ୍ରଥମେ ଡଃ. ହେମନ୍ତ କୁମାର ପ୍ରଧାନ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ ଜଣାଇ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଜଣାଇଥିଲେ । ଡଃ ଅଶୋକ ପଣ୍ଡା, ଅତିରିକ୍ତ ଜିଲ୍ଲାପ୍ରାଣୀ ଚିକିତ୍ସାଧାରୀ ( ଜୀବେ କଲ୍ୟାଣ), କଳାହାଣ୍ଡି, ଜିଲ୍ଲାରେ ଚାଲିଥିବା ବିଭିନ୍ନ ଜୀବେ କଲ୍ୟାଣ କାର୍ଯ୍ୟକ୍ରମ ତଥା ରାଜ୍ୟ ସରକାରଙ୍କ ତରଫରୁ ପ୍ରଣୀତ ବିଭିନ୍ନ ଯୋଜନା ବିଷୟରେ ଜଣାଇଥିଲେ । ବିଶେଷ ଭାବରେ ବୁଲା, ପରିତ୍ୟକ୍ତ ଓ ରୋଗୀଣା ଗାଈ, ଷଣ୍ଢ, କୁକୁର ଓ ଅନ୍ୟ ଗୃହପାଳିତ ପଶୁଙ୍କୁ ଉଦ୍ଧାର, ଯତ୍ନ ଓ ଚିକିତ୍ସା ଉପରେ ସବିଶେଷ ସୂଚନା ଦେଇଥିଲେ । ସଭାରେ ଜିଲ୍ଲାପାଳ ଭବାନୀପାଟଣା ମ୍ୟୁନିସିପାଲିଟିରେ ବୁଲା ଗାଈ ଗୋରୁଙ୍କ ନିୟନ୍ତ୍ରଣର ଆବଶ୍ୟକ ରହୁଛି ଏବଂ ଏଥିପାଇଁ ସ୍ୱେଚ୍ଛାକୃତ ଭାବେ ଏକ ଗୋଶାଳା ସ୍ଥାପନ କରାଗଲେ ବିକ୍ଷିପ୍ତ ଭାବେ ରାସ୍ତା ଘାଟରେ ବୁଲୁଥିବା ନିଜେ ଦୁର୍ଘଟଣା ଓ ଦୁର୍ଘଟଣାର କାରଣ ହେଉଥିବା ପଶୁଙ୍କୁ ରକ୍ଷା କରାଯାଇପାରନ୍ତା ବୋଲି କହିଥିଲେ ।

# ବଲାଙ୍ଗିର ଜିଲ୍ଲା ପରିଦର୍ଶନରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ବଲାଙ୍ଗିର ପରିଦର୍ଶନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ ଅସିତ୍ ତ୍ରିପାଠୀ ପଶ୍ଚିମ ଓଡିଶା ଗସ୍ତର ଦ୍ୱିତୀୟ ଦିନରେ ଅନେକ ଉନ୍ନୟନମୂଳକ ପ୍ରକଳ୍ପର ପରିଦର୍ଶନ କରିବା ସହ ଅଂଚଳବାସୀଙ୍କ ବିଭିନ୍ନ ଦାବିକୁ ଗୁରୁତ୍ୱ ଦେଇ ସହାୟତା ରାଶି ଘୋଷଣା କରିଛନ୍ତି । ବଲାଙ୍ଗିର ଜିଲ୍ଲା ପାଟଣାଗଡ ବ୍ଲକ ସ୍ଥିତ ଇନଡୋର ଷ୍ଟାଡିୟମ ପରିଦର୍ଶନ କରି ଷ୍ଟାଡିୟମର ଭିତିଭୂମିର ବିକାଶ ସହ ଯୁବ ଖେଳାଳୀଙ୍କ ପ୍ରଶିକ୍ଷଣକୁ ଗୁରୁତ୍ୱ ଦେବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ଦ୍ୱାରା ୧୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବା ନେଇ ସୂଚନା ଦେଇଛନ୍ତି ଶ୍ରୀ ତ୍ରିପାଠୀ । ଜବାହରଲାଲ ମହାବିଦ୍ୟାଳୟପରିଦର୍ଶନ କରି ଛାତ୍ରଛାତ୍ରୀ ଓ ଅଧାପକଙ୍କ ସହ ଆଲୋଚନା କରି ଉକ୍ତ କଲେଜରେ ଏକ ମଲ୍ଟିପ୍ରୋପଜ୍ ହଲ୍ ନିର୍ମାଣ ପାଇଁ ୧ କୋଟି ଟଙ୍କା ର ସହାୟତା ରାଶି ଘୋଷଣା କରିଛନ୍ତି । ଗାନ୍ଧୀ ଷ୍ଟାଡିୟମରେ ଫ୍ଲୋଡ୍ ଲାଇଟ୍ ର ବ୍ୟବସ୍ଥା କରିବା ପାଇଁ ୩ କୋଟି ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି ଶ୍ରୀ ତ୍ରିପାଠୀ ।


ପବିତ୍ର ହରିଶଙ୍କର ପୀଠ ପରିଦର୍ଶନ କରି ହରିଶଙ୍କର ପରିସରରେ ନିର୍ମାଣ ହେଉଥିବା ପ୍ରବେଶ ଦ୍ୱାର, ବ୍ୟାରେଜ୍ ଓ ସୁରକ୍ଷା ବନ୍ଧ, ପାର୍କିଂସ୍ଥଳୀ, ଭିୟୁ ପଏଂଟ, ବାଖ୍ୟା କେନ୍ଦ୍ର ଆଦିର ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ସହ ଡିସେମ୍ବର ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯୋଗିମୁଣ୍ଡା ଗ୍ରାମରେ ଥିବା ଆଇଟିଆଇ କଲେଜରେ ଛାତ୍ରଛାତ୍ରୀଙ୍କ ସାକ୍ଷାତ କରିବା ସହ ଜିଲ୍ଲାରେ ଥିବା ପାଠାଗାରର ଉନ୍ନତିକରଣ ପାଇଁ ୪ ଟି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଯୋଗାଇଦିଆଯିବା ନେଇ ସେ ଘୋଷଣା କରିଛନ୍ତି ।

ପାଟଣାଗଡ ବ୍ଲକରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅନ୍ତର୍ଗତ ୫୫ ଲକ୍ଷ ବ୍ୟୟ ବରାଦରେ ନିର୍ମିତ ହୋଇଥିବା କମର୍ସିଆଲ୍ ବ୍ରଏଲର ଫାର୍ମର ପରିଦର୍ଶନ କରିବା ସହ ରାମପୁର ଗ୍ରାମର ସଫଳ ଯୁବ ଉଦ୍ୟୋଗୀ ଜ୍ଞାନେନ୍ଦ୍ର ଜୈନଙ୍କୁ ସାକ୍ଷାତ କରିଥିଲେ । ପଶ୍ଚିମ ଓଡିଶା ବିକାଶ ପରିଷଦ ଦ୍ୱାରା ଜିଲ୍ଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୀ ହେଉଥିବା ୧୩୨ ଟି ସିସିଟିଭି କ୍ୟାମେରାର ତଦାରଖ କରିଥିଲେ । ପରିଦର୍ଶନରେ ବଲଙ୍ଗିର ଜିଲ୍ଲାପାଳ ଚଂଚଲ ରଣାଙ୍କ ସମେତ ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ଅଜିତ୍ କୁମାର ମିଶ୍ର ଓ ଅନ୍ୟାନ୍ୟ ବିଶେଷଜ୍ଞ ସଦସ୍ୟ ଉପସ୍ଥିତ ଥିଲେ ।

# କେନ୍ଦ୍ରାଚଂଳ ଆରଡିସିଙ୍କ ଜଗନ୍ନାଥ ଷ୍ଟାଡିୟମ ପରିଦର୍ଶନ

ପୁରୀ, ୧୮/୧୦ (ନି.ପ୍ର): ଆଜି ପୂର୍ବାହ୍ନରେ କେନ୍ଦ୍ରାଚଂଳ ରାଜସ୍ୱ ଆୟୁକ୍ତ ଡଃ. ସୁରେଶ ଚନ୍ଦ୍ର ଦଳାଇ ପୁରୀ ଜଗନ୍ନାଥ ଷ୍ଟାଡିୟମ ପରିଦର୍ଶନ କରିଥିଲେ । ଡଃ. ଦଳାଇଙ୍କ ସହ ଜିଲ୍ଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ରହି ଷ୍ଟାଡିୟମ ସହ ବହୁମୁଖୀ କ୍ରୀଡା ହଲ, ସନ୍ତରଣାଗାର, ରୋଷେଇଶାଳା, ଭୋଜନ କେନ୍ଦ୍ର ବା ଡାଇନିଂ ହଲ ଶୌଚାଳୟ ଇତ୍ୟାଦି ପରିଦର୍ଶନ କରି ଖୁସି ବ୍ୟକ୍ତ କରିଥିଲେ । ଏହା ସୁନ୍ଦର ଭାବେ ବର୍ତମାନ ପରିଚାଳିତ ହେଉଛି । ତେବେ ପରବର୍ତୀ ସମୟରେ ଏହି ସମସ୍ତ ବ୍ୟବସ୍ଥା ଅନୁରୂପ ଭାବେ ପରିଚାଳନା କରିବାକୁ କେନ୍ଦ୍ରାଚଂଳ ଆୟୁକ୍ତ ଶ୍ରୀ ଦଳାଇ ପରାମର୍ଶ ଦେଇଥିଲେ । ପରେ କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ ମାନଙ୍କ ସହ ଆୟୁକ୍ତ ବାର୍ତାଳାପ କରି ଭଲମନ୍ଦ ସମ୍ପର୍କରେ ପଚାରି ବୁଝିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ ଏହି ପରିଦର୍ଶନରେ ସହଯୋଗ କରିଥିଲେ ।

# ପୃଥିବୀର ସ୍ୱର୍ଗ



ପ୍ରକୃତିପ୍ରେମୀ ଏଠାରେ ଭିଡ଼ ଜମାଉଛନ୍ତି । ବରଫାବୃତ୍ତ ସ୍ଥାନର ଏଇ ମନୋରମ ଦୃଶ୍ୟ ହୃଦୟକୁ ଶୀତଳତାରେ ଭରିଦିଏ । ଧଳା ଚାଦର ଦୁନିଆରେ ବରଫରୁ ଉଠୁଥିବା ଧୂଆଁକୁ ଦେଖିଲେ ସ୍ଥାନଟି ଆପଣଙ୍କୁ ପୃଥିବୀର ସ୍ୱର୍ଗ ଭଳି ମନେ ହେବ । କିଛିଦିନ ପାଇଁ ଈଶ୍ୱର ଏଇ ଅନନ୍ୟ ସ୍ଥାନକୁ ସ୍ୱର୍ଗରେ ପରିଣତ କରିଛନ୍ତି । ପୃଥିବୀର ତାପମାତ୍ରା ଯେତିକି ହ୍ରାସପାଏ, ସେହି ଅନୁସାରେ ସ୍ଥାନର ସୌନ୍ଦର୍ଯ୍ୟ ବହୁଗୁଣିତ ହୋଇଯାଏ । ଏ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆଶ୍ଚର୍ଯ୍ୟରେ ପକାଇବା ସହ ଆନନ୍ଦ ମଧ୍ୟ ଦିଏ ।

ଏଇ ଚିତ୍ର ବ୍ରିଟେନ୍‌ର ନାଏଗ୍ରା ଜଳପ୍ରପାତର, ଯେଉଁଠି ପୃଥିବୀର ସବୁଠୁ ବଡ଼ ଝରଣା ଏବେ ବରଫ ଚାଦର ଓଢ଼ି ବୋହୂ ସାଜିଛି । ବର୍ଷ ତମାମ୍ କଳକଳ ନାଦ କରୁଥିବା ଏଇ ଝରଣା ଥଣ୍ଡାରେ ଏକଦମ୍ ଜମିଯାଏ । ତା'ର ବରଫବେଶ ଦେଖିବା ପାଇଁ ଲକ୍ଷାଧିକ

# କାନ ପାଇଁ ମୁଣ୍ଡବୁଲା

**ମୁଣ୍ଡ ବୁଲାଇବା ଏକ ସାଧାରଣ ସମସ୍ୟା । ଛୋଟ ଠାରୁ ବଡ଼ ସମସ୍ତଙ୍କୁ ଏହା ପ୍ରଭାବିତ କରିଥାଏ । ମୁଣ୍ଡ ବୁଲାଇବା ସାଧାରଣତଃ ଦୁଇ ପ୍ରକାର । ମୁଣ୍ଡ ବୁଲାଇବା ବେଳେ କିଛି ଲୋକ ଘରଦ୍ୱାରା, ଗଛଲତା ସବୁ ବୁଲାଉଛି ବୋଲି କହନ୍ତି । ଆଉ କିଛି ଲୋକ କହନ୍ତି ଖାଲି ପଡ଼ିଗଲାଭଳି ଲାଗୁଛି । କିଛି ଲୋକ ଉପରୋକ୍ତ ଦୁଇ ପ୍ରକାର ମୁଣ୍ଡ ବୁଲାହୁଏ ବୋଲି କହନ୍ତି ।**

ଏହି ମୁଣ୍ଡ ବୁଲାଇବା ବିଭିନ୍ନ କାରଣରୁ ହେଉଥିଲେ ମଧ୍ୟ ମୁଖ୍ୟତଃ ତିନୋଟି କାରଣରୁ ଏହା ହୋଇଥାଏ । କାନ, ଆଖି ଅଥବା ମସ୍ତିଷ୍କରେ ମାତ୍ରାଧିକ ଅସୁବିଧା ରହିଲେ ଏପରି ହୋଇଥାଏ । ଉପରୋକ୍ତ ଏକାଧିକ ଅଙ୍ଗର ଅସୁବିଧା ରହିଲେ ସମସ୍ୟାଟି ଆହୁରି ଗମ୍ଭୀର ହୁଏ । ଆସନ୍ତୁ ଆମେ ଏଠାରେ କେବଳ କାନ ପାଇଁ ହେଉଥିବା ମୁଣ୍ଡବୁଲା ବିଷୟରେ ଚର୍ଚ୍ଚା କରିବା

ସମସ୍ତେ ଭାବନ୍ତି କାନର କାମ ହେଲା ଶୁଣିବା । ମାତ୍ର କାନର ଆଉ ଏକ କାମ ହେଉଛି ମୁଣ୍ଡକୁ ସନ୍ତୁଳିତ ରଖିବା । ଅନ୍ତଃକର୍ଣ୍ଣରେ ଥିବା କକ୍‌ଲିଆ ଶୁଣିବାରେ ସାହାଯ୍ୟ କରୁଥିଲା ବେଳେ ଭେଷ୍ଟିବୁଲାର ଅର୍ଗାନ ସନ୍ତୁଳନରେ ସାହାଯ୍ୟ କରେ । ଶତକଡ଼ା ଅଶୀଭାଗ ମୁଣ୍ଡବୁଲା ରୋଗୀ କାନ ଜନିତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଅବଶିଷ୍ଟ କୋଡ଼ିଏ ଭାଗ ଆଖି ଅଥବା ମୁଣ୍ଡ



କାରଣରୁ ପ୍ରଭାବିତ ହୋଇଥାନ୍ତି । କାନ ଜନିତ ସମସ୍ୟା ବହୁତ କାରଣରୁ ହେଉଥିବା ବେଳେ ସେଥିମଧ୍ୟରୁ ମୁଖ୍ୟଟି ହେଲା ମେର୍ନିର୍ସ ସିଣ୍ଡ୍ରୋମ୍ । ସାଧାରଣ ଶ୍ରବଣ ପରୀକ୍ଷା (ଅଡ଼ିଓମେଟ୍ରି), ଟିମ୍ପାନୋମେଟ୍ରି ଏବଂ ଇଏନଜି ପରୀକ୍ଷା ଦ୍ୱାରା ଏହା ଜଣାପଡ଼େ । ଯେହେତୁ ଏହା ସ୍ନାୟୁଗତ ସମସ୍ୟା ଯଥାଶୀଘ୍ର ବିଶେଷଜ୍ଞଙ୍କ ପରାମର୍ଶ କଲେ ତୁରନ୍ତ ଫଳ ମିଳିଥାଏ । ବେଳେବେଳେ ଚିକିତ୍ସା ଡେରି ହେବା ଫଳରେ ସମସ୍ୟାଟି ପୂର୍ଣ୍ଣମାତ୍ରାରେ ସମାହିତ ହୋଇପାରେ ନାହିଁ । ସେଥିପାଇଁ ଔଷଧୀୟ ଚିକିତ୍ସା ପରେ ସ୍ଥଳ ବିଶେଷ ଶଲ୍ୟ ଚିକିତ୍ସା କରିବା ଜରୁରୀ ।

ଖରାଦିନେ ଆମର ଖାଦ୍ୟ, ପାନୀୟ ଆଦି ନେଇ ସାବଧାନତା ଆବଶ୍ୟକ । ଓଡ଼ିଶାର ଲୋକେ ସାଧାରଣତଃ ପଖାଳପ୍ରିୟ । ଖରାଦିନେ ଧନୀ, ଗରିବ ସମସ୍ତେ ପଖାଳ ଖାଇବା ସ୍ୱାଭାବିକ । ପଖାଳର ତୋରାଣିରେ ଯେଉଁ ମାତ୍ରାରେ ଲୁଣ ପଡ଼େ ତାହା ଆମେ ସମସ୍ତେ ପିଇ ଦେହର ଲୁଣ ଅଂଶ ଅଧିକ ମାତ୍ରାରେ ବଢ଼ାଇଥାଉ । ଏହା ଛଡ଼ା ଖରାରେ ବୁଲି ଶୋଷ ଲାଗିଲେ ଏକାଥରେ ଗ୍ଲାସରେ ନପିଇ ପୁରା ଅନିଦ୍ରା ରହୁ ଏହା ଫଳରେ ମୁଣ୍ଡ ବୁଲାଏ । ତେଣୁ ପଖାଳ ଖାଇବା ବେଳେ ତୋରାଣି ନପିଇ ପାଣି ପିଅନ୍ତୁ । ଲୁଣି ଆଚାର ଏବଂ ଶୁଖୁଆ କମ ଖାଆନ୍ତୁ । ଖାଇବା ବେଳେ କଳାଲୁଣ ଛୁଅନ୍ତୁ ନାହିଁ । ଡାଲି ତରକାରୀରେ ଯାହା ପଡ଼ିଛି ସେତିକି ଲୁଣ ଖାଆନ୍ତୁ । ସଧାରଣତଃ କୁହାଯାଏ ଜଣେ ଲୋକ ପାଇଁ ଦିନକୁ ଅତିକମରେ ପାଂଚ ଗ୍ରାମ ଲୁଣ ଦରକାର । ପାଣି ଏକାଥରେ ଅଧିକରୁ ଅଧିକ ଦୁଇ ଗ୍ଲାସକରି ଏକଘଂଟା ଅନ୍ତରରେ ପିଇ ପାରିବେ । ନିଶା ଅଭ୍ୟାସ ଛାଡ଼ନ୍ତୁ । ଅତ୍ୟଧିକ ଚିନ୍ତାରୁ ଦୂରେଇ ରହିବା, ରାତି ଅନିଦ୍ରା ନରହିବା, ରକ୍ତଚାପ ନିୟନ୍ତ୍ରଣରେ ରଖିବା ସହ ତୀବ୍ର ଶବ୍ଦ ଠାରୁ ଦୂରରେ ରହିବା ଆବଶ୍ୟକ । ଯେଉଁମାନଙ୍କ ପୂର୍ବରୁ ମୁଣ୍ଡବୁଲା ରୋଗ ରହିଥାଏ ସେମାନେ ଖରାଦିନେ ଯଥା ସମ୍ଭବ ମାତ୍ରାଧିକ ମୁଣ୍ଡ ଧୋଇବା ଠାରୁ ଦୂରେଇ ରହିବା ଉଚିତ ।

# ସୁସ୍ଥ ରେସ୍ତୋରାଁ



ରେସ୍ତୋରାଁର ସଂଖ୍ୟା ଗତ କିଛିବର୍ଷ ମଧ୍ୟରେ ବିଶ୍ୱସ୍ତରରେ ବୃଦ୍ଧି ପାଇଛି । ଲୋକେ ଘରେ ଖାଇବା ଅପେକ୍ଷା ରେସ୍ତୋରାଁରେ ଖାଇବାକୁ ଅଧିକ ପ୍ରାଧାନ୍ୟ ଦେଉଥିବାର ପ୍ରକାଶ । ତେବେ ଅନେକ ଏହା ମଧ୍ୟ ମତ ଦେଇଛନ୍ତି ଯେ ରେସ୍ତୋରାଁରେ ଅଧିକ ମସଲାଯୁକ୍ତ ଖାଦ୍ୟ ପ୍ରତ୍ୟହ ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ହେଲେ ନିକଟରେ ଚୀନର ରାଜଧାନୀ ବେଜିଂରେ ଅତ୍ୟାଧୁନିକ ସୁସ୍ଥ ରେସ୍ତୋରାଁ ଖୋଲିଛି । ଏହି ରେସ୍ତୋରାଁରେ ଖାଲି ଗ୍ରାହକଙ୍କ ବରାଦ ମୁତାବକ ଖାଦ୍ୟ ମିଳିନଥାଏ, ବରଂ ସେମାନଙ୍କ ପାଇଁ କେଉଁ ପ୍ରକାରର ଖାଦ୍ୟପେୟ ଉପଯୁକ୍ତ, ତାହାର ତାଲିକା ରେସ୍ତୋରାଁର ମେନକାର୍ଡ଼ ପ୍ରସ୍ତୁତ କରେ । ଗ୍ରାହକ ରେସ୍ତୋରାଁକୁ ପ୍ରବେଶ ପରେ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଛିଡ଼ା ହେବାକୁ ପରାମର୍ଶ ଦିଆଯାଏ । ଏହାପରେ ଯନ୍ତ୍ରଟଏ ଗ୍ରାହକର ଓଜନ, ଉଚ୍ଚତାକୁ ଦେଖିବା ସହ ତାଙ୍କ ଇଚ୍ଛା ଜାରିବାକୁ ଚେଷ୍ଟା କରେ । ପରେ ତାଙ୍କ ପାଇଁ କ'ଣ ଖାଇବା ଉଚିତ ହେବ, ତାହାର ତାଲିକାଟିଏ ପ୍ରସ୍ତୁତ କରି ଗ୍ରାହକଙ୍କୁ ସେହି ସ୍କ୍ରିନରେ ଦେଖାଏ । ଏବେ ଗ୍ରାହକ ନିଜ ମନପସନ୍ଦର ଖାଦ୍ୟ ବରାଦ ଦେଇଥାନ୍ତି । ଏହି ରେସ୍ତୋରାଁର ଲୋକପ୍ରିୟତା ଏବେ ବେଜିଂରେ ବଢ଼ିବାରେ ଲାଗିଛି ।

# ରକ୍ତହୀନତା ଓ ମହିଳା



**ସାଧାରଣତଃ ସହରାଂଚଳ ଅପେକ୍ଷା ଗ୍ରାମାଂଚଳରେ ମହିଳାମାନେ ଅଧିକ ସଂଖ୍ୟାରେ ରକ୍ତହୀନତାର ଶିକାର ହୋଇଥାନ୍ତି । ତେବେ ଏହି ରକ୍ତହୀନତା ରୋଗର ପ୍ରଥମରୁ ଚିକିତ୍ସା କରାଯାଇ ନପାରିଲେ ମଣିଷ ମୃତ୍ୟୁ ମୁଖକୁ ଟାଣି ହୋଇଯିବାର ସମ୍ଭାବନା ରହିଛି । ଏଥିପାଇଁ ବେଳହୁଁ ସତର୍କତା ଅବଲମ୍ବନ କରିବାର ଯଥାର୍ଥତା ରହିଛି । ତେବେ ରକ୍ତହୀନତା କ'ଣ ଏବଂ ଏହି ରୋଗର ଉପଚାର ସମ୍ପର୍କରେ ଆସନ୍ତୁ ଜାଣିବା ।**



ଇଂରାଜୀରେ ଗୋଟିଏ ପ୍ରବାଦ ରହିଛି ପ୍ରିଭେନଶନ ଇଜ୍ ବେଟର ଦ୍ୟାନ କିଓର । ତା'ଣ ଭାବାର୍ଥ ହେଲା ଚିକିତ୍ସା ଦ୍ୱାରା ରୋଗ ମୁକ୍ତ ହେବା ଅପେକ୍ଷା ରୋଗ ନିବାରଣ କରିବା ଭଲ । ଶିକ୍ଷିତା ନାରୀ ସ୍ୱାସ୍ଥ୍ୟ ପ୍ରତି ସଚେତନ ହୋଇ ବିଭିନ୍ନ ସ୍ୱାସ୍ଥ୍ୟଧର୍ମୀ ପତ୍ରିକା ପଢ଼ି ତଦନୁସାରେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ବେଶ୍ ଜାଣିପାରୁଛି । ଗ୍ରାମାଞ୍ଚଳରେ ଅଶିକ୍ଷିତ ତଥା ନିରକ୍ଷର ମହିଳାମାନେ ଅଜ୍ଞାତରେ ବଶବର୍ତ୍ତୀ ହୋଇ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉନାହାନ୍ତି । ପୁଷ୍ଟିକର ଖାଦ୍ୟ ଅଭାବରେ ଅନେକ ଗ୍ରାମ୍ୟ ମହିଳା ରକ୍ତହୀନତାର ଶିକାର ହୋଇ ଅକାଳରେ ପ୍ରାଣ ହରାଉଛନ୍ତି । ଓଡ଼ିଶାରେ ରକ୍ତହୀନତାର ମୃତ୍ୟୁ ହାର ସର୍ବାଧିକ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି । ଏଣୁ ଏହା ଏକ ଉଦ୍‌ବେଗର ବିଷୟ ଭାବେ ଦେଖା ଦେଇଛି ।

**ଲକ୍ଷଣ:** ଶରୀରରେ ରକ୍ତର ପରିମାଣ କମ୍ ହେଲେ ନିମ୍ନଲିଖିତ ଲକ୍ଷଣମାନ ପ୍ରକାଶ ପାଇଥାଏ । ଏଥିପ୍ରତି ଯତ୍ନବାନ ହେବାର ଆବଶ୍ୟକତାରହିଛି ।

- ରକ୍ତହୀନତାର ବ୍ୟକ୍ତି ଅଧିକ ଦୁର୍ବଳ ଅନୁଭବ କରେ । ସାମାନ୍ୟ ପରିଶ୍ରମ କଲେ ତାକୁ ଥକ୍କା ଲାଗେ ।

ଆଳସ୍ୟ ଏବଂ ନିରୁତ୍ସାହିତ ସର୍ବଦା ଲାଗିରହେ । କୌଣସି କାମରେ ମନ ଲାଗେନି ।

- ରୋଗୀ ସବୁବେଳେ ବିଛଣାରେ ପଡ଼ିରହିବାକୁ ପସନ୍ଦ କରେ । ଭୋଗ ଲାଗେ ନାହିଁ କିମ୍ବା ଭୋକହୁଏ । ଖାଦ୍ୟ ଭଲଭାବେ ଜୀର୍ଣ୍ଣ ହୁଏନାହିଁ ।
- ପେଟ ସବୁବେଳେ ଓଜନିଆ ଲାଗେ ।



କୋଷ୍ଠକାଠିନ୍ୟ ଲାଗିରାହେ ।

- ରକ୍ତହୀନତା ହେତୁ ବ୍ୟକ୍ତିକୁ ଚିଡ଼ିଚିଡ଼ା ଲାଗେ । ତା'ର ସ୍ମରଣ ଶକ୍ତି ମଧ୍ୟ କମିଯାଏ ।
- ଶରୀର ହଳଦିଆ ଦେଖାଯାଏ । ମୁଣ୍ଡ ବୁଲାଏ, ଆଖି ଆଗରେ ଝାପସା ଝାପସା ଦେଖାଯାଏ ।
- ରକ୍ତଚାପ କମ ହୋଇଯିବାର ଲକ୍ଷଣ ମଧ୍ୟ ପରିଲକ୍ଷିତ ହୁଏ ।
- ରୋଗ ବୃଦ୍ଧି ପାଇବା ଅବସ୍ଥାରେ ଓଠ, ଜିଭ, ନଖ ଆନିଧଳା ଦେଖାଯାଏ ।
- ଶରୀରରେ ତଥା ଗୋଡ଼ ହାତରେ ଯନ୍ତ୍ରଣା ଲାଗିରହେ ।
- ଏହାଦ୍ୱାରା ମାସିକ ଋତୁସ୍ରାବ ମଧ୍ୟ କମିଯାଏ । ଏମିତି ପରିସ୍ଥିତିରେ ଗର୍ଭଧାରଣ କଲେ ଶିଶୁ ଦୁର୍ବଳ ହୋଇପଡ଼େ ।

**ଶରୀରରେ ରକ୍ତ କମିଯିବାର କାରଣ ରକ୍ତସ୍ରାବ:**

ଖଣ୍ଡିଆ ହେଲେ, କଟିଗଲେ, ଅପରେସନ କିମ୍ବା ଅନ୍ୟ କୌଣସି କାରଣରୁ ଶରୀରରୁ ଯେବେ ଅଧିକ ରକ୍ତ ନିର୍ଗତ ହୁଏ, ତେବେ ଶରୀରରେ ରକ୍ତହୀନତା ଦେଖାଦିଏ ।

**ଅନ୍ତଃକୃମିର କାରଣ:** ଗ୍ରାମ୍ୟ ମହିଳାମାନେ ଖାଲି ପାଦରେ ସବୁବେଳେ ଆତଯାତ ହୁଅନ୍ତି । ପାଦରେ କୃମି ପେଟକୁ ଯାଇ ରକ୍ତ ଶୋଷଣ କଲେ ରକ୍ତହୀନତା ଦେଖାଦିଏ ସେହିପରି ଏମିତି କେତୋଟି ରୋଗ ଅଛି ଯାହା ଦ୍ୱାରା ଶରୀରୁ ରକ୍ତ ବାହାରିଯାଏ । ମଳକଣ୍ଟକ, ଆମାଶୟ, ବ୍ରଣ ଆଦି ।

**କୁପୋଷଣ:** ପୂର୍ଣ୍ଣଭାବେ ପୌଷ୍ଟିକ ଖାଦ୍ୟ ନମିଳିବା, ଖାଦ୍ୟରେ ସବୁଜ ପନିପରିବାର ଅଭାବ, ଫଳ ଓ କ୍ଷୀରର ଆବଶ୍ୟକତାକୁ ପୂରଣ କରି ନପାରିଲେ ରକ୍ତାଳ୍ପତା ହୁଏ । ଏହାବ୍ୟତୀତ ଆଂଟିବାୟୋଟିକ ଔଷଧ ସେବନର ଅଧିକ ହେତୁଲାଲ ରକ୍ତକଣିକା ତିଆରି ପାଇଁ ଅସୁବିଧା ଉପୁଜେ । ଭୋଜ୍ୟ ପଦାର୍ଥ ଭିତରୁ ଲୌହ ଭିଟାମିନ୍ସ ଆଦିର ଅଭାବରେ ମଧ୍ୟ ରକ୍ତହୀନତା ଦେଖାଦିଏ । ପୂର୍ଣ୍ଣ ଭାବେ ବିକଶିତ ହୋଇ ନଥିବା ଶରୀରକୁ ଗର୍ଭଧାରଣର ବୋଝ, ମାସିକ ଋତୁସ୍ରାବରେ ଅତ୍ୟଧିକ ରକ୍ତକ୍ଷରଣ, ବାରମ୍ବାର ଗର୍ଭଧାରଣ ମଧ୍ୟ ଅନ୍ୟସବୁ କାରଣ ବୋଲି ଜଣାପଡ଼ିଛି ।

**ରକ୍ତହୀନତା ଜନିତ ରୋଗ:** ଯଦି ସମୟ ଆଗରୁ ରକ୍ତହୀନତା ପ୍ରତି ଧ୍ୟାନ ଦିଆ ନଯାଏ ଅଥବା ଠିକ ସମୟରେ ଚିକିତ୍ସା ନକଲେ ଅନେକ ପ୍ରକାର ରୋଗ ବଢ଼ିଚାଲେ । ଶରୀର ହଳଦିଆ ହୋଇପଡ଼େ ଏବଂ ରୋଗୀ ଶକ୍ତିହୀନ ହୋଇ ବିଛଣାରେପଡ଼ିରହେ । କାମଳ ଓ ଜଳୋଦର ରୋଗ ମଧ୍ୟ ଗ୍ରାସ କରେ । ଏହା ବେଳେ ବେଳେ ଏମିତି ବିକଟାଳ ରୂପ ଧାଣର କରେ ଯେ ରୋଗୀ ମୃତ୍ୟୁମୁଖରେ ପଡ଼େ । ଗର୍ଭାବସ୍ଥାରେ ରକ୍ତହୀନତା ମା' ଓ ଶିଶୁ ଦୁହିଁଙ୍କ ସ୍ୱାସ୍ଥ୍ୟ ଉଦବେଗଜନକ ହୋଇପଡ଼େ ଏରୁ ରକ୍ତହୀନତାକୁ ସାମାନ୍ୟ ରୋଗ ନଭକାବି ତୁରନ୍ତ ଏହାର ଚିକିତ୍ସା କରାଇନେବା ଉଚିତ ।

**ରକ୍ତହୀନତାର ଚିକିତ୍ସା:** ଏହା ଦୂର କରିବା ପାଇଁ ଡାକ୍ତରଙ୍କ ପରାମର୍ଶରେ ଲୌହ ଏବଂ ଭିଟାମିନଯୁକ୍ତ ଖାଦ୍ୟ ପରିପୂର୍ଣ୍ଣ ଭାବରେ ଗ୍ରହଣ କରିବା ଉଚିତ । ଖାଦ୍ୟରେ ସବୁଜ ପନିପରିବା,ବିଭିନ୍ନ ପ୍ରକାରର ଶାଗ, ଯଥା-ପାଳଙ୍ଗ, ଖଡ଼ାଶାଗ, ଧନିଆପତ୍ର, ଫଳ ଭିତରେ କଦଳୀ, ସେଓ, ଅଙ୍ଗୁର, ଅଁଳା, ଗାଜର, ଟମାଟୋ, ଅମୃତଭଣ୍ଡା ଓ କ୍ଷୀର ମଧ୍ୟ ପ୍ରଚୁର ମାତ୍ରାରେ ଗ୍ରହଣ କରିବା ଜରୁରୀ । ଚୋକଡ଼ ମିଶ୍ରିତ ରୁଟି,ବଗଡ଼ା ଭାତ ଖାଇବା ବିଧେୟ । ସକାଳେ ସନ୍ଧ୍ୟାରେ ଖୋଲାପବନ ସେବନ କରିବା ଭଲ । ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କଲେ ଆଗକୁ ଭୟ ରହିବ ନାହିଁ । ଶରୀର ସାମାନ୍ୟ କ୍ଳାନ୍ତି ଅନୁଭବ କଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରିବା ଆବଶ୍ୟକ । କାରଣ ରକ୍ତହୀନତା ଯୋଗୁଁ ଶରୀର ଶକ୍ତି ନପାଇ ଅବଶ ହୋଇପଡ଼େ ।

# କଟା ଫଳକୁ ଅଧିକ ସମୟ ତାଜା ରଖିବାକୁ ହେଲେ....

- ଲେମ୍ବୁରସକୁ କଟାଫଳ ଉପରେ ଢାଳି ରଖିଲେ ଏହା ଅଧିକ ସମୟ ପର୍ଯ୍ୟନ୍ତ ତାଜା ରହିଥାଏ । କିନ୍ତୁ ଏହାକୁ ଫ୍ରିଜରେ ରଖିବାକୁ ଭୁଲନ୍ତୁ ନାହିଁ ।
- କଟାଫଳକୁ ପ୍ଲାଷ୍ଟିକ ପ୍ୟାକେଟରେ ରଖନ୍ତୁ । ଆଲୁମିନିୟମ ଫଏଲରେ ମଧ୍ୟ ଘୋଡ଼ାଇ ରଖିପାରିବେ । ଏହାପରେ ଏଥିରେ ଛୋଟ ଛୋଟ ଛିଦ୍ର କରନ୍ତୁ । କଟାଫଳ ରଖିଥିବା ପାତ୍ର ଉପରେ ଢାଙ୍କୁଣି ଦେଲେ ଫ୍ରିଜରେ ରଖିଥିବା ଅନ୍ୟ ଖାଦ୍ୟ ପଦାର୍ଥର ବାସ୍ନା ଏହା ଉପରେ ପଡ଼ି ନଥାଏ । ଫଳରେ ଏହା ୩/୪ଘଣ୍ଟା ପର୍ଯ୍ୟନ୍ତ ତାଜା ରହିଥାଏ ।
- ଏକ ପାତ୍ରରେ ବରଫ ମିଶିଥିବା ଥଣ୍ଡାପାଣି ରଖନ୍ତୁ । ଏଥିରେ କଟାଫଳ ରଖିଲେ ୩-୪ଘଣ୍ଟା ପର୍ଯ୍ୟନ୍ତ ତାଜା ରହିଥାଏ ।

# ଆଖିର ଇସାରାରେ ନିର୍ମିତ ହେବ ଚିତ୍ର

ଯୁଗ ପ୍ରକୃତିରେ କେଉଁଠି ପହଞ୍ଚିଲାଣି, ଏହା ଏବର ଗଣମାଧ୍ୟମ ଓ ସୋସିଆଲ ସାଇଟରୁ ମିଳୁଥିବା ଖବରରୁ ସହଜରେ ଅନୁମାନ କରିହୁଏ । ବର୍ତ୍ତମାନ ଲୋକେ ନିଜ କାମ ନକରି ରୋବଟକୁ ନିଯୁକ୍ତି ଦେଉଛନ୍ତି । ହାତକୁ ସ୍ପର୍ଶ ନକରାଇ ଅଙ୍ଗୁଳି ଚାଳନାରେ ଟଚ୍ ସ୍କ୍ରିନରେ କାମ କରୁଥିବାର ଦେଖାଯାଉଛି । ଏସବୁ ବାଦ୍ ଦେଲେ ବର୍ତ୍ତମାନ ଆଖିର ଇସାରାରେ ଚିତ୍ର କରିବାର ସମୟ ଆସିଗଲାଣି । କୌଣସି ଅଲୌକିକ ଶକ୍ତି ନୁହେଁ, ବରଂ ଅତ୍ୟାଧୁନିକ ଜ୍ଞାନକୌଶଳରେ ହିଁ ଏହା ସମ୍ଭବପର ହୋଇପାରିଛି । ନାମକରା ଚିତ୍ରକର ଗ୍ରାହମ ଫିଙ୍କ୍ ଏକ ଚୀନା କମ୍ପାନୀର ମିଳିତ ସହଯୋଗରେ ଏହି ଉନ୍ନତ ଚିତ୍ର ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଗ୍ରାହମଙ୍କ ମତରେ ବର୍ଷବର୍ଷ ଧରି ସାଧନା କରିବା ପରେ ଶେଷରେ ସେ ସଫଳ ହୋଇପାରିଛନ୍ତି । ଏଭଳି ଏକ ଆଇ ଟ୍ରାକର ନିର୍ମାଣ କରାଯାଇଛି, ଯାହା ଆଖିର ଇସାରାରେ ଚିତ୍ର ଆଙ୍କିବ । ଇନଫ୍ରା ରେଡ୍ ଲାଇଟରେ ଚାଳିତ ଏହି ଟ୍ରାକର ଆଖିକୁ କୌଣସି ହାନି ପହଞ୍ଚାଇବ ନାହିଁ ବୋଲି ପ୍ରକାଶ । ଗ୍ରାହମଙ୍କ ମତରେ ଏହି ପ୍ରକ୍ରିୟା ଖୁବ ମଜାଦାର ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୯ ଅକ୍ଟୋବର ୨୦୨୩, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସେମିଫାଇନାଲ ଲଢ଼େଇ...

ନଭେମ୍ବର ମାସ- ଆଉ ଅଳ୍ପ କେତେଟା ଦିନ ପରେ ଆସିଯିବ, ଆଉ ତା' ସାଙ୍ଗରେ ଆସିଯିବ ପାଞ୍ଚଗୋଟି ରାଜ୍ୟର ବିଧାନସଭା ନିର୍ବାଚନ। ଏଇ ନିର୍ବାଚନକୁ କୁହାଯାଉଛି ସେମିଫାଇନାଲ, କାରଣ ୨୦୨୪ରେ ଦେଶରେ ଅନୁଷ୍ଠିତ ହେବାକୁ ଯାଉଛି ଲୋକସଭା ବା ସାଧାରଣ ନିର୍ବାଚନ । ତେଣୁ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି ଉପରୋକ୍ତ ରାଜ୍ୟମାନଙ୍କର ନିର୍ବାଚନ, ବିଶେଷକରି ତେଲେଙ୍ଗାନାର ବିଧାନସଭା ନିର୍ବାଚନ। ତେଲେଙ୍ଗାନାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି ଆସନ୍ତା ନିର୍ବାଚନରେ- ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍), କଂଗ୍ରେସ ଏବଂ ଭାରତୀୟ ଜନତା ପାର୍ଟି (ବିଜେପି) ମଧ୍ୟରେ । ମୂଳରୁ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆରଏସ୍) ଭାବରେ ପରିଚିତ ଥିବା ବିଆରଏସ୍ ତେଲେଙ୍ଗାନାରେ ୨୦୧୪ରେ ଏହି ରାଜ୍ୟ ଅବିଭାଜିତ ଆନ୍ଧ୍ରପ୍ରଦେଶରୁ ଅଲଗା ହୋଇ ଗଠିତ ହେବା ପରଠାରୁ ଏକ ଅପ୍ରତିଦ୍ୱନ୍ଦ୍ୱୀ ଶକ୍ତି ହୋଇ ଏଯାବତ୍ ରହି ଆସିଛି । ରାଜ୍ୟରେ ଏହାର ପ୍ରାଧାନ୍ୟ ଉପରେ ପ୍ରଶ୍ନ ଚିହ୍ନ ନ ଲଗାଯାଇ ପାରିବା ବସ୍ତୁତଃ ଏହାର ନେତା କେ ଚନ୍ଦ୍ରଶେଖର ରାଓ (କେସିଆର)ଙ୍କୁ ଉଭୟ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବଂ ନିକଟରେ କେତେକ ବିରୋଧୀ ଦଳଙ୍କ ଦ୍ୱାରା ଗଠିତ 'ଇଣ୍ଡିଆ' (ଆଇଏନ୍‌ଡିଆଇଏ) ମେଣ୍ଟଠାରୁ ସମାନ ଦୂରତା ରକ୍ଷା କରିବା ସହିତ ଜାତୀୟ ସ୍ତରରେ ବିଆରଏସ୍ ପାଇଁ ଏକ ତୃତୀୟ ସ୍ଥାନ ପ୍ରତିଷ୍ଠା ନିମନ୍ତେ ଅନ୍ୱେଷଣ କରିବାକୁ ସାହସୀ କରାଇଛି । ସେଥିପାଇଁ ଦଳ ତା'ର ନିଜର ନାମ ପୂର୍ବରୁ ତେଲେଙ୍ଗାନା ଶବ୍ଦକୁ ହଟାଇ ଭାରତ ଲଗାଇ ନୂତନ ନାମକରଣ କରିଛି । ପୁନଶ୍ଚ, ଆଜି ପର୍ଯ୍ୟନ୍ତ ଦକ୍ଷିଣ ଭାରତର କୌଣସି ରାଜ୍ୟରେ ଲଗାତର କୌଣସି ରାଜନୀତିକ ଦଳ ତୃତୀୟ ଥର ପାଇଁ ଶାସନ କ୍ଷମତାକୁ ଆସି ନଥିଲେ ସୁଦ୍ଧା ଆଗାମୀ ନିର୍ବାଚନରେ ଦଳ ହ୍ୟାଟ୍ରିକ୍ ଅର୍ଜନ କରିବାର ଆଶା ପୋଷଣ କରୁଛି । ତେବେ ବିଗତ କିଛି ମାସ ହେବ ଦଳର ଏଭଳି ସମ୍ଭାବନାରେ ଅଧୋଗତି ଦେଖିବାକୁ ମିଳୁଛି । ନିକଟରେ ହାଇଦ୍ରାବାଦରେ କଂଗ୍ରେସ ଏକ ଭ୍ୟାଲି ଆୟୋଜନ କରିଥିଲା ଯେଉଁଥିରେ ଏହା କର୍ଣ୍ଣାଟକ ଭଳି ନିର୍ବାଚନରେ ବିଜୟୀ ହୋଇ କ୍ଷମତାକୁ ଆସିଲେ ତେଲେଙ୍ଗାନା ନାଗରିକଙ୍କ ପାଇଁ ଛଅ ଗୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାର ଗ୍ୟାରେଣ୍ଟି ଦେଇଛି, ଯେଉଁଗୁଡ଼ିକ ସବୁଯାକ ଜନକଲ୍ୟାଣମୂଳକ ପଦକ୍ଷେପ। ପରନ୍ତୁ ସମ୍ପ୍ରତି ରାଜ୍ୟରେ ଦଶବର୍ଷର ଶାସନ ପରେ ବିଆରଏସ୍ ବିରୁଦ୍ଧରେ ଦେଖା ଦେଇଥିବା ଜନଅସନ୍ତୋଷର ହାୱା ସହିତ ପ୍ରତିଯୋଗିତାମୂଳକ ଲୋକପ୍ରିୟତାବାଦକୁ ଆଶ୍ରୟ କରି କଂଗ୍ରେସ ଏହା ସମ୍ମୁଖରେ ଏକ ବଡ଼ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଉଭା ହୋଇଛି । ସାମାନ୍ୟ ପରିମାଣରେ ଭିନ୍ନ ହେଲେ ସୁଦ୍ଧା ଏହି କଲ୍ୟାଣକାରୀ ପଦକ୍ଷେପ ଏବଂ ନଗଦ ଅର୍ଥ ହସ୍ତାନ୍ତରଣର ପ୍ରତିଶ୍ରୁତି ଉଭୟ ବିଆରଏସ୍ ଏବଂ କଂଗ୍ରେସ ଲୋକମାନଙ୍କୁ ଦେଇ ଚାଲିଛନ୍ତି। ତେଣୁ ଯେଉଁ ଦଳର ପ୍ରସ୍ତାବ ଓ ପ୍ରତିଶ୍ରୁତିକୁ ଭୋଟରମାନେ ଅଧିକ ଆକର୍ଷଣୀୟ ବିବେଚନା କରିବେ, ସେହି ଦଳ ସପକ୍ଷରେ ମତଦାନ ଯିବାର ସମ୍ଭାବନା ରହିବ। ମୋଟାମୋଟି, ତେଲେଙ୍ଗାନା ନିର୍ବାଚନ ଏକ ଆକର୍ଷଣ ଦ୍ୱାରା ପ୍ରଭାବିତ ଗଣଭୋଟ୍ ପାଲଟିବାକୁ ଯାଉଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏ ଦୁଇ ଦଳଙ୍କ ବ୍ୟତୀତ ତେଲେଙ୍ଗାନାରେ ଅନ୍ୟ ପ୍ରମୁଖ ଦଳ ହେଉଛି ବିଜେପି, ଯାହା ବିଗତ ଦଶନ୍ଧି ସାରା ଏଠାରେ ଏକ ପ୍ରମୁଖ ଖେଳାଳି ହେବା ନିମନ୍ତେ ଉଦ୍ୟମ ଚଳାଇ ଆସିଛି । ଅବଶ୍ୟ ଏହାର ଫଳ ସ୍ୱରୂପ ରାଜ୍ୟରେ ଦଳର ଅଳ୍ପ କିଛି ଆସନ ଉପରେ କବ୍ଜା ରହିଛି । ତେବେ ଆସନ୍ତା ନିର୍ବାଚନରେ କଂଗ୍ରେସର ପଲା ଯଦି ବିଜେପି ଏବଂ ବିଆରଏସ୍ ଉପରେ ଭାରି ପଡ଼େ, ତା'ହେଲେ ତାହା ପ୍ରଥମଟିର ଧାର୍ମିକ ଧ୍ରୁବୀକରଣ ଏବଂ ଦ୍ୱିତୀୟଟିର ବନ୍ଧୁତ୍ୱପୂର୍ଣ୍ଣ କେନ୍ଦ୍ର ସରକାର କହିବାକୁ ଭୁଲ୍ ବୋଲି ପ୍ରମାଣିତ କରିବ । ଏହା ମଧ ଦାକ୍ଷିଣାତ୍ୟ ରାଜ୍ୟଗୁଡ଼ିକରେ ମତଦାତାମାନଙ୍କର ମାନସିକତାକୁ ପ୍ରତିଫଳିତ କରିବ, ଯେଉଁସବୁରେ ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତାଗୁଡ଼ିକ କଲ୍ୟାଣ ଏବଂ ବିକାଶବାଦର ରାଜନୀତିରେ ସନ୍ନିବେଶିତ ହୋଇ ରହିଥିବା ବେଳେ ଦେଶର ଉତ୍ତରାଞ୍ଚଳ ଭଳି ସାମ୍ପ୍ରଦାୟିକ ସଂଗ୍ରହଣ ଉପରେ ପର୍ଯ୍ୟବସିତ ହୋଇ ନଥାଏ। ମୋଟାମୋଟି ଅପରାଜେୟ ମନେ ହେଉଥିବା ବିଆର୍ଏସ୍ ବିରୁଦ୍ଧରେ କଂଗ୍ରେସ ସପକ୍ଷରେ ସମ୍ପ୍ରତି ତେଲେଙ୍ଗାନାରେ ହାୱା ବହୁଥିବା ବେଳେ ଆଗାମୀ ସମୟର ପ୍ରଚାରଗୁଡ଼ିକ ଏବଂ ଏହାକୁ ନେଇ ବଦଳୁଥିବା ମାନସିକତା ହିଁ କେବଳ କହି ପାରିବ ନିର୍ବାଚନୀ କ୍ଷେତର ବାଡ଼ କଡ଼ରେ ବସିଥିବା ଭୋଟରମାନଙ୍କୁ କେଉଁ ଆଡ଼କୁ ଢଳାଇବାକୁ ଯାଉଛି । କହିବା ବାହୁଲ୍ୟ, ନିର୍ବାଚନରେ ପ୍ରଚାର କାର୍ଯ୍ୟକ୍ରମମାନ ଶେଷ ନହେବା ପର୍ଯ୍ୟନ୍ତ ଭୋଟରମାନଙ୍କ ମାନସିକତାର କଳନା କରିବା ଆପାତତଃ ସହଜ ହୋଇ ନଥାଏ । ତେଣୁ ଏବେଠୁ କହିବା କଠିନ ହାୱା କାହା ସପକ୍ଷରେ ଯିବ। ତେବେ କଲ୍ୟାଣବାଦ ରାଜନୀତି ହିଁ ଏଠାରେ ଭାଗ୍ୟ ନିର୍ଦ୍ଧାରକ ସାବ୍ୟସ୍ତ ହେବାକୁ ଯାଉଛି ବୋଲି ଅବଶ୍ୟ କୁହାଯାଇ ପାରିବ ।

## ସମଲିଙ୍ଗୀ

### ଡାକ୍ତର ସମ୍ରାଟ କର



ବିପରୀତ ଲିଙ୍ଗ ସହିତ ଯୌନକ୍ରିୟା କରୁଥିବା ବ୍ୟକ୍ତିମାନଙ୍କ ଭଳି ସମଲିଙ୍ଗୀଭାବେ ଯୌନକ୍ରିୟା କରନ୍ତି। ସମଲିଙ୍ଗୀଙ୍କ ଶରୀର ଗଠନ ପ୍ରାୟ ସମାନ ହୋଇଥିବାରୁ ସେମାନେ ଅଲଗା ଉପାୟରେ ସମ୍ଭୋଗ କରନ୍ତି । ସମଲିଙ୍ଗୀମାନେ ଗୋଟିଏ ଛାତତଳେ ଏକାଠି ରହିବାକୁ ଭଲ ପାଆନ୍ତି। ସ୍ତ୍ରୀ-ସ୍ତ୍ରୀର ସଂପର୍କ ପୁରୁଷ-ପୁରୁଷ ସଂପର୍କ ଠାରୁ ଦୃଢ଼ ଥାଏ। ଆଜିକାଲିର ସମାଜ ଧୀରେ ଧୀରେ ସମଲିଙ୍ଗୀ ସମ୍ପର୍କକୁ ଗ୍ରହଣ କଲେଣି। ସମଲିଙ୍ଗୀ ମାନଙ୍କର ମାନସିକ ସମସ୍ୟା ଅନ୍ୟ ବ୍ୟକ୍ତିମାନଙ୍କ ପରି ସମାନ।

ଖବର କାଗଜ ପଢ଼ି ମାନସିକ ବାର୍ତ୍ତାଧର୍ମୀ କୌଣସି ପ୍ରସଙ୍ଗ ନ ବୁଝି ପାରିଲେ ବାଦାମବାଡ଼ିର ସୁକୁଟା ମଉସା ସେ ଦିନର ପେପରଟି ଧରି ମୋ ସହ ନିଶ୍ଚିନ୍ତ ଭାବରେ କିଛି ସମୟ କଥା ହୋଇ ମନକୁ ବୁଝାଇପାରିବେ। ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏ ସଂକ୍ରାନ୍ତରେ ଆଇନ ତିଆରି କରିବା ହେଉଛି ସଂସଦର କାମ ଆଉ ବିବାହ ମୌଳିକ ଅଧିକାରଭୁକ୍ତ ହୋଇନଥିବାରୁ ସମଲିଙ୍ଗୀ ବିବାହକୁ ସେହି ଶ୍ରେଣୀରେ ବିଚାର କରାଯାଇ ପାରିବ ନାହିଁ। ସମଲିଙ୍ଗୀ ଯୋଡ଼ିଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ କରିବା ଅଧିକାର ମଧ ଦିଆଯାଇନାହିଁ। ସୁପ୍ରିମକୋର୍ଟଙ୍କ ଏହି ମାମଲା ବିଷୟରେ ସୁକୁଟା ମଉସାଙ୍କ କଥାର ମର୍ମ ବୁଝିପାରିଲି। ମୁଁ ତାଙ୍କୁ ସବିଶେଷ ବୁଝା କହିଲି ଭାରତୀୟ ପିଙ୍ଗଳ କୋଡ଼ର ଦଫା ୩୭୭କୁ ଦେଖିଲେ ଗୋଟିଏ କଥା ଅନେକଙ୍କ ବିଚାରକୁ ଆସୁଛି ତାହା ହେଉଛି ଭାରତରେ ସରକାର ଚଳାଉଥିବା ଓ ନ୍ୟାୟିକ ବ୍ୟବସ୍ଥାରେ ରହିଆସିଥିବା ପୁରୁଣା ଚିନ୍ତାଧାରାର କେତେକ ମହିଳା ପୁରୁଷ ସମୟ ଅନୁଯାୟୀ ପରିବର୍ତ୍ତନକୁ ସ୍ୱୀକାର କରିପାରୁନାହାଁନ୍ତି। ୧୮୬୧ ମସିହାରେ ବ୍ରିଟିଶ ଶାସନ କାଳରେ ଆଇପିସିରେ ଏହି ଦଫା ଅନ୍ତର୍ଭୁକ୍ତ କରି ସମଲିଙ୍ଗୀ ସମ୍ପର୍କକୁ ଅପରାଧ ଭାବେ ବିବେଚନା କରାଯାଇଥିଲା। ଗତବର୍ଷ ଅଗଷ୍ଟ ୨୪ରେ ଏକ ଐତିହାସିକ ରାୟରେ ଅନ୍ତରଙ୍ଗ ଗୋପନୀୟତା ବା ପ୍ରାଇଭେସିକୁ ମୌଳିକ ଅଧିକାର ମାନ୍ୟତା ଦେଇଥିଲେ। ସମଲିଙ୍ଗୀ ସମ୍ପର୍କ ବ୍ୟକ୍ତିଗତ ବ୍ୟାପାର ଭିତରେ ଅନ୍ତର୍ଭୁକ୍ତ ହେଉଥିବାରୁ ସେମାନଙ୍କ ଭିତରେ ଆନନ୍ଦଜାତ ହୋଇଥିଲା। ତେବେ ସଂପ୍ରତି ସୁପ୍ରିମ କୋର୍ଟ ୨୦୧୮ ଜାନୁଆରୀ ୮ରେ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀନିବାସ ରାମଚନ୍ଦ୍ର ଶିରଦଙ୍କ ଦୁଃଖଦ ଆତ୍ମହତ୍ୟା ମାମଲାରେ ପୂର୍ବ ରାୟର ପୁର୍ନବିଚାର ପାଇଁ ରାଜି ହୋଇଛନ୍ତି। କାରଣ ଏହି ମାମଲାରେ ଶ୍ରୀନିବାସଙ୍କୁ ସମଲିଙ୍ଗୀ ସମ୍ପର୍କ କାରଣରୁ ବିଶ୍ୱବିଦ୍ୟାଳୟରୁ ବିତାଡ଼ିତ କରାଯାଇଥିବାରୁ ସେ ୨୦୧୦ ଅପ୍ରେଲରେ ଆତ୍ମହତ୍ୟା କରିଥିଲେ। ପରବର୍ତ୍ତୀ ସମୟରେ ୨୦୦୯ରେ ଦିଲ୍ଲୀ ହାଇକୋର୍ଟରେ ସମଲିଙ୍ଗୀ ସମ୍ପର୍କ ମାମଲାର ବିଚାର କରି ଆଇପିସିର ଦଫା ୩୭୭କୁ ଅସାମ୍ବିଧାନିକ ବୋଲି ରାୟ ଦେଇଥିଲେ ଯାହାକି ପରେ ୨୦୧୩ରେ ସୁପ୍ରିମକୋର୍ଟ ୩୭୭ ଦଫା ଯୁକ୍ତିଯୁକ୍ତ ଓ ସାମ୍ବିଧାନିକ ବୋଲି ଦର୍ଶାଇ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇ ସୁପ୍ରିମକୋର୍ଟ ଉକ୍ତ ମାମଲାର ତର୍ଜମା ପାଇଁ ବୃହତ୍ ଖଣ୍ଡପୀଠକୁ ପଠାଇବାର ନିଷ୍ପତ୍ତି ନେଇଛନ୍ତି। ଭାରତୀୟ ଆଇନ ବ୍ୟବସ୍ଥାରେ ସମଲିଙ୍ଗୀ ସମ୍ପର୍କ ରଖୁଥିବା ବ୍ୟକ୍ତିଙ୍କୁ ଅପରାଧୀ ବୋଲି ଦର୍ଶାଇ ଆଜୀବନ କାରାଦଣ୍ଡ ଓ ଜୋରିମାନାର ବ୍ୟବସ୍ଥା ରହିଛି। ଅନେକ ୟୁରୋପୀୟ ରାଷ୍ଟ୍ର ୨୦୦୫ରେ ସ୍ପେନ୍, କାନାଡ଼ା ଏହାକୁ ସ୍ୱୀକୃତି ଦେବାପରେ ଆର୍ଜେଣ୍ଟିନା, ଫ୍ରାନ୍ସ, ବେଲଜିୟମ, ନ୍ୟୁଜିଲାଣ୍ଡ, ଜର୍ମାନୀ, ଆମେରିକା ଓ ଅଷ୍ଟ୍ରେଲିଆ ଭଳି ଦେଶ ସମଲିଙ୍ଗୀ ସମ୍ପର୍କକୁ ସ୍ୱୀକୃତି ଦେଇ ସାରିଲେଣି। ସେହିପରି ଜାତିସଂଘ ମାନବାଧିକାର ପରିଷଦ ଛଅ ବର୍ଷ ତଳୁ ଏକ ପ୍ରସ୍ତାବରେ ପୁରୁଷ ସମଲିଙ୍ଗୀ, ମହିଳା ସମଲିଙ୍ଗୀ, ଉଭୟଲିଙ୍ଗୀ ଓ ତୃତୀୟ ଲିଙ୍ଗୀ ଅଧିକାରକୁ ସ୍ୱୀକୃତି ଦେଇଥିଲେ। ଅନେକ କ୍ଷେତ୍ରରେ ସମଲିଙ୍ଗୀ ସମ୍ପର୍କକୁ ବ୍ୟଭିଚାରର ଆଖ୍ୟା ଦିଆଯାଇ ଏହା ସଂସ୍କୃତିର ବିରୋଧି ବୋଲି ବିବେଚନା କରାଯାଏ। ଏମାନେ ସମଲିଙ୍ଗ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ସମ୍ଭୋଗ କରିବାକୁ ଇଚ୍ଛା ପ୍ରକାଶ କରନ୍ତି। ଏହା ଲୋକଟିର ଯୌନ ପ୍ରକ୍ରିୟାରେ ନିଜର ଯୌନାଙ୍ଗ ପ୍ରତି ଆକୃଷ୍ଟତା ଓ ବ୍ୟକ୍ତିତ୍ୱକୁ ବୁଝାଏ। ସମଲିଙ୍ଗ କାମୁକ ପୁରୁଷ ମାନଙ୍କୁ ଗେ କୁହାଯାଏ। ଅନ୍ୟ ସ୍ତ୍ରୀଲୋକମାନଙ୍କ ସହିତ ସମ୍ଭୋଗ ପ୍ରବୃତ୍ତିରେ ଲିପ୍ତ ଥିବା ନାରୀକୁ ଲେସ୍‌ବିୟାନ୍ କୁହାଯାଏ। ପ୍ରାୟ ଦୁଇରୁ ଚାରି ପ୍ରତିଶତ ପୁରୁଷ ଓ ସ୍ତ୍ରୀ ଏଭଳି ବ୍ୟବହାର କରିଥାନ୍ତି। ସିଗମଣ୍ଡ ଫ୍ରଏଡ୍‌ଙ୍କ ଅନୁସାରେ ଶିଶୁଟିର ବୟସ ୩ରୁ ୪ ବର୍ଷ ହୋଇଥିବାବେଳେ ନିଜର ଯୌନାଙ୍ଗ ବିଷୟରେ ଭାବନା ମନକୁ ଆସେ। ସେ ଏହି ସମୟରେ ବିପରୀତ ଲିଙ୍ଗର ମାତା ପିତାଙ୍କ ପ୍ରତି ଆକୃଷ୍ଟ ହୋଇଥାଏ। ଝିଅଟିଏ ପାଇଁ ତାର ବାପା ପୃଥିବୀର ମହାନାୟକ ହୋଇଥିବାବେଳେ ପୁଅଟିଏ ଭବିଷ୍ୟତରେ ବାପାଙ୍କ ଭଳି ହେବାକୁ ଇଚ୍ଛା କରେ। ମାତ୍ର ପୁଅଟିଏ ଯଦି ମାଆ ପ୍ରତି ଅତ୍ୟଧିକ ଆକୃଷ୍ଟ ହୋଇଗଲା ଓ ବାପାଙ୍କର ଉପଯୁକ୍ତ ସ୍ନେହ ପାଇଲା ନାହିଁ, ତେବେ ତାର ମାନସିକ ପରିପକ୍ୱତା ଆସେ ନାହିଁ। ସେ ନିଜକୁ ନିଜେ ବହୁତ ଭଲ ପାଏ। ସେ ନିଜର ଲିଙ୍ଗର ବ୍ୟକ୍ତିଟି ପ୍ରତି ଆକୃଷ୍ଟ ହୋଇଥାଏ। ଏହି ବୟସରେ ଝିଅଟିର ମାନସିକ ପରିପକ୍ୱତା ନ ଆସିଲେ, ସେ ସମଲିଙ୍ଗ ପ୍ରତି ଆଗ୍ରହ ହୋଇଥାଏ। ୩ରୁ ୫ ବର୍ଷର ଝିଅଟିକୁ ପୁଅର ଲିଙ୍ଗପ୍ରତି ଈର୍ଷା ଆସେ। ଧୀରେ ଧୀରେ ଏହି ଈର୍ଷାଭାବ କମିଯାଏ। ଯଦି ଏହା କମ୍ ହୁଏନାହିଁ ତେବେ ନାରୀଟିର ନାରୀପ୍ରତି ଆଗ୍ରହ ଆସିଥାଏ। ସିଗ୍‌ମଣ୍ଡ ଫ୍ରଏଡ୍ ସମଲିଙ୍ଗୀକୁ ଏକ ରୋଗ ବୋଲି ଭାବୁ ନଥିଲେ। ଏହା ଯଦିଓ ଏକ ସୁବିଧାଜନକ ପରିସ୍ଥିତି ନୁହେଁ, ମାତ୍ର ଲାଜ କରିବାର ଆବଶ୍ୟକତା ନାହିଁ। ଏହା କେବଳ ନିଜର ଯୌନ ପ୍ରକ୍ରିୟାକୁ ଭିନ୍ନ ଭାବେ ପ୍ରକାଶ କରିବାର ଶୈଳୀ। ରିଚାର୍ଡ଼ ଆଇଜେଙ୍କ ଅନୁସାରେ ସମଲିଙ୍ଗୀ ପ୍ରତି ଆକୃଷ୍ଟ ହେବାର କଳ୍ପନା ୩ରୁ ୫ ବର୍ଷ ବୟସରେ ଆସେ। ସେମାନଙ୍କର ଶରୀରରେ ଆଣ୍ଡ୍ରୋଜେନ୍ ଜୀବରସର ପରିମାଣ କମ୍ ଥାଏ। ଲେସ୍‌ବିୟାନ ମାନଙ୍କର ଯୌବନ ପାଇବା ପୂର୍ବରୁ, ଶିଶୁ ବା କିଶୋରୀ ବୟସରେ ଅଧିକ ଆଣ୍ଡ୍ରୋଜେନ୍ ଜୀବରସ ଶରୀରରେ ଥାଏ। ଏହା ବଂଶଗତ ମଧ ହୋଇପାରେ। ବିପରୀତ ଲିଙ୍ଗ ସହିତ ଯୌନକ୍ରିୟା କରୁଥିବା ବ୍ୟକ୍ତିମାନଙ୍କ ଭଳି ସମଲିଙ୍ଗୀଭାବେ ଯୌନକ୍ରିୟା କରନ୍ତି। ସମଲିଙ୍ଗୀଙ୍କ ଶରୀର ଗଠନ ପ୍ରାୟ ସମାନ ହୋଇଥିବାରୁ ସେମାନେ ଅଲଗା ଉପାୟରେ ସମ୍ଭୋଗ କରନ୍ତି। ସମଲିଙ୍ଗୀମାନେ ଗୋଟିଏ ଛାତତଳେ ଏକାଠି ରହିବାକୁ ଭଲ ପାଆନ୍ତି। ସ୍ତ୍ରୀ-ସ୍ତ୍ରୀର ସଂପର୍କ ପୁରୁଷ-ପୁରୁଷ ସଂପର୍କ ଠାରୁ ଦୃଢ଼ ଥାଏ। ଆଜିକାଲିର ସମାଜ ଧୀରେ ଧୀରେ ସମଲିଙ୍ଗୀ ସମ୍ପର୍କକୁ ଗ୍ରହଣ କଲେଣି। ସମଲିଙ୍ଗୀ ମାନଙ୍କର ମାନସିକ ସମସ୍ୟା ଅନ୍ୟ ବ୍ୟକ୍ତିମାନଙ୍କ ପରି ସମାନ। କେତେକ ସମାଜରେ ଏଭଳି ସମ୍ପର୍କକୁ ଗ୍ରହଣ କରେ ନାହିଁ। ସେଭଳି ପରିସ୍ଥିତିରେ ସମଲିଙ୍ଗୀମାନେ ନିଜକୁ ଦୋଷୀ ମନେକରନ୍ତି ଓ ଘୃଣା କରନ୍ତି। ବିଷାଦଗ୍ରସ୍ତ ହୁଅନ୍ତି। କେତେଜଣଙ୍କର ଆତ୍ମହତ୍ୟା ମନୋଭାବ ମଧ ଆସେ। ଏଭଳି ସ୍ଥଳରେ ବ୍ୟକ୍ତିଟିକୁ ନିଜର ସମଲିଙ୍ଗ ପ୍ରତି ଆକୃଷ୍ଟତା ଭାବକୁ ସମାଜ ସମ୍ମୁଖରେ ଖୋଲି କହିବାକୁ ପଡ଼ିବ। ସେ ନିଜକୁ ଦୋଷୀ ବା ଘୃଣ୍ୟ ମନେ କରିବା ଉଚିତ ନୁହେଁ। କାରଣ ତାର ଏଭଳି ସ୍ଥିତି ପାଇଁ ସେ ଦାୟୀ ନୁହେଁ। ସମାଜ ଏହାକୁ ଗ୍ରହଣ କଲେ, ସମଲିଙ୍ଗୀମାନଙ୍କର ଯୌନ ପ୍ରକ୍ରିୟାର ଭିନ୍ନତା ଯୋଗୁଁ ଉପୁଜିଥିବା ମାନସିକ ସମସ୍ୟା କମ୍ ହୋଇପାରିବ। ତେଣୁ ଏହାକୁ ଏକ ରୋଗ ବୋଲି ନଭାବି ସମାଜରେ ସଚେତନତା ସୃଷ୍ଟି କରିବା ମାନସିକ ରୋଗ ବିଶେଷଜ୍ଞ, ସମ୍ବାଦ ପରିବେଷଣ ସଂସ୍ଥା, ସମାଜ ଓ ସରକାରଙ୍କ ଦାୟିତ୍ୱ।

+ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ ରୋଡ଼,
କଟକ,
ମୋ: ୯୧୩୨୪୩୩୩୩୩

## ଭିତରକନିକା : ଠିକଣା ବଦଳାଉଛନ୍ତି ଦେଶୀୟ ପକ୍ଷୀ

### ଗୋପୀନାଥ ଦାଶ





ଓଡ଼ିଶାର ଜୈବ ବିବିଧତାର ବିରାଟ ବଡ଼ ବିଶ୍ୱ ପରିଚୟ ହେଉଛି କେନ୍ଦ୍ରାପଡ଼ାର ଭିତରକନିକା। କେବଳ ଓଡ଼ିଶା ନୁହେଁ ଭାରତର ବିଭିନ୍ନ ରାଜ୍ୟ ଓ ପୃଥିବୀର ବିଭିନ୍ନ ଦେଶରୁ କେବଳ ପକ୍ଷୀ ପ୍ରେମୀ ବା ସାଧାରଣ ଦର୍ଶକ ନୁହଁନ୍ତି ଆନ୍ତର୍ଜାତିକ ଗବେଷକମାନେ ମଧ ନିୟମିତ ଏହି ସ୍ଥାନକୁ ଆସୁଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଭିତରକନିକାରେ ଦେଶୀୟ ପକ୍ଷୀଙ୍କୁ ବର୍ଷ ତମାମ ଦେଖିବାକୁ ମିଳିଥାଏ। ଭିତରକନିକାର ସବୁ ଫରେଷ୍ଟ ବ୍ଲକରେ ଦେଶୀୟ ପକ୍ଷୀଙ୍କ କାକଳି ଶୁଣିବାକୁ ମିଳେ ମାତ୍ର ବର୍ଷା ଦିନେ ଦେଶୀୟ ପକ୍ଷୀ ବସା ବାନ୍ଧି ଅଣ୍ଡା ଦେବାର ଦୃଶ୍ୟ ଦେଖିବାକୁ ମିଳିଥାଏ। ଦୀର୍ଘ ୨୮ ବର୍ଷ ଧରି ଭିତରକନିକା ଜାତୀୟ ଉଦ୍ୟାନର ବଗ ଗହନରେ ଦେଶୀୟ ପକ୍ଷୀ ବସା ବାନ୍ଧି ଅଣ୍ଡା ଦେଉଥିଲେ ମାତ୍ର ୨୦୧୭ରୁ ବଗ ଗହନକୁ ଦେଶୀୟ ପକ୍ଷୀ ଆସିବା ବନ୍ଦ କରିଦେଇଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଦେଶୀୟ ପକ୍ଷୀ ବାରମ୍ବାର ସେମାନଙ୍କ ଠିକଣା ବଦଳାଉଛନ୍ତି।

୧୯୭୨ରେ କାଳିଭଞ୍ଜଡ଼ିଆରେ ଦେଶୀୟ ପକ୍ଷୀ ଭିଡ଼ ଜମାଉଥିଲେ। ୧୯୮୧ରେ କାଳିଭଞ୍ଜଡିଆ ପରିବର୍ତ୍ତେ ଶୁଆଯୋରରେ ବସା ବାନ୍ଧିଥିଲେ। ୧୯୮୮ରେ ଶୁଆଯୋରରୁ ଠିକଣା ବଦଳାଇ ବଗ ଗହନକୁ ସ୍ଥାୟୀ ଠିକଣା କରିଥିଲେ। ୧୯୮୮ରୁ ୨୦୧୬ ଯାଏଁ ଦୀର୍ଘ ୨୮ ବର୍ଷ ଧରି ଦେଶୀୟ ପକ୍ଷୀଙ୍କ ସ୍ଥାୟୀ ଠିକଣା ହୋଇଥିଲା ବଗ ଗହନ। ୩ ହେକ୍ଟର ପରିମିତ ବଗଗହନ ପକ୍ଷୀଙ୍କ ତୀର୍ଥସ୍ଥଳ ପାଲଟିଥିଲା। ଦେଶୀୟ ପକ୍ଷୀଙ୍କ କାକଳି ସହିତ ବସା ବାନ୍ଧିବା, କାଠିକୁଟା ଧରି ଉଡ଼ିବାର ଅପୂର୍ବ ଦୃଶ୍ୟ ଦେଖିବା ପାଇଁ ପର୍ଯ୍ୟଟକଙ୍କ ସୁବିଧା ନିମିତ ସେଠାରେ ୧୯୯୫ରେ ୱାଚଟାୱାର ନିର୍ମାଣ କରାଯାଇଛି। ପର୍ଯ୍ୟଟକମାନେ ୱାଚ ଟାୱାର ଉପରେ ଚଢ଼ି ଏକା ସମୟରେ ଗୋଟିଏ ସ୍ଥାନରେ ଲକ୍ଷାଧିକ ପକ୍ଷୀ ଦେଖିବାର ମଜା ନେଇଥାନ୍ତି। ୨୦୧୫ରେ ବଗ ଗହନରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟା କମିଥିଲା। ୨୦୧୭ରେ କେବଳ ଗେଣ୍ଡାଳିଆ ବସା ବାନ୍ଧିଥିଲେ। ୨୦୧୬ ପରଠୁ ବଗ ଗହନରେ ଆଉ ଦେଶୀୟ ପକ୍ଷୀଙ୍କ କିଚିରିମିଚିରି ଶବ୍ଦ ଶୁଭୁନାହିଁ। ୨୦୧୬ରୁ ମଠ ଆଡ଼ିଆରେ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିଲେ। ଗତ ତିନି ବର୍ଷ ହେଲା ମଠଆଡ଼ିଆ ସହିତ ଲକ୍ଷ୍ମୀପ୍ରସାଦଡିଆ ଓ ଦୁର୍ଗାପ୍ରସାଦଡିଆରେ ଦେଶୀୟ ପକ୍ଷୀ ବସା ବାନ୍ଧୁଛନ୍ତି ମାତ୍ର ଚଳିତ ବର୍ଷ ଭିତରକନିକା ଜାତୀୟ ଉଦ୍ୟାନରୁ ବାହାରେ ପ୍ରଥମଥର ପାଇଁ ଦେଶୀୟ ପକ୍ଷୀଙ୍କ ନୂଆ ଠିକଣା ଠାବ କରାଯାଇଛି। ରାଜନଗର ବ୍ଲକ ଓ ଆଳି ବ୍ଲକ ମଧ୍ୟସ୍ଥଳ ବ୍ରାହ୍ମଣୀନଦୀର ଏକମାଣିଆ ଠାରେ ନଦୀ ଭିତରେ ଗତ କିଛି ବର୍ଷ ଭିତରେ ସୃଷ୍ଟି ହୋଇଥିବା ବାଲିଡିଆ ଆଇଲ୍ୟାଣ୍ଡରେ ଏବେ ଦେଶୀୟ ପକ୍ଷୀଙ୍କ କାକଳି ଶୁଭୁଛି। ୧ ହଜାର ମିଟର ଲମ୍ବା ଓ ୪ଶହ ମିଟର ଚଉଡାର ଏହି ଡିଆରେ ଆପେ ଆପେ ଲୁଣା ଜଙ୍ଗଲ ସୃଷ୍ଟି ହୋଇଛି। ଏହି ଆଇଲ୍ୟାଣ୍ଡରେ ବଣରୁଆ, କେରୁଆଁ, ବନ ପ୍ରଭୃତି ଗଛ ରହିଛି। ଚଳିତବର୍ଷ ଏହି ଆଇଲ୍ୟାଣ୍ଡରେ ୨ ହଜାରରୁ ଅଧିକ ଦେଶୀୟ ପକ୍ଷୀ ବସା କରିଥିବା ଦେଖିବାକୁ ମିଳିଛି। ଏହି ଆଇଲ୍ୟାଣ୍ଡରେ ଅଧିକ ସଂଖ୍ୟାରେ କାପରଖାଇ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଏଥିସହ ଗେଣ୍ଡାଳିଆ, ରାଣୀବଗ, ମଝିଆଁ ବଗ, ଛୋଟ ବଗ, ଖଇରା ବଗ, ଅନ୍ଧାରୀ ବଗ, ଦା'ବେଣ୍ଟିଆ ଓ ପାଣିକୁଆ ଆଦି ପକ୍ଷୀ ବସା କରି ଅଣ୍ଡା ଦେଇଥିବା ଦେଖିବାକୁ ମିଳୁଛି। ଜାତୀୟ ଉଦ୍ୟାନ ବାହାରେ ପ୍ରଥମଥର ପାଇଁ ଦେଶୀୟ ପକ୍ଷୀମାନେ ବସା ବାନ୍ଧିଛନ୍ତି। ବନ ବିଭାଗ ପକ୍ଷରୁ ଚଳିତ ବର୍ଷ ଭିତରକନିକା ମଠ ଆଡ଼ିଆ, ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ସହିତ ବାଲିଡିଆ ଆଇଲ୍ୟାଣ୍ଡରେ ଦେଶୀୟ ପକ୍ଷୀଙ୍କ ଗଣନା ପାଇଁ ଟିମ ଗଠନ କରାଯାଇଛି। ଚଳିତ ବର୍ଷ ଅକ୍ଟୋବର ମାସ ୩ ତାରିଖରୁ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ସରକାରୀ ସ୍ତରରେ ଏହାର ପ୍ରଚାର ପ୍ରସାର ଆହୁରି କାର୍ଯ୍ୟକାରୀ ହେବା ଦରକାର ହେଉଛି। ସେହିପରି ସାଧାରଣରେ ଆମ ମାନଙ୍କର ମଧ ଅନେକ ସଚେତନତାର ଦାୟିତ୍ୱ ରହିଛି। ପକ୍ଷୀ ଶିକାର ଏହି ଚରିତ୍ରକୁ ସବୁକ୍ଷେତ୍ରରେ ବିରୋଧ କରାଯିବା ଅତ୍ୟନ୍ତ ଜରୁରୀ କାରଣ ଶାନ୍ତ ପରିବେଶର ଏକ ନିରୀହ ପକ୍ଷୀ ଅକାରଣରେ ତା ଜୀବନ ହରାଇ ଦେଉଛି ଶିକାରୀର ମାୟାଜାଲରେ। ସେହିପରି ଆମ୍ଭେମାନେ ପକ୍ଷୀ ମାନଙ୍କୁ ପ୍ରଲୋଭିତ କରି କୌଣସି ଖାଦ୍ୟ ପଦାର୍ଥ ଦେବା ମଧ ଠିକ ନୁହେଁ। ଜଙ୍ଗଲ ପୋଡ଼ିବା ଓ ପକ୍ଷୀ ଶିକାର କରିବା ଏକ ଗୁରୁତର ଦଣ୍ଡନୀୟ ଅପରାଧ ଭାବେ ଏବଂ ଏହା ଆମ ଜାତୀୟ ଚରିତ୍ରର ବିରୋଧୀ ବୋଲି ଗ୍ରହଣ କରିବାକଥା। ଆମ୍ଭମାନଙ୍କ ଭିତରେ ମାନସିକତା ବଦଳିଲେ ଦେଶ ବିଦେଶରୁ ଅନେକ ପକ୍ଷୀ ଏ କ୍ଷେତ୍ରକୁ ଆସିପାରନ୍ତେ।

+କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ
ବାଳାଶ୍ରମ, ଅରୁଆ କଦଳୀବଣ,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ: ୮୮୯୫୨୯୬୧୬୭

## କବିତା କୋଣାର୍କ

### କାହିଁକି ଜାଣିନି

**ସୁନନ୍ଦା ମହାନ୍ତି**



ଲୁହ ନଦୀ ସବୁ ସମୁଦ୍ରରେ ମିଶିଗଲା ପରେ
ଲୁଣିଆ ହୋଇ ସମୁଦ୍ର ପାଣିଆ ହୋଇଗଲା
ଦିନେ ଯେବେ ଲୁହ ସବୁ ଫେରିବାକୁ ଚାହିଁଲେ
ସମୁଦ୍ର ଜୁଆରିଆ ହେଲା
ପ୍ରେମ କଲା ମନ ଦେଲା
ଶାମୁକା ହୀରା ଲିଳା ମୋତି ମାଣିକ ପରଶିଲା
ପୁଣି ମନ ଭାଙ୍ଗିଯିବା ପରେ ଭଙ୍ଗା
କୂଳରେ ଢେଉ ଭିତରେ ଲୁଣା ନଦୀମାନେ
ଯେତେ କୋଡ଼ି କଚାଡି କାନ୍ଦିଲେ ବି
ନିସ୍ତାର ନଥିଲା ଲୁଣ ସବୁ କଠିନ ଅବସ୍ଥାରେ ନଥିଲେ
ଫେରିଯିବାକୁ ରାସ୍ତା ବନ୍ଦ ଥିଲା
କୋଉ ଆକର୍ଷଣ ତାଙ୍କୁ ସମୁଦ୍ରରେ ମିଶାଇଲା
ଭାବୁଥିଲା ବେଳେ
କିଏ ତିଳ ତର୍ପଣ ପାଇଁ
କିଏ ଅସ୍ଥି ବିସର୍ଜନ ଦେଇ.
କିଏ ସମୁଦ୍ର ଜଳ ତୁଣ୍ଡେ ଦେଇ
କିଏ ରିଷ୍ଟ କାଟିବାକୁ ସମୁଦ୍ର ପାଣିସବୁକୁ
ଗର୍ଭସ୍ଥ କଲାବେଳେ ଲୁଣା ନଦୀମାନେ
ରହି ରହି କହୁଥିଲେ
ସ୍ୱସ୍ତି ସ୍ୱସ୍ତି ଅସ୍ତି ଅସ୍ତି ପ୍ରଶାନ୍ତି ଯୁଗପତ ପ୍ରାପ୍ତି ।

ସାକ୍ଷୀଗୋପାଳ, ପୁରୀ
ମୋ:୯୦୪୦୯୭୭୩୨୭

### ଭଡାଘର

**ରଶ୍ମୀ ସାମଲ**



ସେ ଦିନର ନିଆରା ମୁହୂର୍ତ୍ତରେ
ନିଗାଡି ଦେଇଥିଲି
ସବୁ ଅନ୍ତରର କଥା
ହଳଦିଆ ସୋରିଷ ଫୁଲର
ଚାଦର ଭିତରେ,
ସ୍ୱଚ୍ଛ ହୃଦୟ ଢାଳି ଦେଇଥିଲା
ଶ୍ରାବଣର ବାରିଧାରା ପରି।

ସ୍ୱପ୍ନରୁ ବାସ୍ତବତା ବହୁତ ଲମ୍ବା
ବୁଝିଥିଲି
କିନ୍ତୁ ତୁମେ କଣ ଛିଞ୍ଚି ଦେଲ, ଜାଣିନି
ନୀରବତା ପରେ
ବିଶମଞ୍ଜିର କଅଁଳ ପତ୍ରସବୁ
ଚତୁର୍ଦ୍ଦିଗ ଦୃଶ୍ୟମାନ ହେଲା ।

ଭଷା ମେଘର ଅବୁଝା ଚାହାଣି
ପଛରୁ ଆସି ସାଉଁଳି ଦେଲା
ତଥାପି ଖୋଜିବାକୁ ଅପେକ୍ଷା କଲା
ସୁନା ଫରୁଆର ଠିକଣାକୁ।

ପଚାରିଲା ପ୍ରଶ୍ନ,
କାହିଁକି ଏ ରାଗ ଓ ଅଭିଯୋଗ
ଅଧୁରା ହେଲା ସମ୍ପର୍କର ପରିଭାଷା
ପାଖେ ଥାଇ ଦୂର ଅନୁଭବ
ତୁମେ କଣ ବୁଝିନ ଅମାବାସ୍ୟା ପରେ
ଆସିବ ସେହି ପୂର୍ଣ୍ଣମୀର ଗୋଲ ଜହ୍ନ।

ଚମକିପଡିଥିଲା ସବୁ ଇନ୍ଦ୍ରିୟ ଗୁଡିକ
ରୁନ୍ଧି ହୋଇପଡିଲା ଦୁଇ ଚକ୍ଷୁ ଅଶ୍ରୁରେ
କାହାର ଦଂଶନରେ ଅସ୍ତିତ୍ୱ ହଜିଗଲା
ତଥାପି ବଞ୍ଚେଇ ରଖିଛି ସେହି
ସ୍ୱାଭିମାନ
କପାଳରେ ଗାର ସ୍ପଷ୍ଟ ଦିସିଲାଣି
ଠାଣି ମାଣି ଟିକେ ବି ବଦଳିନି।

ସେହି ନଈ କୂଳ ଘାଟ ଅନେଇଛି
ସେ ସ୍ମୃତିକୁ ମନେ ପକାଇ
ବୁଝି ମଧ ଅବୁଝା ମନ
ଅମାନିଆ ବତୁରା ଦିନ ସବୁ
ଅଜାଣତେ ଖସିଯାଉଛି ଆଖିରୁ
ତଥାପି ଏହି ସ୍ୱଚ୍ଛ ମନରେ
ଆଙ୍କି ଦେଲା କିଏ ଆସି
ସେ ଦିନର ମାନଚିତ୍ର
ଆଜି ଭାବୁଛି, ହାରି ମଧ ଜିତିଗଲି।

ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

### ଅବିସମ୍ବାଦିତ ଖବର !


**ପ୍ରଦୋଷ କୁମାର ଦାସ**



କାଲି ସକାଳ ପାଇଲା ବେଳକୁ
ହୁଏତ ମୁଁ ଖବର ହୋଇସାରିଥିବି !
ତମେ ତମ ଆତ୍ମା ଓ ଶରୀର
ଅନୁଭୂତିରେ
ସ୍ଥାନ କାଳପାତ୍ରର ଖବରରାଜୀକୁ
ଅନୁମେୟ ସାଉଁଟି ଚାଲିଥିବ।
ଖବର ପଛର ଖବର!

କାହିଁକି ମୋ ମନକୁ ଏପରି ଆସୁଛି
କହିପାର ଏହା ମୋ ଦୁର୍ଭାବନା
ଅଯଥା ଭାବପ୍ରବଣର କଥା।
ଆଜି ମୁଁ ଯାହା ବକ୍ତବ୍ୟ ରଖୁଛି
ତାହା ମୋର ସ୍ୱକୀୟ ଅନୁଭୂତି ।
ଜଣାଅଜଣା, ଖବରରେ
ନଜର ରଖୁଥିବା
ସୁରିଙ୍କ ପାଇଁ ତାହା
ହୋଇପାରେ ଏକ ଖବର।
ମୋ ଅବର୍ତ୍ତମାନ ଯଦି ଚର୍ଚ୍ଚାକୁ
ଖୋରାକ ଯୋଗାଇବ,
ତାହା ହୁଏତ କା ମନକୁ ଆଚ୍ଛନ୍ନ କରିବ
ଯାହା ପରକୁ ପର ସାଧାରଣରେ
ସେ ଖବର ପଛର କାରଣକୁ ତଲାସିବ,
କରିବାକୁ ଖବର ପଛର ଖବର।
ଜାଣୁଛି, ମୋର ଏ ପରିପ୍ରକାଶ
ଅପ୍ରତ୍ୟାଶିତ
ଭଲମନ୍ଦ ଖବର ଭଳି
ଏକ ସାଧାରଣ ଖବର ।
ହଁ ! କାଲି ହୁଏତ ମୁଁ
ହୋଇସାରିଥିବି ଖବର!
ଯାତନାର ବନ୍ଧବାଡ ଡେଇଁ ସାରିଥିବି !
ପରିସ୍ଥିତିର ଅସହାୟତାରୁ
ମୁକ୍ତିଲାଭ କରିବାକୁ
କରିଥିବା ପଣକୁ ମୁଁ ସାକାର
କରିସାରିଥିବି।
ଇହ କାଳର ଯାତନାରେ ଅତିଷ୍ଠ
ଆତ୍ମାଦଗ୍ଧ ଏ ଶରୀର ବିନଷ୍ଟତାର
ପରଦା ପଛର କରୁଣ କାହାଣୀ
କହିବାକୁ ମୁଁ ନଥିବି !
ରହୁ ପଛେ ଅକୁହା ଏ ଜୀବନେ
ଖବର ପଛରେ ସୃଷ୍ଟ ଏକାଧିକ
କାହାଣୀର ଖବର!
ମୋ ପର କାଳରେ ଶତମୁଖେ
ଭାସୁଥାଉ ଅବଶ୍ୟ
ମୋର ଖବର ପଛର
ଅନେକ ଖବର !
ସେଇ ଆଭୁମେ ପଢ଼ିଥିବା
ଆଗାମୀ କାଲି ସକାଳର
କୋମଳ ଖରା ଓ ଧୀର ସମୀରଣ
ହୁଏତ ମତେ ଧିକ୍କାର କରୁଥିବ,
'ଜରୁରୀ ନଥିଲା ଅକାଳରେ ତୋର
ଏହି ଅବର୍ତ୍ତମାନର ଦୁଃଖଦ ଖବର!'
ଅକାଳରେ ଅକଳକୁ
ଆହ୍ୱାନ କରିବା ମୋ'ର
ହୁଏତ ହୋଇପାରେ ଦିନାକେତେ
କା'ପାଇଁ ଏକ ଖବର!
ଘଟଣା ଘଟିଗଲା ପରେ ମୋର
ଆତ୍ମା କହି ଲାଭ କ'ଣ
ଯାହା ଘଟିବାର ନଥିଲା,
ଅଯଥାରେ ଘଟିଗଲା !
'ଅବିସମ୍ବାଦିତ ଖବର' !

ସା/ପୋ :- ନାଚୁଣୀ
ଜିଲ୍ଲା:-ଖୋର୍ଦ୍ଧା, ପିନ୍:- ୭୫୨୦୩୪
ମୋ: ୬୩୭୦୪୯୫୯୪୪





# ପୋଷାକ, ଆମ ସଭ୍ୟତା ଓ ସଂସ୍କୃତିର ଗରିମା



**ଅଳକା ରାୟ**

ଅଧୁନା ବୟନ ଶିଳ୍ପରେ ବିପ୍ଳବ ଯୋଗୁଁ ପୋଷାକ ପରିଛଦ ଦିଗରେ ମାନବ ସଭ୍ୟତା ଦ୍ରୁତ ଗତିରେ ଆଗେଇ ଚାଲିଛି। ନୁଆ ନୁଆ ଫେସନର ପୋଷାକ ଦେଖିବାକୁ ମିଳୁଛି। ଆଜିର ଯୁଗକୁ ଫେସନ ଓ ଷ୍ଟାଇଲର ଯୁଗ ବୋଲି କୁହାଯାଉଛି। ଇଂରାଜୀରେ ଏକ ପ୍ରବାଦ ଅଛି - ଏଭରି ଅଡ ଇଜ୍ ଏ ଷ୍ଟାଇଲ। ଅନ୍ୟ ଚକ୍ଷୁରେ ଯାହା ଅସୁନ୍ଦର ତାହା ହିଁ ଫେସନ ନାମରେ ପରିଚିତ। ପ୍ରଯୁକ୍ତି ବିଦ୍ୟା ଓ ଇଣ୍ଟରନେଟର ଆଜିର ଯୁଗରେ କିମ୍ଭୁତ କିମ୍ଭାକାର ପୋଷାକ ପରିଧାନ କରି ରିଲ୍ ତିଆରି କରିବା ଏବଂ ଏହାକୁ ଫେସନର ନାମ ଦେଇ ନିଜର ଉଶୃଙ୍ଖଳ ଆଚରଣକୁ ପ୍ରଦର୍ଶନ କରିବା ଯୁବପିଢି ଉଭୟ ଯୁବକ-ଯୁବତି, ମହିଳା-ପୁରୁଷ ଓ ଛୋଟ ଶିଶୁ ମାନଙ୍କୁ ମଧ୍ୟ ଏଥିରେ ନିୟୋଜିତ କରାଇ ଆଜିର ଆଧୁନିକ ମାନବ ନିଜକୁ ଅତି ସଭ୍ୟ ଓ ଆଭିଜାତ୍ୟ ପୂର୍ଣ୍ଣ ବୋଲି ବିବେଚନା କରୁଛି ।

ଶିକ୍ଷା ମନୁଷ୍ୟକୁ ଭଲ ଓ ମନ୍ଦ ମଧ୍ୟରେ ଫରକ୍ ଶିଖାଏ ଅନୁକରଣ ନୁହେଁ। ଆଜିର ଶିକ୍ଷିତ ସମାଜ ଅନୁକରଣ ପ୍ରିୟ ହୋଇ ପୋଷାକ ପରିଛଦ ରେ, ଖାଦ୍ୟ-ପାନିୟ ରେ ଚାଲି-ଚଳନରେ କିଛି ଭିନ୍ନକୁ ଆଦରି ନିଜକୁ ଆଭିଜାତ୍ୟ ପୂର୍ଣ୍ଣ ଦର୍ଶାଉଛି। ଆଖିକୁ ଅସୁନ୍ଦର ଦିଶିଲେ କିମ୍ବା ପାଟିକୁ ଅରୁଚିକର ହେଲେ ମଧ୍ୟ ଏହା ଯେ ଏକ ନୂତନ ତାର ପରିପନ୍ଥୀ, ଏହି ଭାବ ମନରେ ପୋଷଣ କରି ଗର୍ବ ଅନୁଭବ କରୁଛି। କଥାରେ ଅଛି- 'ଆପ ରୁଚି ଖାନା, ପର ରୁଚି ପହନା', ଏହାର କିନ୍ତୁ ବିପରିତ ଆଚରଣ ଆମ ସମାଜରେ ଦେଖିବାକୁ ମିଳୁଛି। ପୂର୍ବରୁ ସମାଜରେ ନିଜ ରୁଚି ଅନୁସାରେ ଖାଦ୍ୟ ଗ୍ରହଣ କରିବା ବିଧେୟ ଓ ଅନ୍ୟ ଆଖିକୁ ଯାହା ସୁନ୍ଦର ସେଇଭଳି ପୋଷାକକୁ ଆଦରି ନେଉଥିଲେ। କିନ୍ତୁ ବର୍ତ୍ତମାନ ଆଉ ତାହା ନାହିଁ। ଆଗରୁ ଅତିଥି ଘରକୁ ଆସିଲେ ମନ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରାଯାଉଥିଲା, ଭଲ ବସ୍ତ୍ର ପ୍ରଦାନ କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଅତିଥି ଘରକୁ ଆସିଲେ ବାହାରୁ ଜଳଖିଆ ଆଣି ଚର୍ଚ୍ଚା କରିବା ଓ ଏଭଳି ଆଚରଣ ରେ ଆଭିଜାତ୍ୟ ଓଆଧୁନିକତା ଭାବ ବୋଧ କରିବା ଓ ବସ୍ତ୍ର ଦେବା ବଦଳରେ ନିଜ ରୁଚି ଅନୁସାରେ କିଣିବାକୁ ମୂଲ୍ୟ ଦେଇ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି।

ତେବେ ଆମେ ପିନ୍ଧୁ କଣ ପାଇଁ ? ଅନ୍ୟକୁ ଦେଖାଇ ହେବା ପାଇଁ ନା ନିଜର ସମ୍ବେଦନଶୀଳ ଅଙ୍ଗକୁ ଲୁଚାଇବା ପାଇଁ ! ନିଜର କୃତ୍ରିମ ସୌନ୍ଦର୍ଯ୍ୟ ଅନ୍ୟ ଆଖିରେ ପ୍ରତିଫଳନ କରାଇବା ପାଇଁ ଆମେ କେତେ ପ୍ରସାଧନ ସାମଗ୍ରୀ ବ୍ୟବହାର କରିଥାଉଁ। ବାରମ୍ବାର ମୁଖ ପ୍ରସାଧନ, କେଶ ବିନ୍ୟାସ ତଥା ଆଧୁନିକତାର ଡିଣ୍ଡିମି ପିଟିବା ପାଇଁ ବାରମ୍ବାର ପାର୍ଲର ଯାଉ, ଆଉ ଜଣେ ଯଦି ନାରୀ ତା ହେଲେ ତାର ପ୍ରସାଧନ ସାମଗ୍ରୀ ଅନେକ। କାହା ପାଇଁ ଏତେ ଆଡମ୍ବର ! କଣ ପାଇଁ ଏତେ ମୂର୍ଚ୍ଛନା ! କାହିଁକି ଏତେ ସମୟର ଅପଚୟ ! ଏସବୁ କଣ କେବଳ ଅପରର ମନୋରଞ୍ଜନ ପାଇଁ ! ଅନ୍ୟର ରୁଚିର ଅବକାଶ କେଉଁଠି ରହୁଛି ! ପରନ୍ତୁ ଅନ୍ୟ ମନରେ ବ୍ୟଭିଚାର ରାକ୍ଷସ ମନୋବୃତ୍ତି ସୃଷ୍ଟି କରିବାରେ ଏହା ସହାୟକ ହେଉଛି।

ପୁରୁଷ ଭଳି ନାରୀ ଆଜି ସବୁ କ୍ଷେତ୍ରରେ ନିଜର ଅବସ୍ଥିତି ଜାହିର କରିଛି। ଶିକ୍ଷା କ୍ଷେତ୍ରଠାରୁ ଆରମ୍ଭ କରି କର୍ମ କ୍ଷେତ୍ରରେ ନାରୀ ସକ୍ରିୟ ହୋଇଛି। ସମଗ୍ର ବିଶ୍ୱରେ ଆଜି ନାରୀ ଜାଗରଣ ଦେଖା ଦେଇଛି। କିନ୍ତୁ କିଛି ଉଗ୍ର ଆଧୁନିକ ନାରୀ ପାଶ୍ଚାତ୍ୟ ଢଙ୍ଗରେ ଅନୁପ୍ରାଣିତ ହୋଇ ଅନ୍ୟ ମାନଙ୍କୁ ବିପଥଗାମୀ ହେବାର ଖୋରାକ ଯୋଗାଉଛନ୍ତି। ନାରୀ ଜୀବନରେ ସଯଂମ ଓ ଶୃଙ୍ଖଳା ଏକାନ୍ତ ଆବଶ୍ୟକ। ନାରୀ ଦେଶ ତଥା ସମାଜକୁ ଠିକ୍ ଭାବରେ ପରିଚାଳନା କରିବାର କ୍ଷମତା ରଖୁଛନ୍ତି। ନାରୀ ଜୀବନ ମାର୍ଜିତ,ରୁଚି ସମ୍ପନ୍ନ ଓ ସୁଶୃଙ୍ଖଳିତ ନ ହେଲେ ମାନବ ସମାଜର ପ୍ରଗତି ପଥ ଅବରୁଦ୍ଧ ହେବ। ଏ ସବୁକୁ ବିଚାର କଲେ ନାରୀର ପୋଷାକ ପରିଛଦ, ଚାଲିଚଳନ, ଆଳାପ ଆଲୋଚନା, ମିଳାମିଶା ସବୁ କ୍ଷେତ୍ରରେ ପବିତ୍ରତା ବାଞ୍ଛନୀୟ।

ସର୍ବୋପରି ପୋଷାକ ପରିଛଦ ମନ ଉପରେ ବିଶେଷ ପ୍ରଭାବ ପକାଇଥାଏ। ଏଥିରେ ପବିତ୍ରତା ରହିବା ବାଞ୍ଛନୀୟ। ପାଶ୍ଚାତ୍ୟ ମହିଳା ମାନେ ହିନ୍ଦୁଧର୍ମରେ ଅନୁପ୍ରାଣିତ ହୋଇ ପାଶ୍ଚାତ୍ୟ ପୋଷାକ ପରିତ୍ୟାଗ କରି ମୁଣ୍ଡରେ ଓଢ଼ଣା ଦେଇ ଶାଢ଼ୀ ପିନ୍ଧୁଛନ୍ତି। ମହିୟସୀ ମହିଳା ମଦର ଟେରେସା, ମୀରା ବେନ, ଭଗିନୀ ନିବେଦିତା, ଶ୍ରୀ ମାଆ ପ୍ରମୁଖ ନାରୀ ମାନଙ୍କର ଭାରତୀୟ ବେଶ ପୋଷାକରେ କେତେ ଶାଳିନତା ତଥା ଶିଷ୍ଟତା ପ୍ରତିୟମାନ ହୁଅନ୍ତି ତାହା ସମସ୍ତଙ୍କୁ ଦେଖାଯାଏ ତଥା ଏହା ବିଚାର ସାପେକ୍ଷ ମଧ୍ୟ। ଆମର ପୂର୍ବ ତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଜୀ ମଧ୍ୟ ସବୁ ସମୟରେ ମୁଣ୍ଡରେ ଓଢ଼ଣା ଦେଉଥିଲେ। ଆମ ଘରର ମୁରବୀ ମାନଙ୍କର ଏ ବିଷୟରେ ଚିନ୍ତା ନାହିଁ। ସମସ୍ତେ କହୁଛନ୍ତି ଆମେ କ'ଣ କରିବୁ ! ଆମ ସଂସ୍କୃତିତ ପାଶ୍ଚାତ୍ୟ ମୁଖି ହେଲାଣି। ବହୁ କ୍ଷେତ୍ରରେ ଦେଖାଯାଉଛି ଅଭିଭାବକମାନେ ନିଜ ନିଜ ଝିଅ ମାନଙ୍କୁ ପାଶ୍ଚାତ୍ୟ ପୋଷାକ ପିନ୍ଧାଇ ଆଧୁନିକ ସମ୍ପନ୍ନ ଭାବରେ ବିଭୋର ହୋଇ ତୃପ୍ତି ଲାଭ କରୁଛନ୍ତି ଏବଂ ବୋହୂ ମାନଙ୍କୁ ଶାଢ଼ୀ ପିନ୍ଧାଇ ଯାବତୀୟ କଟକଣାରେ ରଖି ସଂସ୍କୃତି ସମ୍ପନ୍ନ ବୋଲାଉଛନ୍ତି।



ଭାରତୀୟ ସଭ୍ୟତା ଓ ସଂସ୍କୃତି ଯେ କେତେ ମହାନ ତାହା ଆମେ ଧିରେ ଧିରେ ପାସୋରି ଯାଉଛୁ। ପ୍ରାଚୀନ ଭାରତୀୟ ସଭ୍ୟତା ଓ ସଂସ୍କୃତି ସମ୍ପର୍କରେ ପାଶ୍ଚାତ୍ୟ ଦେଶର ବିଦ୍ୱାନ ମାନେ ଅନୁଧ୍ୟାନ ଓ ଅନୁଶୀଳନ କରୁଥିବା ବେଳେ ଆମ୍ଭେମାନେ ପାଶ୍ଚାତ୍ୟାଭିମୁଖୀ ହୋଇ ସେସବୁ ମୂଳରେ କୁଠାରାଘାତ କରିବାରେ ଲାଗିଛୁ। ତେଣୁ କଥାରେ ଅଛି - ବେଳ ଥାଉ ଥାଉ ସାବଧାନ ହେଲେ, ପ୍ରମାଦ ନ ପଡ଼ଇ ଭଲେ। ଆମ ସଂସ୍କୃତି ସଭ୍ୟତା ସହିତ ଆମ ପୋଷାକ ମଧ୍ୟ ଓତୋଃ ପ୍ରୋତ ଭାବରେ ଜଡ଼ିତ। ସମୟ ସହିତ ତାଳ ଦେଇ ପରିବର୍ତ୍ତନ ତ ନିହାତି ଆବଶ୍ୟକ, କିନ୍ତୁ ଆମେ ନିଜର ମୂଳ ଦୁଆକୁ ତ୍ୟାଗ କରି କେବେହେଲେ ପରିବର୍ତ୍ତନ ଆଣି ପାରିବା ନାହିଁ। ତେଣୁ ପୋଷାକ ଚୟନ ତଥା ପରିଧାନ ରେ ଶାଳିନତା ନିହାତି ଆବଶ୍ୟକ ଉଭୟ ନାରୀ ଓ ପୁରୁଷଙ୍କ ପାଇଁ।


+ ନୟାପଲ୍ଲୀ, ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମୋହିନୀ

**ଜ୍ୟୋସ୍ନାମୟୀ ପଣ୍ଡା**

॥ ଭାଗ-୨୦ (କ) ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)



ପ୍ରଜାପତି ବେଦ ପତି ବ୍ରହ୍ମା ସିନ୍ଧୁ ତଟରେ ବେଦ ପୁସ୍ତକ ରଖି ସନ୍ଧ୍ୟାତର୍ପଣ କରୁଥିଲେ। ସେତିକି ବେଳେ ମୁଁ ହୟଗ୍ରୀବ ନାମକ ଏକ ପ୍ରକାଣ୍ଡକାୟ ରାକ୍ଷସ ରୂପେ ସମୁଦ୍ର ମଧ୍ୟରୁ ଉଠିଆସି ଏହି ବେଦ ପୁସ୍ତକକୁ ଅପହରଣ କରି ନେଇ ଚାଲିଗଲି। ସେହି ବେଦକୁ ହୟଗ୍ରୀବଠାରୁ ଉଦ୍ଧାର କରି ଆଣିବାକୁ ମୁଁ ଏହି ମୀନ ଅବତାର ଗ୍ରହଣ କରିଅଛି। ଏହା ମୋର ଆଦ୍ୟ ଅବତାର।'

ଏହା ପ୍ରାୟ ଏଗାର ହଜାରରୁ ଚଉଦ ହଜାର ବର୍ଷ ପୂର୍ବର ଘଟଣା। ଆଉ କେତେକଙ୍କ ମତରେ ଆଜିଠାରୁ ପ୍ରାୟ ସାତ ହଜାର ପାଞ୍ଚ ଶହ ବର୍ଷ ତଳେ ଏକ ଭୟଙ୍କର ବନ୍ୟା ହୋଇ ଥିଲା। ସମୟ, ଯେତେ ବର୍ଷ ପୂର୍ବେ ହେଉ ନାଁ କାହିଁକି, ସେହି ସମୟରେ ବ୍ରହ୍ମାଙ୍କ ମୁଖରୁ ଉଚ୍ଚାରିତ ବେଦକୁ ଭାରତୀୟ ସାଧକ ମାନେ ଲେଖିବା ଆରମ୍ଭ କରି ଦେଇଥିଲେ। ବୋଧହୁଏ, ଏହି ଲିଖନ ସେମାନେ ପତ୍ର ଉପରେ କଣ୍ଟକ ସାହାଯ୍ୟରେ ଲେଖି ଏହାକୁ ରଙ୍ଗରେ ରଞ୍ଜିତ କରୁଥିଲେ। (ଯେପରି, ଜ୍ୟୋତିଷ ମାନେ ଜନ୍ମ ଜାତକ ଲେଖିଥାନ୍ତି। ସେମାନେ ଛବି ପରି ଏକ ପ୍ରକାର ଲିପି ମଧ୍ୟ ବ୍ୟବହାର କରୁଥିଲେ। ପ୍ରଥମେ ବ୍ରହ୍ମାଙ୍କର ଚାରି ପୁତ୍ର ବେଦ ଉଚ୍ଚାରଣ କରିଥିବାରୁ ଅବା ଚତୁର୍ଦ୍ଦିଗରେ ଏହାକୁ ପ୍ରଚାର କରିଥିବାରୁ ବ୍ରହ୍ମାଙ୍କୁ ଚତୁର୍ମୁଖ ବୋଲି ନାମିତ କରା ଯାଇଥିଲା। ଏହି ଘଟଣାଠାରୁ ଅନେକ ଦିନ ପରେ ଦ୍ୱାପର ଯୁଗରେ ଦୈପ୍ୟାୟନ ବେଦ ବ୍ୟାସ ଯେତେବେଳେ ବେଦ ସଙ୍କଳନକରୁ ଥିଲେ, ସେତେବେଳେ ସଂସ୍କୃତ ଏକ ଉନ୍ନତ ଭାଷାରେ ପରିଣତ ହୋଇଥିଲା ତଥା ଭାଷାର ପୂର୍ଣ୍ଣ ବିକାଶ ମଧ୍ୟ ହୋଇସାରିଥିଲା। ତେଣୁ ସେ ସରସ୍ୱତୀ ନଦୀରେ ସ୍ନାନ କରିଥିବାରୁ ଏହି ମୀନାବତାର ବିଷୟରେ ଏହିପରି ଏକ ଚିତ୍ରକଳ୍ପ ଦେଖି ତାହାର ଅର୍ଥ କରି କିମ୍ବା ସିଧା ସଳଖ କୌଣସି ଶକ୍ତିଙ୍କ ଦ୍ୱାରା ସଂସ୍କୃତ ଭାଷାରେ ବର୍ଣ୍ଣନା କରିଥିଲେ। ଏହା ମଧ୍ୟ ହୋଇପାରେ ଏହା ସନତ ବ୍ରହ୍ମା ତଥା ବେଦ ବ୍ୟାସଙ୍କର ଶିକ୍ଷା ଦାନର ପ୍ରଣାଳୀ ଥିଲା। ସେତେବେଳେ ସାଧାରଣ ସରଳ ମଣିଷ ବିଜ୍ଞାନର ସତ୍ୟତା ଅପେକ୍ଷା ଏହି ଅଲୌକିକ ଶକ୍ତିକୁ ଅଧିକ ବିଶ୍ୱାସ କରୁଥିଲା। ତେଣୁ ପୌରାଣିକ ବିଷୟକୁ ଏହିପରି ଚିତ୍ର କଳ୍ପ ମାଧ୍ୟମରେ ବର୍ଣ୍ଣନା କରା ଯାଇଥିଲା।

ପୁନର୍ବାର ସେହି ମୀନର ଭାଷାକୁ ରାଜା ସତ୍ୟବ୍ରତ ଚିତ୍ତ ମଧ୍ୟରେ ଶ୍ରବଣ କଲେ।

' ହେ, ରାଜନ ! ପୃଥିବୀରେ ପ୍ରଳୟର ସଂକେତ ପାଇ ତାହା କବଳରୁ ସୃଷ୍ଟିକୁ ରକ୍ଷା କରିବା ପାଇଁ ମୁଁ ତୁମ ନିକଟକୁ ଆସିଅଛି। ଆଜି ଠାରୁ ସାତ ଦିନ ମଧ୍ୟରେ ପୃଥିବୀରେ ପ୍ରବଳ ବର୍ଷା ହେବ, ଅଣଚାଶ ପ୍ୱନ ବହିବ, ଘୋର ଗର୍ଜନ ସହିତ ମୂଷଳ ଧାରାରେ ମେଘ ବର୍ଷା ହେବ। ବିଜୁଳି ଓ ଘଡଘଡି ନାଦରେ ପୃଥିବୀ ପ୍ରକମ୍ପିତ ହେବ। ସମୁଦ୍ର ଉଚ୍ଛୁଳି ଉଠିବ ଏବଂ ସିନ୍ଧୁ ଲହରୀ ଉତ୍ତର ଚକ୍ର ବାଳରେ ସପ୍ତର୍ଷି ମଣ୍ଡଳକୁ ସ୍ୱର୍ଶ କରିବ। ବ୍ରହ୍ମାଙ୍କର ରାତ୍ରି ଆସିବ ଓ ପ୍ରଳୟ ହେବ।

(କ୍ରମଶଃ)


+ବାଲିଝରି, କାନପୁର, ବଡ଼ମ୍ବା, କଟକ


# ଉପହାସ ଏକ ଅଶୋଭନୀୟ ଅପମାନ

ସମ୍ପର୍କର ରଙ୍ଗ

**ଶ୍ୱେତା ରାଉତ୍**



ରାସ୍ତାରେ ଗଲାବେଳେ ଆଖି ସାମ୍ନାରେ ଚାଲି ଯାଉଥିବା ମୋଟି ଝିଅଟିକୁ ଦେଖି ବ୍ୟକ୍ତି ଜଣକ ନିଜ ସ୍ତ୍ରୀ ଆଡ଼କୁ ଚାହିଁ କହି ପକାଇଲେ 'ବାବାରେ କେଡେ ମୋଟି ହେଇଛି !' ସ୍ୱାମୀ ସ୍ତ୍ରୀ ଦୁହେଁ ଝିଅଟିର ଅଗଢଣ ଦେଖି ଠୋ ଠୋ ହସିବାକୁ ଲାଗିଲେ। ମୋଟି ଝିଅଟି ବଜାର ଭିତରେ ମାଆ ସହିତ ଯେତେ ଯେତେ ଆଗକୁ ଚାଲି ଚାଲି ଯାଉଥାଏ, ଲୋକମାନେ ସେତେ ବେଶି କମେଣ୍ଟ କରି ମଜା ଉଡାଉଥାନ୍ତି। ଖୁବ୍ ଅସହଜ ମନେ କରି ମାଆ ଆଡେ ଚାହିଁ ଝିଅଟି ଘରକୁ ଫେରିଯିବାକୁ କହୁଥାଏ। ମାଆ କିନ୍ତୁ କାହା କଥା ନଶୁଣି ଝିଅକୁ ତାର ଭଲ ଡ୍ରେସଟିଏ କିଣିବାକୁ କହୁଥାନ୍ତି। ଝିଅଟି ଡ୍ରେସ ବାଛିବା ଭିତରେ ଦୋକାନରେ ଥିବା ଲୋକମାନେ ବି ତାକୁ ଦେଖି ହସୁଥାନ୍ତି। ତାଙ୍କ ଭିତରୁ ଜଣେ ଫୁସଫୁସ ହୋଇ କହି ପକାଇଲା 'ଆରେ ସାଙ୍ଗ ଏଇଟା କଣ ହାତୀମାନଙ୍କ ସୋ ରୁମ୍ ନା ଭୁଲରେ ହାତୀଟିଏ ପଶି ଆସିଛି ? ପରସ୍ପର ଭିତରେ ଏମିତି ଇଙ୍ଗିତ କରି ଦୋକାନୀ ପିଲାମାନେ ହସାହସି ହେବାକୁ ଲାଗିଲେ। ବିଚାରି ଝିଅଟି ଛଳ ଛଳ ଆଖିରେ ଫେରି ଆସିଲା ଘରକୁ। ତକିଆରେ ମୁହଁ ମାଡି ଭୋ ଭୋ କରି କାନ୍ଦିବାକୁ ଲାଗିଲା।

ପରଦିନ ଥିଲା ଝିଅଟିର ଜନ୍ମଦିନ। ସବୁବେଳେ ଘର କଣରେ ପଡ଼ି ରହି ବିଷାଦଗ୍ରସ୍ତ ହୋଇଯାଉଥିବାର ମାଆ ତାକୁ ଟିକେ ଖୁସି କରାଇବାକୁ ବଜାର ନେଇ ଯାଇଥିଲେ। ଏକ ଅଜଣା ରୋଗରେ ପୀଡିତ ହୋଇ ବହୁ ଡାକ୍ତରଙ୍କୁ ଦେଖେଇ ସାରିଲାଣି, କିନ୍ତୁ ଝିଅଟି ସୁସ୍ଥ ହେଉନାହିଁ। ଦୀର୍ଘଦିନ ଧରି ଔଷଧ ଖାଇ ଖାଇ ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁଁ ଝିଅଟି ଏମିତି ଫୁଲିଯାଇଛି। ଏମିତି ମୋଟା ହୋଇଯିବ ବୋଲି ସେ ନିଜେ ବି ଜାଣି ନଥିଲା। ପିଲାଦିନରୁ ଖୁବ୍ ସୁନ୍ଦର ଥିଲା ସେ। କିନ୍ତୁ ତା ରୋଗ ତାକୁ ଏମିତି କରିଦେଲା ଯେ, ସେ ସବୁଆଡେ କେବଳ ଉପହସିତ ହେଉଥିଲା। ରାତି ସାରା ଝିଅଟି ବଜାରର ଲୋକମାନଙ୍କ ଟାହି ଟାପରା, ଉପହାସକୁ ଭାବି ଭାବି ବିଚଳିତ ହୋଇ ପଡ଼ିଥିଲା। ସକାଳୁ ମାଆ ତାକୁ ନିଦରୁ ଉଠେଇ ଜନ୍ମଦିନ ପାଇଁ ଖୁବ୍ ସ୍ନେହରେ କୋଳେଇ ନେଇ ଗେଲ କଲାବେଳେ, ଝିଅଟି ମାଆ କୋଳରେ ଟଳି ପଡ଼ିଥିଲା। ମାଆ ନିର୍ବାକ ହୋଇ ତା ମୁହଁକୁ ଚାହିଁ ରହିଥାନ୍ତି। ସୁନ୍ଦର ଅସୁନ୍ଦର, ମୋଟା ପତଳା, ଭଲ ଖରାପ ମାଆ ଆଖିକୁ କିଛି ଦେଖା ଯାଏନାହିଁ, ମାଆ ପାଇଁ ତା ପିଲା ସବୁବେଳେ ସୁନ୍ଦର। ଝିଅକୁ ଛାଡ଼ି ବଞ୍ଚିବା ସେ ମାଆ ପାଇଁ କଷ୍ଟଦାୟକ ଥିଲା।

ଏ କଥାଟି ମୁଁ ଏଥିପାଇଁ କହିଲି, ଯେଉଁ ମାଆର ପିଲାଟିଏ ଚାଲିଗଲା, ତା କଷ୍ଟ କିଏ ନେବ ? ଯେଉଁ ଝିଅଟି ମରିଗଲା, ସେ ଦୁନିଆରେ କାହାର କଣ କ୍ଷତି କରିଥିଲା ? ଯଦି ଔଷଧ ପ୍ରତିକ୍ରିୟା ଯୋଗୁଁ ଜଣଙ୍କର ଶାରୀରିକ ଗଢ଼ଣ ଖରାପ ହୋଇଯାଏ, ସେଥିରେ ତାର କଣ ଦୋଷ ? ତାକୁ ଏ ସମାଜରେ ସହାନୁଭୂତି, ଶ୍ରଦ୍ଧା ମିଳିବା ବଦଳରେ ଏତେ ଉପହାସ, ଅପମାନ କାହିଁକି ଶୁଣିବାକୁ ପଡେ ? ଆମେ ଜାଣନ୍ତି ନାହିଁ କାହା ଜୀବନରେ କଣ ସମସ୍ୟା ଅଛି, କିନ୍ତୁ ସମାଲୋଚନା କରି ତାକୁ ଆମେ ବଞ୍ଚିବାକୁ ସାହସ ଦେବା ବଦଳରେ ଓଲଟା ମାରିଦିଅନ୍ତି। ଯାହା ବାହାରକୁ ଦେଖାଯାଏ, ସେତିକି ହିଁ ଜଣଙ୍କର ଜୀବନ ଭାବିନେବା ଭୁଲ। ପ୍ରତ୍ୟେକ ମଣିଷର ଗୋଟେ ନିଜସ୍ୱ ଦୁନିଆ ଅଛି, କଷ୍ଟ, ଯନ୍ତ୍ରଣା, ଦୁଃଖ, ରୋଗ, ସମସ୍ୟା ସବୁକିଛି ଅଛି। କାହା ହସ ପଛରେ କେତେ ଲୁହ ଲୁଚିଛି ଆମକୁ ଜଣାନାହିଁ। ତେଣୁ କିଛି ନଜାଣି କାହାକୁ ଆକ୍ଷେପ କରିବା, ଅପମାନ କରିବା, ସମାଲୋଚନା କରିବା ବେଳେବେଳେ ସେ ବ୍ୟକ୍ତିର ଜୀବନ ଉପରେ ପ୍ରଭାବ ପକାଇଥାଏ। କାହାକୁ ଯଦି ଆମେ ବଞ୍ଚେଇ ନପାରୁଛେ, ତାକୁ ମାରିବା କାହିଁକି ?

କାହାକୁ ଉପହାସ କରିବା ପୂର୍ବରୁ ଥରେ ନିହାତି ଭାବିବା ଦରକାର, ଆମର ବ୍ୟବହାର କେବେ ଅନ୍ୟକୁ କ୍ଷତି ନପହଞ୍ଚାଉ। ଦୁଃଖ, ରୋଗ, ଶୋକ କେତେବେଳେ କାହା ପାଖକୁ କେବେ ଚାଲିଆସେ, କେହି ଜାନିନଥାଏ। କେବେ ଆମ ପାଖକୁ ବି ଆସିପାରେ। ଅନ୍ୟ ଉପରେ ହସିବା ପୂର୍ବରୁ ନିଜ ଆଡେ ଥରେ ଦେଖିବା ନିହାତି ଜରୁରୀ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


# ଆଜିର କବିତା

## ନିଦ ଶୋଇଛି ଫୁଟପାଥରେ

**ଶୁଭଦର୍ଶିନୀ ଦାଶ**



ବଞ୍ଚି ବଞ୍ଚେଇବାର ମୋହ ନିଶା
ଅନ୍ଧାରେ ଆଲୁଅ ବାଣ୍ଟିବା ଆଶା
ଚଲେଇ ନେଇଛି କେତେ କଣ୍ଟକିତ ପଥରେ,

ବେଳେ ବେଳେ ଜୀବନ ହୁଏ ବେଦନାରେ ସିକ୍ତ
ଖାଲି, ହୃଦୟରେ ଆଙ୍କି ଚାଲେ ଗଭୀର କ୍ଷତ,
ସୁଖଠୁ ରହିଛି ବୋଲି ଦୂରେ,
ଦୁଃଖ ସବୁ ଧୋଇ ଦିଏ ଆଖିର ଲୁହରେ ।

ଖରା ଛାଇ ଖେଳ ନିଇତି ମୁଁ, ଖେଳେ
ତେଲ ଲୁଣ ସଂସାରେ ଜୀବନ ଜଞ୍ଜାଳେ।
ସମସ୍ୟା ସନ୍ଧିରେ କେବେ,
ଅବିଶ୍ୱାସ ଅର୍ଗଳିରେ,
ଚାଲୁ ଚାଲୁ ଝୁଣ୍ଟି ପଡ଼େ ନିଶବ୍ଦରେ ।

ପ୍ରତାରଣା ପଦାଘାତେ,
ସେବା ତ ପାଲଟେ ଶବ
ତ୍ୟାଗ ସବୁ ପାଲଟିନ୍ତି ଅଚଳ ଅଧୁଲି ,

ସମୟ ତ, ବଦଳାଏ ସ୍ୱର
ବକ୍ଷରୁ ଯେ, ଖାଇଥିଲା କ୍ଷୀର
ସେଇଠି ସେ ଚଲଉଛି କ୍ଷୁର,
ବାକ୍ୟର ବୋମାମାଡରେ ,
ଯାଏ ହୃଦୟ ଚହଲି ।

ବିଶ୍ୱାସ ବଟବୃକ୍ଷରେ ମୋର
ଫଳିବ ଯେ, ମହାକାଳ ଫଳ
କରି ନଥିଲି କଳନା,
ମଲା ମନ ଗୋଟେ ନେଇ
ଦୁଃଖର ଜୁଇରେ ଶୋଇ
ବଞ୍ଚିରହି ଜଳୁଛି ମୁଁ , କାହିଁକି ଜାଣେନା ।


♥ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ, ତାଳଚେର ଟାଉନ, ଅନୁଗୁଳ
ମୋ: ୯୩୩୭୯୭୨୭୪୯ ,


## ମୁଁ ଲୁହଟିଏ

**ଝରଣା ବାରିକ**



ଲୁହ ଟିଏ କରି ଗଢିଲ ପ୍ରଭୁହେ
କାଆ ଆଖିରେ ଜାଗା ନାହିଁ,
ଆଖିରେ ଆସିଲି ତଳେ ଝରିଗଲି
ପଣତରେ ପୋଛି ହୋଇ।

ମନ ତଳେ କୋହ ଉଠେ ଯେତେବେଳେ
ମନ କୁ ବୁଝେନା କିଏ,
ଲୁହ ଟୋପେ ହୋଇ ଝରିଗଲା ପରେ
ସବୁତ ଉଭେଇ ଯାଏ।

ଅନ୍ଧାରୀ ମୂଳକ ରାଣୀ ଟିଏ ସିନା
ସହଜେ ଆସେନା ଝରି,
ପଥର ହୃଦୟ ତରଳିଲା ପରେ
ଆସେ ମୁହିଁ ଥିରି ଥିରି।

କିଏ କହେ ମୋତେ ଅମୂଲ୍ୟ ରତନ
କିଏ କହେ ମୋତେ ମୋତି,
ଆଖିରୁ ଓଠକୁ ଛୁଇଁ ଗଲାପରେ
ହେଇଯାଏ ମୋର ଇତି।

କାହିଁକି ଏମିତି ଜୀବନ ଦେଇଛ
ନାଆଁ ବି ଦେଇଛ ବାଛି,
ଜନମ ରୁ ଜୁଇ ସାଇତି ରଖିଛ
ବୁଝି ପାରୁନି ମୁଁ କିଛି।


♥ସମଲ, ତାଳଚେର,
ଅନୁଗୋଳ

# ସାଇବର ଠକେଇ ମାମଲା : ୩ ଗିରଫ

ଜୟପୁର, ୧୮/୧୦ (ନି.ପ୍ର): ବଡ ଧରଣର ସାଇବର ଠକେଇର ପର୍ଦାଫାସ କଲା ଜୟପୁର ସଦର ପୋଲିସ । ଲୋକଙ୍କୁ ପ୍ରଲୋଭିତ କରି ସେମାନଙ୍କ ନାଁରେ ଜାଲ ଦସ୍ତାବିଜ କରି ଆକାଉଂଟ ଖୋଲିବା ଓ ଠକିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ପୋଲିସ । ଏମାନେ ହେଲେ ସେମିଳିଗୁଡାର ବଳରାମ ଦାସ, ଭୁବନେଶ୍ୱରର ସତ୍ୟ ରଂଜନ ସାହୁ ଓ ରାଜୀବ କୁମାର ପ୍ରସାଦ । ଏମାନଙ୍କ ଠାରୁ ବିଭିନ୍ନ ବ୍ୟାଙ୍କର ଚେକ୍ ବୁକ, ଏଟିଏମ୍, ପ୍ରିଂଟର, ଲ୍ୟାପଟପ, ଟାବ୍, ବାୟୋମେଟ୍ରାକ୍ ଡିଭାଇସ, ମୋବାଇଲ ଫୋନ, ଦୁଇ ଚକିଆ ଗାଡି, ଟଙ୍କାଗଣା ମେସିନ ଓ ନଗଦ ୨୩ ହଜାର ୫୦୦ ଟଙ୍କା ଇତ୍ୟାଦି ଜବତ ହୋଇଛି । ଅଭିଯୋଗ ଅନୁସାରେ, ଏହି ୩ ଜଣ ଅଭିଯୁକ୍ତ ବିଭିନ୍ନ ଲୋକଙ୍କୁ ଲୋନ କରାଇଦେବା ନାଁରେ ସେମାନଙ୍କ ଠାରୁ ଆଧାର କାର୍ଡ ଓ ଅନ୍ୟ ଦସ୍ତାବିଜ ନେଇ ସେମାନଙ୍କ ନାଁରେ କରେଂଟ ଆକାଉଂଟ ଖୋଲୁଥିଲେ । ପରବର୍ତୀ ସମୟରେ ସେମାନଙ୍କ ଠାରୁ ସେହି ଆକାଉଂଟ ସହ ଲିଙ୍କ୍ ଥିବା ସିମ୍ କାର୍ଡ ସହ ଚେକ୍ ବୁକ୍ ଓ ଏଟିଏମ୍ ନେଇ ଯାଉଥିଲେ । ଏହି ଆକାଉଂଟ ସେମାନେ ସାଇବର ଠକଙ୍କୁ ଦେଉଥିଲେ । ଏହି ଆକାଉଂଟ ବ୍ୟବହାର କରି ସାଇବର ଠକ ମାନେ ବିଭିନ୍ନ ଲୋକଙ୍କୁ ବିଭିନ୍ନ ଉପାୟରେ ଠକୁଥିବା ଟଙ୍କା ଏଥିରେ ଜମା କରାଉଥିଲେ । ଆଉ ଟଙ୍କା ଜମା ହେବା ପରେ ତୁରନ୍ତ ଏହାକୁ ଅନ୍ୟ ଆକାଉଂଟକୁ ଟ୍ରାନ୍ସଫର କରି ନେଉଥିଲେ । ତେବେ ଏହି ଠକାମୀରେ ସାମିଲ ହୋଇ ଆକାଉଂଟ ଖୋଲାଉଥିବା ୩ ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ କିନ୍ତୁ ପୋଲିସ ପଂଝାରୁ ବାହାରେ । ଏସବୁ ଆକାଉଂଟରେ କୋଟି କୋଟି ଟଙ୍କା କାରବାର ହୋଇଥିବାରୁ ମାଷ୍ଟର ମାଇଣ୍ଡକୁ ଧରିବା ପାଇଁ ପୋଲିସର ସ୍ୱତନ୍ତ୍ର ଟିମ ଗଠନ ହୋଇଛି । ତେବେ ଏମାନଙ୍କ ଜାଲରେ ଜୟପୁର ନିକଟସ୍ଥ କାଳିଆଗାଁର ରଞ୍ଜନ ହରିଜନ ପଡିବା ପରେ ଜୟପୁର ସଦର ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଥିଲା । ଅଭିଯୋଗ ଅନୁସାରେ ଜୟପୁରର ଆଇସିଆଇସିଆଇ ବ୍ୟାଙ୍କରେ ୧ ଲକ୍ଷ ୪୦ ହଜାର ଟଙ୍କାର ଲୋନ କରାଇଦେବ କହି ଅଭିଯୁକ୍ତ ବଳରାମ ଦାସ ରଂଜନର ସମସ୍ତ ଦସ୍ତାବିଜ ନେଇଥିଲା ଓ ପରେ ଜାଲ୍ ଦସ୍ତାବିଜରେ ତା ନାଁରେ କରେଂଟ ଆକାଉଂଟରେ ଖୋଲିଥିଲା । ଏହି ଆକାଉଂଟରେ ଗୋଟିଏ ଦିନରେ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜମା ହୋଇଥିଲା । ତେଣୁ ସନ୍ଦେହ ହେବାରୁ ପୋଲିସ ନିକଟରେ ରଂଜନ ଅଭିଯୋଗ କରିଥିଲା । ଅଭିଯୋଗ ଆଧାରରେ ଏହି ଆକାଉଂଟକୁ ପୋଲିସ ଫ୍ରିଜ୍ କରିବା ସହ ତଦନ୍ତ ଆରମ୍ଭ କରିଥିଲା । ଆଉ ତଦନ୍ତ ପରେ ପ୍ରମାଣ ଆଧାରରେ ପୋଲିସ ଏହି ୩ ଜଣଙ୍କୁ ଗିରଫ କରିଛି । ତେବେ ଏପରି ଆକାଉଣ୍ଟ ଖୋଲି ସେମାନେ ଏହା ସାଇବର ଠକଙ୍କୁ ଦେଉଥିଲେ ଆଉ ଏଥିପାଇଁ ଏମାନେ ମୋଟା ଅଙ୍କର କମିଶନ ପାଉଥିଲେ । ପରେ ଏହି ଆକାଉଂଟ ବ୍ୟବହାର କରି ସାଇବର ଠକ ମାନେ ବିଭିନ୍ନ ଲୋକଙ୍କୁ ବିଭିନ୍ନ ଉପାୟରେ ଠକୁଥିଲେ । କାହାକୁ ଲଟେରି ଉଠିଛି କହି ତ କାହାକୁ ଅନ ଲାଇନରେ କାମ ଦେବା ବାହାନାରେ ଲୋକଙ୍କୁ ଠକି ଟଙ୍କା ମାଗୁଥିଲେ । ସେହି ଠକାମୀ ଟଙ୍କା ଏହି ଆକାଉଂଟରେ ଜମା ହେଉଥିବା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଜୟପୁର ଏସଡିପିଓ ହରିଶ ବିଶି ।

# ଓଡ଼ିଶା ଏନର୍ଜି ଟ୍ରାଞ୍ଜିସନ୍ କର୍ମଶାଳା ଅନୁଷ୍ଠିତ

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ରାଜ୍ୟ ଶକ୍ତି ବିଭାଗର ତତ୍ତ୍ୱାବଧାନରେ ଗ୍ରୀଡକୋ ପକ୍ଷରୁ ଓଡ଼ିଶା ଏନର୍ଜି ଟ୍ରାଞ୍ଜିସନ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଆଇ-ଫରେଷ୍ଟ ଓ ଶକ୍ତି ଫାଉଣ୍ଡେସନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାକୁ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଉଦଘାଟନ କରିଥିଲେ । ଏହି କର୍ମଶାଳାରେ ମୁଖ୍ୟତଃ ରାଜ୍ୟର ଏନର୍ଜି ଟ୍ରାଞ୍ଜିସନ୍ ନିମନ୍ତେ ପ୍ରସ୍ତୁତ ଯୋଜନା ସଂପର୍କରେ ବ୍ୟାପକ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା । କର୍ମଶାଳାକୁ ଉଦଘାଟନ କରି ମୁଖ୍ୟ ଶାସନ ସଚିବ ଓଡିଶା ଅକ୍ଷୟ ଶକ୍ତି ନୀତି - ୨୦୨୨ ଆଧାରରେ ସବୁଜ ଶକ୍ତି ବିକାଶ ପାଇଁ ରାଜ୍ୟର ପ୍ରତିବଦ୍ଧତା ସଂପର୍କରେ ଆଲୋକପାତ କରିଥିଲେ । ଜାତୀୟ ତଥା ଆନ୍ତର୍ଜାତୀୟ ବିଶେଷଜ୍ଞଙ୍କ ସହଯୋଗରେ ରାଜ୍ୟର ଏନର୍ଜି ଟ୍ରାଞ୍ଜିସନ୍ ଯୋଜନା ସଫଳ ଭାବେ କାର୍ଯ୍ୟକାରୀ ହୋଇପାରିବ ଏବଂ ଏହି କର୍ମଶାଳା ଏ ଦିଗରେ ଅନେକ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ଉଦ୍‌ଘାଟନୀ ଅଧିବେଶନରେ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରି ରାଜ୍ୟ ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗ୍ରୀଡକୋ ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଧଳ କହିଥିଲେ ଯେ, ଏକ ବଳିଷ୍ଠ ତଥା ସମୟୋପଯୋଗୀ ଶକ୍ତି କାର୍ଯ୍ୟ ଯୋଜନା ତଥା ଶକ୍ତି ଦକ୍ଷତା କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାରେ ରାଜ୍ୟ ସରକାର ପ୍ରଚେଷ୍ଟା କରିବା ସହ ସବୁଜ ଶକ୍ତି ଉତ୍ପାଦନ ଦିଗରେ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି । ଏହି କର୍ମଶାଳାରେ ସବୁଜ ଶକ୍ତି, ପରିବହନ, ଶିଳ୍ପ, ଖଣି, କୃଷି ଓ ମତ୍ସ୍ୟଚାଷ ଆଦି ବିଭିନ୍ନ ବିଷୟ ଉପରେ ଭିନ୍ନ ଭିନ୍ନ ଅଧିବେଶନ ଆୟୋଜନ କରାଯାଇ ବିଷଦ ଆଲୋଚନା କରାଯାଇଥିଲା । ବିଭିନ୍ନ କ୍ଷେତ୍ରରୁ ଯୋଗଦେଇଥିବା ବିଶେଷଜ୍ଞମାନେ ନିଜ ନିଜ ବକ୍ତବ୍ୟରେ ୨୦୩୦ ମସିହା ସୁଦ୍ଧା ୫୦୦ ଗିଗାୱାଟ ନବୀକରଣ ଯୋଗ୍ୟ ଶକ୍ତି ଉତ୍ପାଦନ କ୍ଷମତା ହାସଲ କରିବା ପାଇଁ ଭାରତର ଲକ୍ଷ୍ୟ ପରିପ୍ରେକ୍ଷୀରେ ଏହି କର୍ମଶାଳା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ବୋଲି ମତବ୍ୟକ୍ତ କରିଥିଲେ ଏବଂ ଏ ଦିଗରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ । କର୍ମଶାଳାରେ ହୋଇଥିବା ଆଲୋଚନା ଓ ବିଚାର ବିମର୍ଶ ଆଧାରରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଗୁଡ଼ିକ ନିଜ ନିଜ ବିଭାଗ ସଂପର୍କିତ ଏନର୍ଜି ଟ୍ରାଞ୍ଜିସନ୍ ଲକ୍ଷ୍ୟକୁ ଆହୁରି ବ୍ୟବସ୍ଥିତ କରିପାରିବେ ବୋଲି କର୍ମଶାଳାରେ ଆଶା ପ୍ରକାଶ କରାଯାଇଛି । ଏହି କର୍ମଶାଳାରେ ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତୀୟ ବିଶେଷଜ୍ଞଙ୍କ ସମେତ ଅବସରପ୍ରାପ୍ତ କେନ୍ଦ୍ର ଶକ୍ତି ସଚିବ ପି.କେ. ପୂଜାରୀ, କେନ୍ଦ୍ର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରାଳୟର ଯୁଗ୍ମ ସଚିବ ଦିନେଶ ଜଗଦଲେ, ରାଜ୍ୟ ଶିଳ୍ପ ସଚିବ ଶ୍ରୀ ହେମନ୍ତ ଶର୍ମା, ଇପିକଲ୍ ର ସିଏମଡି ଶ୍ରୀ ଭୁପେନ୍ଦ୍ର ସିଂ ପୂନିଆ ପ୍ରମୁଖ ବିଭିନ୍ନ ଅଧିବେଶନରେ ଅଂଶଗ୍ରହଣ କରି ନିଜ ନିଜର ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମ ମୁଖ୍ୟ, ଜିଆଇଜେଡ୍ ଇଣ୍ଡିଆ, ନିଧି ସରିନ୍, ପିଡବ୍ଲୁସି ପାର୍ଟନର ସନ୍ତୋଷ ମହାପାତ୍ର,ଆଇଏଫସିର କଂଟ୍ରି ହେଡ୍(ଇଣ୍ଡିଆ) ୱେଣ୍ଡି ଜୋ ୱେରର୍ଣ୍ଣର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । କର୍ମଶାଳାର ଉଦଯାପନୀ ଅଧିବେଶନରେ ରାଜ୍ୟ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗ୍ରୀଡକୋ ଅଧ୍ୟକ୍ଷ ଶ୍ରୀ ଧଳ ଆଲୋଚିତ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ । ଆଇ-ଫରେଷ୍ଟ ର ପ୍ରକଳ୍ପ ନିର୍ଦ୍ଦେଶିକା ମାଣ୍ଡଭି ସିଂହ ଏହି ଅଧିବେଶନକୁ ପରିଚାଳନା କରିଥିଲେ । ଗ୍ରୀଡକୋର ବିତ ତଥା କର୍ପୋରେଟ ବ୍ୟାପାର ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଣ୍ଡିଆନ ଆଇଡଲରେ ବଲାଙ୍ଗିର ଯୁବକଙ୍କୁ ପ୍ରଶଂସାର ବର୍ଷା

ବଲାଙ୍ଗିର, ୧୮/୧୦ (ନି.ପ୍ର): ସମଗ୍ର ଭାରତରେ ଲୋକପ୍ରିୟ ଜାତୀୟ ସ୍ତରରେ କଣ୍ଠ ସଙ୍ଗୀତ ପ୍ରତିଯୋଗୀତା ଇଣ୍ଡିଆନ ଆଇଡଲ ସିଜନ ୧୪ ର ଅଡିସନ୍ ରାଉଣ୍ଡରେ ବଲାଙ୍ଗିରର ଉଦୀୟମାନ କଣ୍ଠଶିଳ୍ପୀ ସଂଗୀତଜ୍ଞ ଅଜୟ ଅମର ସିଂହ ଦେଓଙ୍କୁ ଗୋଲଡେନ୍ ଟିକେଟ ମିଳିଛି । ସୋନି ଟିଭି ପ୍ରାୟୋଜିତ ଏହି ଅଡିସନ୍ ରାଉଣ୍ଡରେ ଯୋଗ୍ୟ ବିବେଚିତ ଅଜୟଙ୍କ ଗତ ଶନିବାର କାର୍ଯ୍ୟକ୍ରମ ପ୍ରସାରିତ ହେବା ପରେ ତାଙ୍କ ଉପରେ ପ୍ରଶଂସାର ବର୍ଷା ହୋଇଛି । କାର୍ଯ୍ୟକ୍ରମରେ ଭାଗ ନେବାକୁ ସେପଟ୍ମେରରେ ସେ ମୁମ୍ବାଇ ଯାଇଥିଲେ । ଦେଶର ବିଭିନ୍ନ କୋଣ ଅନୁକୋଣରୁ ହଜାର ହଜାର କଣ୍ଠଶିଳ୍ପୀ ତାଙ୍କର ପ୍ରତିଭା ଦେଖାଇବାକୁ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ବିଚାରକ ମଣ୍ଡଳୀରେ କୁମାର ସାନୁ, ଶ୍ରେୟା ଘୋଷାଲ, ବିଶାଲ ଦାଦଲାନି ପ୍ରମୁଖ ମନ୍ତ୍ରମୁଗ୍ଧ ହୋଇ ଅଜୟଙ୍କ ଗୀତ ଓ ଭାଓଲିନ ଶୁଣିବା ପରେ ବହୁତ ପ୍ରଶଂସା କରିଥିଲେ । ଚର୍ଚିତ ହିନ୍ଦୀ ସିନେମା ଅଗ୍ନିପଥରେ ଗାଇଥିବା ସୋନୁ ନିଗମଙ୍କ '' ଅଭି ମୁଝମେ କହିଁ ...... ଗୀତକୁ ସେ ଅତି ନିଖୁଣ ଭାବରେ ଗାଇଥିବା ବେଳେ ତାଙ୍କର ଭାଓଲିନ ବଜାଇବା ଶୈଳୀକୁ ବିଚାରକ କୁମାର ସାନୁ ପ୍ରଶଂସା କରିଥିଲେ । ବିଚାରକ ମାନେ ଅଜୟଙ୍କ ବାପା ଗୁରୁ ଦିଲୀପ ସିଂହଦେଓଙ୍କୁ ମଂଚକୁ ଡାକି ଅଭିନନ୍ଦନ ଜଣାଇଥିଲେ । ଅଜୟଙ୍କ କଳା ନିପୁଣତା ବଢାଇବା ପାଇଁ ସଙ୍ଗୀତ ସାଧନା ଓ ପ୍ରତିଭାର ଭୂରି ଭୂରି ପ୍ରଶଂସା କରି ପୁଅ ପାଇଁ ତାଙ୍କୁ ଗୋଲଡେନ୍ ଟିକେଟ ପ୍ରଦାନ କରିଥିଲେ । ସାଥିରେ ଅଡିସନ୍ ପାଇଁ ଯାଇଥିବା ଅଜୟଙ୍କ ମା ନଳିନୀ ସିଂ ମଧ୍ୟ ଖୁସି ବ୍ୟକ୍ତ କରିଥିଲେ । ଅଜୟଙ୍କ ପିତା ବଲାଙ୍ଗିରର ଜଣେ ଜଣାଶୁଣା ସଙ୍ଗୀତଜ୍ଞ । କଳାର ନିପୁଣତା ତାଙ୍କ ଭିତରେ ଭରି ରହିଛି । ଏଠାରେ କଳାଧାମ ଆର୍ଟ୍ ଇନଷ୍ଟିଚ୍ୟୁଟ ନାମରେ ସଂସ୍ଥାରେ ଛୋଟ ଛୋଟ ପିଲାଙ୍କ ଭିତରେ ଥିବା ସଙ୍ଗୀତ, ଚିତ୍ରକଳା, ନୃତ୍ୟ ନିପୁଣତା ବଢାଇବା ଦିଗରେ କାମ କରୁଛି । ଏହି ଇନଷ୍ଟିଚ୍ୟୁଟକୁ ଆସୁଥିବା ପିଲା ମାନଙ୍କୁ ଦେଖି ଅଜୟ ଛୋଟ ଦିନରୁ ବାପାଙ୍କ ଠାରୁ ସଙ୍ଗୀତ ଶିକ୍ଷା ଲାଭ କରିଥିଲେ । ସେ ଗାୟନ ସହିତ ଭାଓଲିନ, ଗୀଟାର, ହାରମୋନିୟମ, ତବଲା, କୀବୋର୍ଡ ନିପୁଣତା ହାସଲ କରିଛନ୍ତି । ବାପା ଶିକ୍ଷକତା କରୁଥିବା କଦମ୍ ପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ମେଟ୍ରିକ ଶିକ୍ଷା ପରେ ରାଜେନ୍ଦ୍ର କଲେଜରେ ପଢି ଏବେ ବନାରସ୍ ବିଶ୍ୱବିଦ୍ୟାଳୟ ଆର୍ଟ ସ୍ନାତକତୋର ଶେଷ ବର୍ଷ ଛାତ୍ର ରୂପେ ଅଧ୍ୟୟନରତ । ଭାରତ ସରକାର ସଂସ୍କୃତି ମନ୍ତ୍ରଣାଳୟର ସେଂଟର ଫର କଲଚର୍ ରିସର୍ଚ ଆଣ୍ଡ ଟ୍ରେନିଂ ପକ୍ଷରୁ ସଙ୍ଗୀତ ଗବେଷଣା ପାଇଁ ତାଙ୍କୁ ଫେଲୋସିପ ପ୍ରଦାନ କରାଯାଇଛି । ପୂର୍ବରୁ ଅଜୟ ଓଡିଶା ଜି ସାର୍ଥକ ସାରେଗାମାରେ ବିଜେତା ରହିଛନ୍ତି ।

# ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରଥକାଠ ଓ ଚନ୍ଦନ କାଠ ଦାନ କରିବାକୁ ଆରଡିସିଙ୍କ ଅନୁରୋଧ

ପୁରୀ, ୧୮/୧୦ (ନି.ପ୍ର): ପୁରୀର ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ । ପ୍ରତି ବର୍ଷ ରଥଯାତ୍ରା ପାଇଁ କାଠର ଆବଶ୍ୟକତା ପଡିଥାଏ । ରଥରେ ବ୍ୟବହାର ଉପଯୋଗୀ କାଠ ଓ ଚନ୍ଦନ କାଠ ଯେଉଁ ବ୍ୟକ୍ତି ବିଶେଷ ମାନଙ୍କ ପାଖରେ ଅଛି ସେମାନେ ମହାପ୍ରଭୁଙ୍କ ସେବା ପାଇଁ ପ୍ରଦାନ କରିବାକୁ କେନ୍ଦ୍ରାଚଂଳ ରାଜସ୍ୱ ଆୟୁକ୍ତ ଡଃ. ସୁରେଶ ଚନ୍ଦ୍ର ଦଳାଇ ଅନୁରୋଧ କରିଛନ୍ତି । ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ଚଳିତ ବର୍ଷ ରଥଯାତ୍ରା ପାଇଁ ରଥକାଠ ଯୋଗାଣ ଓ ଆଗାମୀ ବର୍ଷ ମାନଙ୍କ ପାଇଁ ରଥ ନିର୍ମାଣ ପାଇଁ କାଠ ବ୍ୟବସ୍ଥା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଆୟୁକ୍ତ ଡଃ ଦଳାଇ ରଥ ନିର୍ମାଣ ପାଇଁ ମୋଟ ୮୬୫ ଖଣ୍ଡ ବିଭିନ୍ନ ପ୍ରକାରର କାଠର ଆବଶ୍ୟକ ଥିବା ବେଳେ ପୂର୍ବ ବର୍ଷର ୫୩ ଖଣ୍ଡ ବଳକା କାଠ ଥିବାରୁ ଅବଶିଷ୍ଟ ୮୧୨ ଖଣ୍ଡ କାଠର ଆବଶ୍ୟକତା ରହିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ । ଅପରପକ୍ଷରେ ରଥ କାଠର ଆବଶ୍ୟକତାକୁ ମେଂଟାଇବା ପାଇଁ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପର ବ୍ୟବସ୍ଥା ସହ ନିୟମିତ ଅନୁଧ୍ୟାନ କରାଯାଉଛି । ପ୍ରତ୍ୟେକ ଡିଏଫଓ ମାନେ ସେମାନଙ୍କ ଅଂଚଳକୁ ଅନୁଧ୍ୟାନ କରି ରଥକାଠ ଓ ଚନ୍ଦନ କାଠ ସମ୍ପର୍କରେ ଏକ ଡାଟାବେଶ ପ୍ରସ୍ତୁତ କରିବା, ଜଗନ୍ନାଥ ବନ ପ୍ରକଳ୍ପରେ ଯେଉଁ ଚାରା ମରି ଯାଇଛି ସେ ଶୂନ୍ୟ ସ୍ଥାନରେ ଚାରା ରୋପଣ କରିବା, ମାସିକ ଭାବେ ରଥକାଠର ଡାଟା ବେସ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇବା ସମ୍ପର୍କରେ ଆୟୁକ୍ତ ପରାମର୍ଶ ଦେଇଥିଲେ । ଯେଉଁ ବ୍ୟକ୍ତି ବିଶେଷ ରଥ ନିର୍ମାଣ ପାଇଁ କାଠ ସ୍ୱଇଚ୍ଛାରେ ଦେଉଛନ୍ତି ସେମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ଓ ଏହାର ପ୍ରଚାର ପ୍ରସାର ପାଇଁ ସେ ଗୁରୁତ୍ୱ ଦେଇଥିଲେ । ଯାହା ଫଳରେ ଅଧିକ ବ୍ୟକ୍ତି ଶ୍ରୀଜୀଉମାନଙ୍କ ସେବାରେ ରଥକାଠ ଦାନ ପାଇଁ ଆଗ୍ରହ ପ୍ରକାଶ କରିବେ । ସେହିପରି ଚନ୍ଦନ କାଠ ଦାନ କରିବାକୁ ଚାହୁଁ ଥିବା ଦାତା ମାନଙ୍କୁ ସହଜ ଓ ସରଳ ପ୍ରକ୍ରିୟା ପାଇଁ ସହଯୋଗ କରିବାକୁ ଡ଼ଃ. ଦଳାଇ ଡି.ଏଫ.ଓ. ମାନଙ୍କୁ ପରାମର୍ଶ ଦେଇଥିଲେ । ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ରଥକାଠ ଦାତା ମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ବୋଲି ସୂଚନା ଦେବା ସହ ଆବଶ୍ୟକୀୟ ରଥକାଠ ଯୋଗାଣ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ଏହି ବୈଠକରେ ଜିଲ୍ଲାପାଳ ସମର୍ଥ ବର୍ମା, ପୁରୀ ଡି.ଏଫ.ଓ. ପି. ରାମାସ୍ୱାମୀ, ଖୋର୍ଦ୍ଧା ଡି.ଏଫ.ଓ. ପୂର୍ଣ୍ଣିମା ପାଣ୍ଡିଆନ, ନୟାଗଡ଼ ଡିଏଫଓ କ୍ଷମା ଷଡ଼ଙ୍ଗୀ, ଭୁବନେଶ୍ୱର ସିଟି ଡିଏଫଓ ଅଜିତ ଶତପଥୀ, ଘୁମୁସର ଡିଏଫଓ ସୁଦର୍ଶନ ବେହେରା, ବୌଦ୍ଧ ଡିଏଫଓ ଦେବପ୍ରିୟ କାମ୍ପା, ଶ୍ରୀମନ୍ଦିର ନିତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉପଜିଲ୍ଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ପ୍ରିୟଦର୍ଶନୀ ମଲ୍ଲିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁଅ ଝିଅ ଗୁରୁତ୍ୱ ଦେଲେନି : ସେବାଶ୍ରମରେ ହେଲା ପୁରେନ୍ଦ୍ରଙ୍କ ଶୁଦ୍ଧିକ୍ରିୟା

ଚମ୍ପୁଆ, ୧୮/୧୦ (ନି.ପ୍ର): ରାମଲା ଠାରେ ଥିବା ହାପି ହୋମ ସେବାଶ୍ରମରେ ଆଜି ଅତି ନିରାଡ଼ମ୍ବର ଭାବେ ପୁରନ୍ଦ୍ର ଦାସଙ୍କ ଦଶାହ କ୍ରିୟା ସମ୍ପନ୍ନ ହୋଇଯାଇଛି । ସୂଚନାଯୋଗ୍ୟ ଯେ ପୁଅବୋହୂମାନଙ୍କ ଦ୍ୱାରା ନିର୍ଯ୍ୟାତନାର ଶିକାର ହୋଇ ବେସାହାରା ବୁଲୁଥିବା ବୃଦ୍ଧ ଦମ୍ପତିଙ୍କୁ ମାନବ ପ୍ରେମୀ ସେବା ଟ୍ରଷ୍ଟର ସଦସ୍ୟମାନେ ଉଦ୍ଧାର କରି ନିକଟସ୍ଥ ରାମଲା ଠାରେ ରହିଥିବା ହାପି ହୋମ୍ ସେବାଶ୍ରମରେ ନେଇ ଛାଡ଼ିଥିଲେ । କିନ୍ତୁ କିଛିଦିନ ପୂର୍ବେ ପୁରନ୍ଦ୍ର ଦାସ(୮୭) କେନ୍ଦୁଝର ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ପ୍ରାଣତ୍ୟାଗ କରିଥିଲେ । ତାଙ୍କୁ ଶେଷଥର ପାଇଁ ଦର୍ଶନ କରିବାକୁ ପୁଅ ବୋହୂମାନେ କେହି ବି ଆସିନଥିଲେ । ଯାହାଫଳରେ ମାନବପ୍ରେମୀ ସେବା ଟ୍ରଷ୍ଟ୍ ଓ ହାପି ହୋମ ସେବାଶ୍ରମର ସଦସ୍ୟ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ପୁରନ୍ଦରଙ୍କ ଜନ୍ମସ୍ଥାନ ଚମକପୁର ଠାରେ ଅନ୍ତ୍ୟେଷ୍ଟି କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ଯାହା ସେତେବେଳେ ସାରା ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଗତକାଲି ତାଙ୍କର ଦଶାହ କ୍ରିୟା ଅବସରରେ ସେବାଶ୍ରମ ଠାରେ ଅମର ଆତ୍ମାର ସଦଗତି ନିମନ୍ତେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯିବା ସଙ୍ଗେସଙ୍ଗେ ସେଠାରେ ରହୁଥିବା ଅନ୍ତେବାସୀ ତଥା ପଡ଼ୋଶୀମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା ଓ ତା' ସଙ୍ଗେ ସଙ୍ଗେ ଚମ୍ପୁଆ ଠାରେ ରହିଥିବା ଆହାର କେନ୍ଦ୍ରରେ ମଧ୍ୟ ଖାଦ୍ୟ ବଂଟନର ସୁବ୍ୟବସ୍ଥା କରାଯାଇଥିଲା । ପରେ ସ୍ୱର୍ଗତ ପୁରନ୍ଦ୍ର ଦାସଙ୍କ ସ୍ତ୍ରୀ ପ୍ରତିମା ଦାସଙ୍କୁ ତାଙ୍କ ଝିଅ ନିଜ ଦାୟିତ୍ୱରେ ନେଇ ପାଟଣା ବ୍ଲକ ଅନ୍ତର୍ଗତ ନିଜ ଗାଁ ବେଗୁନିଆକୁ ନେଇଯାଇଥିବା ଜଣାପଡ଼ିଛି । ଏହିସବୁ କାର୍ଯ୍ୟଗୁଡ଼ିକୁ ସଫଳତା ପୂର୍ବକ ଆୟୋଜନ କରିବା ଦିଗରେ ସେବାଶ୍ରମ ମୁଖ୍ୟ ସିତାରା ବେଗମ୍, ମାନବପ୍ରେମୀ ସେବା ଟ୍ରଷ୍ଟ ଓ ସ୍ମାଇଲ୍ ଟ୍ରଷ୍ଟର ସଦସ୍ୟମାନଙ୍କର ଅତୁଳନୀୟ ଅବଦାନ ରହିଥିବାବେଳେ ସୀମା ପଲେଇ, ଦାଶରଥି ମହାରଣା, ଭାଗିରଥି ବାରିକ, ଟଙ୍କଧର ବାରିକ, ଚନ୍ଦ୍ରଶେଖର ବାରିକ, କାର୍ତିକେଶ୍ୱର ନାଏକ, ଡମ୍ବରୁଧର ନାଏକ ଏବଂ ରତ୍ନାକର ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଗୃହବନ୍ଦୀ ଅବସ୍ଥାରୁ ମୁକୁଳିବା ପାଇଁ ଆମରଣ ଅନଶନ

କେନ୍ଦ୍ରାପଡ଼ା, ୧୮/୧୦ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ମଧୁରଗଣ୍ଡ ଗ୍ରାମର ଦିପ୍ତିମୟୀ ବେହେରାଙ୍କ ପରିବାର ଦୀର୍ଘ ମେ ମାସ ଠାରୁ ଗୃହବନ୍ଦୀ ଅବସ୍ଥାରେ ରହିଛନ୍ତି । ଏନେଇ ପରିବାର ପକ୍ଷରୁ ବାରମ୍ବାର ମହାକାଳପଡା ତହସିଲ, ମାର୍ଶାଘାଇ ଥାନାରେ ଅଭିଯୋଗ କଲେ ମଧ୍ୟ କୌଣସି ଫଳ ନମିଳିବାରୁ ପରିବାର ର ସମସ୍ତ ସଦସ୍ୟ ବାଧହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସି ରହିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ଦିପ୍ତିମୟୀଙ୍କ ଦେଢଶୂର କାଳନ୍ଦୀ ବଳ ପୂର୍ବକ ତାଙ୍କ ଘର ଆଗରେ ଯାତାୟତ ରାସ୍ତା ବନ୍ଦ କରି ତାଙ୍କ ଘର ସାମ୍ନାରେ ଏକ ଗୃହ ନିର୍ମାଣ କରିବାରୁ ସେ ଗତ ମେ ମାସରୁ ଘରୁ ବାହାରିପାରୁ ନାହାଁନ୍ତି । ଏପରିକି ତାଙ୍କର ଛୋଟ ଛୋଟ ପିଲାମାନେ ଶୌଚ ହେବାପାଇଁ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲା କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିବା ପରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ନିଲୁ ମହାପାତ୍ର, କେନ୍ଦ୍ରାପଡା ଏସଡିପିଓ ଦେବେନ୍ଦ୍ର କୁମାର ମଲିକ ପ୍ରମୁଖ ଆମରଣ ଅନଶନକାରୀଙ୍କ ସହ ଆଲୋଚନା କରି ତାଙ୍କୁ ନ୍ୟାୟ ଦେବାକୁ ପ୍ରତିଶୃତି ଦେବାପରେ ଦିପ୍ତିମୟୀଙ୍କ ପରିବାର ଅନଶନରୁ ଓହରି ଥିବା ଜଣାପଡିଛି ।

# ସୁସ୍ଥତା, ସଦଭାବନା ଏବଂ ନିଶାମୁକ୍ତି ସଂକଳ୍ପ ନେଇ ଅନୀଲ ଗୁପ୍ତାଙ୍କ ଛତିଶଗଡ଼ରୁ ପୁରୀ ମାରାଥନ

ସମ୍ବଲପୁର, ୧୮/୧୦ (ନି.ପ୍ର): ମାରଥନ ଦୌଡ ପାଇଁ ଛତିଶଗଡ ରାଜ୍ୟର ସୁପରିଚିତ ଅନିଲ ଗୁପ୍ତା ଏବେ ଯୁବକମାନଙ୍କୁ ସୁସ୍ଥ ରହିବା ପାଇଁ ସଚେତନ କରିବା ସହ ମହାନଦୀ ଜଳବିବାଦ ପାଇଁ ପଶ୍ଚିମାଂଚଳ ଏବଂ ଛତିଶଗଡର ଜନସାଧାରଣଙ୍କ ମଧ୍ୟରେ ଉପୁଜି ଥିବା ମତପାର୍ଥକ୍ୟ ଦୂର କରିବା ଓ ନିଶାସେବନରୁ ଯୁବଗୋଷ୍ଠୀ ନିବୃତ ରହିବା ସଚେତନତା ଜାଗ୍ରତ ପାଇଁ ସୁଦୂର ଛତିଶଗଡ ରାଜ୍ୟ ରାୟଗଡ଼ ଜିଲ୍ଲା ଧୌରାଭଟାରୁ ପୁରୀ ଅଭିମୁଖେ ପଦଯାତ୍ରା କରୁଛନ୍ତି । ଦିନକୁ ପ୍ରାୟ ୫୦ରୁ ୬୦ କିଲୋମିଟର ସେ ଦୌଡ଼ି ଦୌଡ଼ି ଏହି ଯାତ୍ରା ରଖିଛନ୍ତି । ଆଜି ପ୍ରତ୍ୟୁଷରୁ ବେଲପାହାଡରୁ ବାହାରି ସମ୍ବଲପୁର କଚେରୀ ଛକ ପହଂଚିବା ପରେ ତାଙ୍କୁ ସାମାଜିକ ଏବଂ ସାଂସ୍କୃତିକ ସଂଗଠନ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ସ୍ୱାଗତ କରାଯିବା ସହ ତାଙ୍କର ପ୍ରଚେଷ୍ଟା ପାଇଁ ପୁଷ୍ପ ମାଲ୍ୟ ଏବଂ ଉତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେ କଚେରୀ ଛକ ପହଂଚିବା ପରେ ଶହୀଦ ସ୍ତମ୍ଭରେ ମାଲ୍ୟାର୍ପଣ କରିବା ପରେ ନିଜ ଯାତ୍ରାର ଅଭିପ୍ରାୟ ବର୍ଣ୍ଣନା କରିଥିଲେ । ତାଙ୍କର ଏହି ଯାତ୍ରାରେ ବନ୍ଧୁ ବିଭୁତି ଗୁପ୍ତା ସହଯୋଗ କରୁଥିବା କହିଛନ୍ତି ।

# ମା' ଦୁର୍ଗାଙ୍କ ପୁଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

କୋରେଇ, ୧୮/୧୦ (ନି.ପ୍ର): ଆଉ କିଛି ଦିନ ପରେ ପୁଜା ପାଇବାକୁ ଧରା ଅବତରଣ କରିବେ ଜଗତ ଜନନୀ ମା ଦୁର୍ଗା । ଏଥି ଲାଗି ପାଣିକୋଇଲି ବଜାରର ଦୁର୍ଗା କମିଟି ତରଫରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ । ଦିର୍ଘ ୨୨ ବର୍ଷ ଧରି ପାଣିକୋଇଲି ବଜାରରେ ପୁଜା ପାଇ ଆସୁଥିବା ମା ଦୁର୍ଗାଙ୍କ ପୁଜାର୍ଚ୍ଚନା ଚଳିତ ବର୍ଷ ଷଷ୍ଠୀ ଠାରୁ ଆରମ୍ଭ ହୋଇ ଦଶମୀ ପର୍ଯ୍ୟନ୍ତ ବହୁ ଆଡ଼ମ୍ବରରେ ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବ ବୋଲି କମିଟିର ସଭାପତି ଅଜୟ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ମାଝୀ, ଉପଦେଷ୍ଟା ଡ଼ାକ୍ତର ନିର୍ମଳ ରଥ, ବିଶମ୍ବର ପରିଡ଼ା, ଆଲୋକ ପରିଡ଼ା, ଆନନ୍ଦ ଚନ୍ଦ୍ର ସାହୁ, ଭାସ୍କର ବୋଇତେଇ, ଏକନ ବେହେରା ପ୍ରମୁଖ ଜଣାଇଛନ୍ତି ।

# ଜିଲ୍ଲା ବ୍ରାହ୍ମଣ ମହାସଭା, ବଲାଙ୍ଗିରର ମାସିକ ବୈଠକ

ବଲାଙ୍ଗିର , ୧୮/୧୦ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ବ୍ରାହ୍ମଣ ମହାସଭାର ଏକ ସାମ୍ପ୍ରସାରିତ କାର୍ଯ୍ୟକାରୀ ସଦସ୍ୟଙ୍କର ବୈଠକ ସ୍ଥାନୀୟ ନରସିଂହ ମନ୍ଦିର ଠାରେ ଧନଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ଉପସ୍ଥିତ ସଭ୍ୟଗଣ ନିଜ ନିଜର ମତବ୍ୟକ୍ତ କରିଥିଲେ । ସେଗୁଡିକ ହେଲା - ଆସନ୍ତା ୧୧.୧୧.୨୦୨୩ ରବିବାର ଦିନ 'ନୁଆଁଖାଇ ଭେଟଘାଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଓ ୯୦ବର୍ଷରୁ ଉର୍ଦ୍ଧ ବଂଚିଥିବା ସମସ୍ତ ବ୍ରାହ୍ମଣ ମାନଙ୍କୁ ସମ୍ମାନିତ କରାଯିବ । ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ତୁଲାଇବାପାଇଁ ଶ୍ରୀଯୁକ୍ତ ନରେନ୍ଦ୍ର କୁମାର ଆଚାର୍ଯ୍ୟ, ପଣ୍ଡିତ କିଶୋର କୁମାର ମିଶ୍ର ଓ କିଶୋର କୁମାର ପୁରୋହିତଙ୍କୁ ସର୍ବସମ୍ମତିକ୍ରମେ ଦାୟିତ୍ୱ ଅର୍ପଣ କରାଯିବା ସଂଗେ ସଂଗେ ସମସ୍ତେ ସହଯୋଗ କରିବାପାଇଁ ପ୍ରସ୍ତାବ ଗୃହୀତ ହେଲା । ଗତ ମାସିକ ବୈଠକ ପରଠାରୁ ଯୋଗ ଦେଇଥିବା ନୂତନ ସଦସ୍ୟ ମାନଙ୍କୁ କମିଟି ସ୍ୱାଗତ କରିଥିଲେ, ସେମାନେ ହେଲେ ଜୟ ନାରାୟଣ ବେହେରା, ଧର୍ମ ପ୍ରସାଦ ଆଚାର୍ଯ୍ୟ, ରମେଶ ଚନ୍ଦ୍ର ପାଣିଗ୍ରାହୀ, କପିମୁନି ନନ୍ଦ, ହରେରାମ ପାଣିଗ୍ରାହୀ, ସିଦ୍ଧେଶ୍ୱର ପାଣିଗ୍ରାହୀ, ସନ୍ତୋଷ କୁମାର ତ୍ରିପାଠୀ, ଜଗଦୀଶ ହୋତା, କିଶୋର ମିଶ୍ର, ମନୋରଞ୍ଜନ ତ୍ରିପାଠୀ, ପ୍ରଦୀପ କୁମାର ଗୁରୁ, ବିରଂଚି ମିଶ୍ର, ଅଶୋକ କୁମାର ପାଣ୍ଡିଆ, ମୋହନ ଗୋପାଳ ପଣ୍ଡା, ଦେବୀ ପ୍ରସନ୍ନ ଶତପଥୀ, ସୁବାଷ ଚନ୍ଦ୍ର ଶତପଥୀ, ପ୍ରଦୀପ କୁମାର ମିଶ୍ର, କ୍ଷେତ୍ର ମୋହନ ପାଣିଗ୍ରାହୀ, ରାମକୃଷ୍ଣ ଦାଶ, ଓ ପ୍ରଶାନ୍ତ କୁମାର ଶତପଥି । ଏହି ସଭାରେ କୋଷାଧକ୍ଷ ପର୍ଶୁରାମ ନାୟକ,ଉପସଭାପତି ଶ୍ରୀଯୁକ୍ତ ଗୋପବନ୍ଧୁ ପୁରୋହିତ ଓ ବରିଷ୍ଠ ସଦସ୍ୟ ନୀଳମଣି ମିଶ୍ର,ରଘୁନାଥ ମିଶ୍ର, ପ୍ରଭାକର ମିଶ୍ର, ସନ୍ତୋଷ କୁମାର ଶତପଥି,ଦେବଦତ୍ତ ମିଶ୍ର, ଶ୍ୟାମ ସୁନ୍ଦର ଦାଶ, ସଂକୀର୍ତନ ତ୍ରିପାଠୀ, ବିଶ୍ୱନାଥ ଶତପଥୀ, ତପନ କୁମାର ମିଶ୍ର,ପ୍ରତାପ ଚନ୍ଦ୍ର ରଥ ଓ ଅନ୍ୟାନ୍ୟ ସଦସ୍ୟଗଣ ଉପସ୍ଥିତ ଥିଲେ ।

# ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଅଭିଯାନ: ସଚେତନତା ପାଇଁ ପଥ ଉତ୍ସବ ୨୮ରେ

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଅଭିଯାନ-୨୦୨୪ ଚଳିତ ମାସ ୨୭ ତାରିଖରୁ ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥି ନିମନ୍ତେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆସନ୍ତା ୨୮ ତାରିଖରେ 'ପଥ ଉତ୍ସବ' ଅନୁଷ୍ଠିତ ହେବ । ଏ ସଂକ୍ରାନ୍ତରେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଯୁବ ତଥା ନୂତନ ଭୋଟରମାନଙ୍କର ଭୋଟର ତାଲିକାରେ ନାମ ପଂଜୀକରଣ ଏବଂ ଏ ବାବଦରେ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ଅବସରରେ ବିଭିନ୍ନ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପେଂଟିଂ, ରଙ୍ଗୋଲି, ଝୋଟି, ସ୍କେଟିଂ, କୁଇଜ୍ ଏବଂ ଦସ୍ତଖତ ଅଭିଯାନର ଆୟୋଜନ କରାଯିବ । ଏଥିରେ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଶିକ୍ଷକଶିକ୍ଷୟିତ୍ରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା, ସାଧାରଣ ଜନତା, ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିବେ । ଏଥି ସହ ମୋବାଇଲ୍ ଆପ୍ ମାଧ୍ୟମରେ ଭୋଟର ପଂଜୀକରଣ ନିମନ୍ତେ ଯୁବକଯୁବତୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇବା ନିମନ୍ତେ ସହାୟତା କେନ୍ଦ୍ରର ବ୍ୟବସ୍ଥା କରାଯିବ । ଏଥି ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରିବା ଉଦ୍ଦେଶ୍ୟରେ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପାନୀୟଜଳ, ଆମ୍ବୁଲାନ୍ସ, ଅଗ୍ନିଶମ, ଟ୍ରାଫିକ୍ ପରିଚାଳନା ନିମନ୍ତେ ସଂପୃକ୍ତ ବିଭାଗମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ ମହାପାତ୍ର, ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ, ମଧୁସୂଦନ ବେହେରା, ଅତିରିକ୍ତ ଡିସିପି ତରୁଣ କୁମାର ଦାସ, ଟ୍ରାଫିକ୍ ଏସିପି ଜୟନ୍ତ କୁମାର ଦୋରା, ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା, ପର୍ଯ୍ୟଟନ ଅଧିକାରୀ ଅଞ୍ଜନ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଉଦ୍ଦ୍ୟେଶରେ ଦାବିପତ୍ର ପ୍ରଦାନ

କୋରେଇ, ୧୮/୧୦ (ନି.ପ୍ର): ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ରାଜ୍ୟ ବରିଷ୍ଠ ନାଗରିକ ମହାସଙ୍ଘ ଆହ୍ୱାନରେ ପାଂଚ ଦଫା ଦାବୀ ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦ୍ୟେଶରେ କୋରେଇ ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଛି । ମଂଚର ସଭାପତି ନୃସିଂହ ଚରଣ ଦଳାଇ, ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଓ ଶ୍ରୀଧର ଦାସଙ୍କ ନେତୃତ୍ୱରେ ଏହା କରାଯାଇଛି । ପ୍ରମୁଖ ଦାବୀ ମଧ୍ୟରେ ବାର୍ଦ୍ଧକ୍ୟ ଭତା ୫ଶହ ଟଙ୍କାରୁ ୨ହଜାରକୁ ବୃଦ୍ଧି କରିବା, ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ବୀମା (ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି.ଏସ.କେ, ୱାଇ) ଭୁକ୍ତ କରିବା, ଗରିବ ଅଭାବି ଲୋକଙ୍କୁ ୫ କିଲୋ ଚାଉଳ ପରିବର୍ତେ ମୁଣ୍ଡପିଛା ମାସିକ ୧୦ କେଜି ଚାଉଳ ପ୍ରଦାନ, ମୋ ବସ ଭଳି ସମସ୍ତ ସରକାରୀ ଓ ବେସରକାରୀ ବସରେ ସାରା ରାଜ୍ୟରେ ବରିଷ୍ଠ ନାଗରିକ ମାନଙ୍କୁ ରିହାତି ପ୍ରଦାନ, ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ଧାଡିର ବ୍ୟବସ୍ଥା, ପ୍ରତ୍ୟେକ ବରିଷ୍ଠ ନାଗରିକ ସଙ୍ଗଠନକୁ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଜାଗା ପ୍ରଦାନ କରିବା ଆଦି ଦାବୀ ଉପସ୍ଥାପନା କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଚକ୍ରଧର ସାହୁ, ସନାତନ ବିଶ୍ୱାଳ, ରଘୁନାଥ ମାଝୀ, ଚନ୍ଦ୍ରମଣି ସ୍ୱାଇଁ, ରାମକୃଷ୍ଣ ମଳିକ, ଜଗନ୍ନାଥ ମାଝୀ, ଗୌରାଙ୍ଗ ବାରିକ, ବୃନ୍ଦାବନ ଜେନା, ନାରାୟଣ ଚନ୍ଦ୍ର ସାହୁ, ଅଭିରାମ ବାରିକ, ମୁରଲୀ ଖଣ୍ଡାଇ, ଅକ୍ଷୟ ସ୍ୱାଇଁ, ଫକୀର ମହାାପତ୍ର, ତ୍ରୈଲୋକ୍ୟ ମହାପାତ୍ର, ସୁରେନ୍ଦ୍ର ସେଠୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ଦାବି ପତ୍ର ଗ୍ରହଣ କରିଥିଲେ ।

# ଖଇରା ଥାନାରେ ଶାନ୍ତି କମିଟି ବୈଠକ



ଖଇରା, ୧୮/୧୦ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ଥାନାରେ ବୁଧବାର ଦିନ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଖଇରା ଥାନା ଆଇଆଇସି ଗୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ଦୁର୍ଗା ପୂଜା କମିଟି ର ସଭାପତି ସମ୍ପାଦକ ମାନେ ଯୋଗ ଦେଇଥିଲେ । ଚଳିତ ବର୍ଷ ପୂଜାରେ ଡିଜେ ଉପରେ କଟକଣା ଜାରି କରାଯାଇଥିଲା । ସେହିଭଳି ରାତି ୧୦ଟା ପରେ ମାଇକ ବନ୍ଦ ପାଇଁ ଆଇଆଇସି ମଣ୍ଡପ ମାଲିକ ମାନଙ୍କୁ ପରାମର୍ଶ ଦେଇଥିଲେ । ଯେଉଁ ପୂଜା କମିଟି ଅପେରା ବା ରାବଣ ପୋଡି କରିବାକୁ ନିଷ୍ପତ୍ତି ନେଇଛନ୍ତି ସେମାନେ ଶାନ୍ତିଶୃଙ୍ଖଳା ମଧ୍ୟରେ ପାଳନ କରିବାକୁ ଆଇଆଇସି ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ଗଣ୍ଡିବେଡ, ମଛଦା, ଖଇରା, ସାରଡାଙ୍ଗ, ଅଲିପୁର, କୁପାରୀ, ସୁଣ୍ଡିରା, ରାଇକୁଳା, ପତିରାଜପୁର, ଡୁଙ୍ଗୁରା ଇତ୍ୟାଦି କମିଟିର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

# ଘଟଗାଁରେ ଶିଶୁ ସୁରଭି କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଘଟଗାଁ, ୧୮/୧୦ (ନି.ପ୍ର): ସ୍ଥାନୀୟ ସରକାରୀ ୟୁ.ପି. ସ୍କୁଲ ପରିସରରେ ଘଟଗାଁ ବ୍ଲକସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ ଆଜି ମୁଖ୍ୟ ଅତିଥି ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଏ.ବି.ଓ. ଅମ୍ବିକା ପତି, ବେଣୁଧର ଆଚାର୍ଯ୍ୟ, ସଞ୍ଜୟ ପଲେଇ, ଶିକ୍ଷକ ନେତା ଶିଶିର ରାଉତ ଓ ଥାନା ଇନ୍ସପେକ୍ଟର ଅଞ୍ଜନ ପାତ୍ର ଯୋଗଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ଶକ୍ତିର ପରିପ୍ରକାଶ ଏକ ଉପଯୁକ୍ତ ମାଧମ ବୋଲି ମତବ୍ୟକ୍ତ କରିଥିଲେ । ମଂଚରେ ବ୍ଲକର ୧୩ଟି କ୍ଲଷ୍ଟରରୁ ଯୋଗ୍ୟ ବିବେଚିତ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିବା ଜଣାପଡିଛି । କାର୍ଯ୍ୟକ୍ରମକୁ ସୁବର୍ଣ୍ଣ କୁମାର ପଲେଇ ଓ ରୋହିତ କୁମାର ବେହେରା ସଂଚାଳନ କରିଥିବା ସ୍ଥଳେ ସିଆରସିସି ଡମ୍ବରୁଧର ବେହେରା, ଧରଣୀ ମହନ୍ତ, ନବକୃଷ୍ଣ ରାଉତ ତଥା ରାଜ୍ୟ ପୁରସ୍କୃତ ଶିକ୍ଷୟିତ୍ରୀ ମାଳତୀ କୁମାରୀ ନାଥ ଶର୍ମା, ମାଗୁଣି ଚରଣ ମାଝି, ପ୍ରୀୟଦ୍ ପ୍ରଜ୍ଞା ରାଉତ, ଆଶିଷ ବେହେରା, ବିଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ । ତାରିଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସାଇକେଲ ରାଲିକୁ ଥାନା ଇନ୍ସପେକ୍ଟର ଅଞ୍ଜନ ପାତ୍ର ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜଶ୍ରୀ ସେଠୀ, କେଶବ ମିଶ୍ର, ବରିଷ୍ଠ ଶିକ୍ଷକ ଅଶୋକ କୁମାର ନାଥ, ପ୍ରଜ୍ଞା ପାରମିତା ମିଶ୍ର, ପ୍ରଫୁଲ୍ଲ ପଢ଼ାନ, ତାପସ ମଣ୍ଡଳ, ଜ୍ୟୋସ୍ନା ରାଣୀ ସାହୁ ପ୍ରମୁଖ ରାଲି ଆୟୋଜନ କରି ନଗର ପରିକ୍ରମା କରିଥିଲେ ।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨ ୦୨୩ ଓ ଓଡ଼ିଶା ମିଲେଟସ ପ୍ରତିଯୋଗିତା ଅନୁଷ୍ଠିତ

ନୀଳଗିରି , ୧୮/୧୦ (ନି.ପ୍ର): ନୀଳଗିରି ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୩ ଓ ଓଡ଼ିଶା ମିଲେଟସ୍ ପ୍ରତିଯୋଗିତା ମାଟିଆଳୀ ନୋଡାଲ ଉଚ୍ଚବିଦ୍ୟାଳୟ ଠାରେ ୧୮ତାରିଖ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ପ୍ରତିଭାର ସ୍ଫୁରଣ ଓ ସେମାନଙ୍କ ଭିତରେ ଲୁଚିରହିଥିବା ଅନ୍ତର୍ନିହିତ ଗୁଣାବଳିର ବିକାଶ ନିମନ୍ତେ ଏହା ଏକ ନିଆରା କାର୍ଯ୍ୟକ୍ରମ। ନୀଳଗିରି ବ୍ଲକର ୧୯ଗୋଟି କ୍ଲଷ୍ଟରକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରୀର ବି.ଆର.ସି. ସି ମିହିର କୁମାର ଦାସଙ୍କ ଆବାହକତ୍ୱରେ ବିଇଓ ସ୍ନିଗ୍ଧା ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ନୀଳଗିରି ଉପଜିଲ୍ଲାପାଳ ମନ୍ଦର ଧର ମହାଳିକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କର ପ୍ରତିଭା ଅନ୍ୱେଷଣ ହେଉଛି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମି ମାଝୀ ଯୋଗ ଦେଇ ଛାତ୍ରଛାତ୍ରୀ ମାନେ ଦେଶର ଆଗାମୀ ଭବିଷ୍ୟତ ଯେଉଁମାନେ ଭାରତ ତଥା ଓଡ଼ିଶାର ନାମକୁ ବିଶ୍ୱ ପଟଳରେ ସମ୍ମାନ ରଖିପାରିବେ। ଅନ୍ୟତମ ବରେଣ୍ୟ ବ୍ୟକ୍ତିତ୍ୱ ମଧ୍ୟରେ ଶିକ୍ଷାବିତ୍ତ୍ ଭାଗବତ ପ୍ରସାଦ ଦାସ, ମାଟିଆଳୀ ସରପଞ୍ଚ ଶାନ୍ତିଲତା ବିଶ୍ୱାଳ, ମାଟିଆଳୀ ସମିତି ସଭ୍ୟ ଶଶଧର ମହାପାତ୍ର, ନୀଳଗିରି ଏବିଇଓ ଲମ୍ବୋଦର ସିଂ, ଶାନ୍ତିଲତା ମହାନ୍ତି, ମାଟିଆଳୀ ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସ ପାଣିଗ୍ରାହୀ, ପରିଚାଳନା କମିଟି ସଭାପତି ଶ୍ରୀମତୀ ଚନ୍ଦ୍ରକାନ୍ତି ସେଠୀ, ବୈଷ୍ଣବବନ୍ଧ ସରକାରୀ (ଏସଏସ ଡି) ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜମୋହନ ମାଝୀ ପ୍ରମୁଖ ମହାନୁଭବ ଉପସ୍ଥିତ ଥିଲେ। ମୋଟ ୧୨ଗୋଟି ଇଭେଣ୍ଟରେ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ପ୍ରତି କ୍ଲଷ୍ଟରରୁ ଜଣେ ଲେଖା ପ୍ରତିଯୋଗୀ ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲ୍ଲା ସ୍ତରରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତେବେ ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟା ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର, କପ୍ ଓ ମିଲେଟ୍ ପ୍ୟାକ ପ୍ରଦାନ କରାଯାଇଥିଲା। ସି. ଆର ସି. ସି ରୂପକ ପଶା, ହେମନ୍ତ ମହାପାତ୍ର, କାର୍ତ୍ତିକ ମହାପାତ୍ର, ରେଣ୍ଟୋ ସୋରେନ ଶିକ୍ଷକ ଅକ୍ଷୟ ଦାସ ମଙ୍ଗଳ ମାଝୀ, ରତିକାନ୍ତ ସିଂ, ପ୍ରୀତି ପ୍ରିୟଦର୍ଶନୀ ସିଂ ପରିଚାଳନାରେ ମୁଖ୍ୟ ସହଯୋଗ କରିଥିବା ବେଳେ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

# ବାଲେଶ୍ୱର ଜିଲ୍ଲା ମୁଖ୍ୟ ଦପ୍ତରରୁ ବିଚାର ବିଭାଗୀୟ କୋର୍ଟ ସ୍ଥାନାନ୍ତର ବିରୋଧରେ ମିଳିତ ଗଣଧାରଣା




ବାଲେଶ୍ୱର, ୧୮/୧୦ (ନି.ପ୍ର): ଜିଲ୍ଲା ମୁଖ୍ୟଦପ୍ତରରୁ ବାଲେଶ୍ୱରର ସମସ୍ତ ବିଚାର ବିଭାଗୀୟ କୋର୍ଟଗୁଡ଼ିକୁ ରେମୁଣା ତହସିଲ ଅଧିନ ବିଧ୍ୟାଧରପୁର ମୌଜାକୁ ସ୍ଥାନାନ୍ତର ତଥା ସେଠାରେ 'ଜୁଡ଼ିସିଆଲ୍ ହବ୍' ନିର୍ମାଣ ନିଷ୍ପତ୍ତିକୁ ବିରୋଧ କରି ବାଲେଶ୍ୱରର ବିଭିନ୍ନ ସାମାଜିକ ଓ ଗଣସଂଗଠନମାନଙ୍କ ସମେତ ଓକିଲ ସଂଘକୁ ନେଇ ଗଠିତ 'ଜଏଣ୍ଟ୍ ଆକ୍ସନ୍ କମିଟି' ପକ୍ଷରୁ ବୁଧବାର ଦିନ ପୂର୍ବାହ୍ନରେ ଶତାଧିକ ବ୍ୟକ୍ତି ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖସ୍ଥ ଖାଉଟି ଅଦାଲତ ସମ୍ମୁଖରେ ଗଣଧାରଣାରେ ବସିଥିଲେ। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରି ବାଲେଶ୍ୱରର ବହୁ ସଂଗଠନ ପକ୍ଷରୁ କର୍ମକର୍ତ୍ତାମାନେ ସେମାନଙ୍କ ବକ୍ତବ୍ୟରେ ଏହା ଏକ ଅପରିଣାମ ନିଷ୍ପତ୍ତି ବୋଲି ମତ ଦେଇଥିଲେ। ଜିଲ୍ଲା ମୁଖ୍ୟଦପ୍ତରୁ କୋର୍ଟଗୁଡ଼ିକ ପ୍ରାୟ ୧୨ କିଲୋମିଟର ଦୂରକୁ ସ୍ଥାନାନ୍ତରିତ ହେଲେ ଜିଲ୍ଲାବାସୀ ନ୍ୟାୟ ପାଇବାରେ ଅସୁବିଧାର ସମ୍ମୁଖୀନ ହେବେ। ପ୍ରସ୍ତାବିତ ସ୍ଥାନକୁ ଯାତାୟତର କୌଣସି ସୁବ୍ୟବସ୍ଥା ନଥିବାବେଳେ ଜିଲ୍ଲା ମୁଖ୍ୟଦପ୍ତରକୁ ଜିଲ୍ଲାର ସମସ୍ତ ଅଞ୍ଚଳରୁ ସଡ଼କ ଓ ରେଳପଥରେ ଯାତାୟାତର ସୁବିଧାସୁଯୋଗ ରହିଛି। ନ୍ୟାୟ ପାଇଁ ଆବେଦନକାରୀ ପକ୍ଷ ଓ ସାକ୍ଷୀମାନେ ନିର୍ଦ୍ଧାରିତ ସମୟରେ କୋର୍ଟରେ ପହଞ୍ଚିପାରିବେ ନାହିଁ। ଏତଦ୍‌ଭିନ୍ନ ଓକିଲ, ମୋହରୀର, ଭେଣ୍ଡର, ଟାଇପିଷ୍ଟ ଓ ଅଦାଲତ ପାର୍ଶ୍ୱର ବ୍ୟବସାୟୀମାନେ ବିପୁଳ କ୍ଷତିର ସମ୍ମୁଖୀନ ହେବେ ବୋଲି ବକ୍ତାମାନେ ଦର୍ଶାଇଥିଲେ। ତେଣୁ ଏହି ନିଷ୍ପତ୍ତିର ପୁନଃବିଚାର କରି ଜିଲ୍ଲାପାଳଙ୍କ ଦପ୍ତରପାର୍ଶ୍ୱରେ ଥିବା କୋର୍ଟ ପରିସରରେ ପ୍ରସ୍ତାବିତ ଜୁଡ଼ିସିଆଲ୍ ହବ୍ ନିର୍ମାଣ ପାଇଁ ସେମାନେ ଦାବି କରିଥିଲେ। ଜଏଣ୍ଟ୍ ଆକ୍ସନ୍ କମିଟିର ଆବେଦକ ତଥା ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଏହି ଧାରଣାସ୍ଥଳ ସଭାରେ ଅଧକ୍ଷତା କରିଥିଲେ। ଗଣଧାରଣା ଆରମ୍ଭ ପୂର୍ବରୁ ପୂର୍ବାହ୍ନ ୧୦ଟାରେ ମହାତ୍ମାଗାନ୍ଧୀ ଓ କୁଳବୃଦ୍ଧ ମଧୁସୂଦନଙ୍କ ଫଟୋଚିତ୍ରରେ ଉପସ୍ଥିତମାନେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଓକିଲ ସଂଘର ସଭାପତି ମନୋଜ ନାୟକ, ସଂପାଦକ ଦୀପକ କୁମାର ଦାଶଙ୍କ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ, ବଂଶୀଧର ଦଳାଇ, ନିରଞ୍ଜନ ପରିଡ଼ା, ଅରୁଣ ଜେନା, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ରଘୁନାଥ ଲେଙ୍କା, ସୀତାରାମ ପ୍ରଧାନ, ସ୍ନେହଲତା ଦାସ, ସରସ୍ୱତୀ ପଣ୍ଡା, ବିଧାନ ଚନ୍ଦ୍ର ରାୟ, ରୁବି ପଟ୍ଟନାୟକ, କୁଶଧ୍ୱଜ ଜେନା, ଅନୁଜ ମହାପାତ୍ର, ବେଣୁଧର ବାରିକ, ଦାମୋଦର ନାୟକ, ଦିବ୍ୟେନ୍ଦୁ ପାଣିଗ୍ରାହୀ, ବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ଅବଦୁଲ ମଜିଦ୍, ରଘୁନାଥ ପ୍ରଧାନ, ଇଂ. ବନମାଳୀ ନାୟକ, ବୀରେନ୍ଦ୍ର ନାୟକ, ପ୍ରତିମା ପଣ୍ଡା, ଶରତ କୁମାର ମହାପାତ୍ର, ମମତା ଦାସ, ଯୁବନେତା ବିକ୍ରମ ପଣ୍ଡା, ସିଆଇଟିୟୁ ନେତା ରାଜକିଶୋର ଲେଙ୍କା, ସୋମନାଥ ନାୟକ, ଶିଶିର ରଥ, ବାସନ୍ତୀ କର, ପ୍ରତାପ ଚନ୍ଦ୍ର ପଣ୍ଡା, ତ୍ରିଦୀପ ନାୟକ, ପରିବେଶବିତ୍ ଜୟନ୍ତ ବେହେରା, ସଂବିତ୍ ନନ୍ଦୀ, ଭରତ ଚନ୍ଦ୍ର ସେଠୀ, ପ୍ରଜ୍ଞାପାରମିତା ମହାନ୍ତି, ବିଜୟ କୁମାର ପାଣିଗ୍ରାହୀ ଓ କୁମୁଦ ରଞ୍ଜନ ଗିରି ପ୍ରମୁଖ ସେମାନଙ୍କ ସଂଗଠନ ପକ୍ଷରୁ ଧାରଣା ସ୍ଥଳରେ ନିଜର ବକ୍ତବ୍ୟ ପ୍ରଦାନ କରି ବିଚାର ବିଭାଗ କୋର୍ଟଗୁଡ଼ିକ ସ୍ଥାନାନ୍ତର ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଥିଲେ। ଜଏଣ୍ଟ୍ ଆକ୍ସନ୍ କମିଟିର ୧୧ଜଣ ସଦସ୍ୟ ବିଶିଷ୍ଟ ଆବାହକ ମଣ୍ଡଳୀ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରି ଆଲୋଚନା କରିଥିଲେ। ପୂର୍ବରୁ ଥିବା କୋର୍ଟ ପରିସରରେ ଜୁଡ଼ିସିଆଲ୍ ହବ୍ ନିର୍ମାଣ ପାଇଁ ପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ। ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରି ବାଲେଶ୍ୱରବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ବିବାଦର ସୁସମାଧାନ ପାଇଁ ଆସନ୍ତା ନଭେମ୍ବର ମାସ ପ୍ରଥମ ସପ୍ତାହରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ସଂପର୍କରେ ଆଲୋଚନା ପାଇଁ ମତବ୍ୟକ୍ତ କରିଥିଲେ। ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ସଂପର୍କରେ ଧାରଣାସ୍ଥଳରେ ଓକିଲ ସଂଘର ସଭାପତି ମନୋଜ ନାୟକ ଉପସ୍ଥିତମାନଙ୍କୁ ଅବଗତ କରାଇଥିଲେ। ତେଣୁ ଆସନ୍ତା ନଭେମ୍ବର ୨ୟ ସପ୍ତାହ ପର୍ଯ୍ୟନ୍ତ ଜଏଣ୍ଟ୍ ଆକ୍ସନ୍ କମିଟି ପକ୍ଷରୁ ପ୍ରସ୍ତାବିତ ପ୍ରତ୍ୟେକ୍ଷ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ଘୋଷଣା କରାଯାଇଛି। କିନ୍ତୁ କୋର୍ଟ ସ୍ଥାନାନ୍ତରକୁ ବିରୋଧ କରି ୧ଲକ୍ଷ ବ୍ୟକ୍ତିଙ୍କ ସ୍ୱାକ୍ଷର ଅଭିଯାନ, ପ୍ରଚାରପତ୍ର ବଣ୍ଟନ ଓ ଜନସଚେତନତା ପ୍ରଭୃତି କାର୍ଯ୍ୟକ୍ରମ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଚାଲୁ ରହିବ ବୋଲି ସର୍ବସମ୍ମତିକ୍ରମେ ଧାରଣାସ୍ଥଳରେ ନିଷ୍ପତ୍ତି ନିଆଯାଇଛି। ଏଆଇଟିୟୁସିର ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେବାପରେ ଅପରାହ୍ନ ୨ଟାରେ ଗଣଧାରଣା ପ୍ରତ୍ୟାହୃତ ହୋଇଛି।

# ରାଂଚିରୁ ୨ ଠକଙ୍କୁ ଗିରଫ କଲା ଇଓଡବ୍ଲୁ

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ଛାତ୍ରବୃତି ଓ ସୋଲାର ଯନ୍ତାଂଶ ଠକେଇ ଅଭିଯୋଗରେ ଓଡ଼ିଶା ପୁଲିସର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ୨ ଜଣ ଅଭିଯୁକ୍ତଙ୍କୁ ଝାଡ଼ଖଣ୍ଡର ରାଜଧାନୀ ରାଂଚିରୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନିଶାନ୍ତ ପ୍ରକାଶ ଜୟସ୍ୱାଲ ଓ ଅମର ଦାନିଶ। ଉଭୟ ଅଭିଯୁକ୍ତ ବାସ୍ତବ ଇଣ୍ଡିଆ ଟ୍ରଷ୍ଟର ଓଡ଼ିଶା ଶାଖା ପାଇଁ ଫିଲ୍ଡ ଅଫିସର ଓ ପ୍ରକଳ୍ପ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଗତବର୍ଷ ନଭେମ୍ବର ୩୦ରେ ହୋଇଥିବା ଏତଲା କ୍ରମେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ଇଓଡବ୍ଲୁ। ନିଶାନ୍ତ ପ୍ରକାଶ ଜୟସ୍ୱାଲ ଓ ଅମର ଦାନିଶଙ୍କୁ ଇଓଡବ୍ଲୁ ଗିରଫ କଲା ପରେ ରାଂଚିସ୍ଥିତ ଜେଏମ୍ଏଫ୍ସି କୋର୍ଟରେ ହାଜର କରିଛି। ଏହା ପରେ ଭୁବନେଶ୍ୱରକୁ ୪୩ ଘଂଟା ପାଇଁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିଛି।

# ନିର୍ବାଚନ ପାଇଁ ପ୍ରସ୍ତୁତ- ସମୀର ମହାନ୍ତି

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ନିର୍ବାଚନ ପୂର୍ବରୁ ପ୍ରାର୍ଥୀ ଚୂଡ଼ାନ୍ତକୁ ନେଇ ବିଜେପିର ବରିଷ୍ଠ ନେତା ସମୀର ମହାନ୍ତି ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ବିଜେପିକୁ ଲୋକେ ବିରୋଧୀ ଦଳର ଭୂମିକା ଦେଇଛନ୍ତି । ଓଡ଼ିଶା ଲୋକଙ୍କ ସେବାରେ ବିଜେପି ନିୟୋଜିତ ହୋଇ ଅଛି । ଦଳ ନିଜ ଦାୟିତ୍ୱ ପ୍ରତି ସଜାଗ ରହିଛି । ଏବଂ ନିର୍ବାଚନ ପାଇଁ ପ୍ରସ୍ତୁତ ଥିବା କହିଛନ୍ତି ସମୀର ମହାନ୍ତି ।

# ଅତ୍ୟାଧୁନିକ ଓପିଟିସିଏଲ ଟେକ୍ ଟାୱାର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭୁବନେଶ୍ୱର ସହୀଦ ନଗର ଠାରେ ଓପିଟିସିଏଲର ନୂତନ କାର୍ଯ୍ୟାଳୟ ଓପିଟିସିଏଲ ଟେକ୍ ଟାୱାରର ଲୋକାର୍ପଣ କରିଛନ୍ତି। ୫୫ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ଏହି ବହୁତଳ ବିଲ୍ଡିଂ ଓଡିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ୍ ଲିମିଟେଡ୍ (ଓପିଟିସିଏଲ) ର କର୍ପୋରେଟ୍ କାର୍ଯ୍ୟାଳୟ ଭାବେ କାର୍ଯ୍ୟ କରିବ। କାର୍ଯ୍ୟକ୍ଷେତ୍ରର ନିରାପତାକୁ ସୁନିଶ୍ଚିତ କରିବା ପାଇଁ ଆଧୁନିକ ସ୍ଥାପତ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ଏହି କୋଠା ନିର୍ମାଣ କରାଯାଇଛି ଏବଂ କୋଠାଟି ଏକ ଶକ୍ତି ସଂଚୟକାରୀ କୋଠା ଅଟେ । ଏହି କାର୍ଯ୍ୟକ୍ରମରେ ୫-ଟି ସଚିବ ଭିକେ ପାଣ୍ଡିଆନ , ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ନିକୁଂଜ ବିହାରୀ ଧଳ, ଓପିଟିସିଏଲ ସିଏମଡି ସଂଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

## ବସ୍ ଧର୍ମଘଟକୁ ନେଇ...

ଗତ ୧୦ ତାରିଖ ସାରା ରାଜ୍ୟରେ ବସ୍ ଧର୍ମଘଟ କରିବା ପାଇଁ ସଂଘ ଡାକରା ଦେଇଥିଲା। ୯ ତାରିଖରେ ଏ ସମ୍ପର୍କରେ ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସେଲ୍‌ରୁ ଡାକରା ଆସିଥିଲା। ଏହା ପରେ ସଂଘର କର୍ମକର୍ତ୍ତାମାନେ ଆଲୋଚନା ପାଇଁ ଯାଇଥିଲେ। ବହୁ ସମୟ ଧରି ଆଲୋଚନା ପରେ ଲକ୍ଷ୍ମୀ ଯୋଜନାରେ କୌଣସି ବସ୍ ବ୍ଲକ ସଦର ମହକୁମାରୁ ଜିଲ୍ଲା ମୁଖ୍ୟାଳୟକୁ ଚାଲିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। କେବଳ ବ୍ଲକରୁ ପଞ୍ଚାୟତକୁ ଚଲାଇବା ପାଇଁ ସ୍ଥିର ହୋଇଥିଲା ବୋଲି ଶ୍ରୀ ସାହୁ କହିଥିଲେ। ସେ ଆହୁରି କହିଥିଲେ, ଗତ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ମାଲକାନଗିରି ଯାଇ ଲକ୍ଷ୍ମୀ ଯୋଜନାର ଚାଲିବାକୁ ଥିବା ବସ୍ ଗୁଡ଼ିକ ଉଦ୍‌ଘାଟନ କରିଥିଲେ। ସେଥିପାଇଁ ଆମେ ଖୁସି ବ୍ୟକ୍ତ କରିଥିଲୁ। ହେଲେ ସେହିଦିନ ବ୍ଲକରୁ ଜିଲ୍ଲା ସଦର ମହକୁମାକୁ ବସ୍ ଚାଲିଲା। ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଏହାକୁ ବିରୋଧ କରିଥିଲେ। ଏବେ ଶୁଣିବାକୁ ମିଳୁଛି ଆଗାମୀ ୨୦ ତାରିଖରେ ଗଜପତି ଜିଲ୍ଲାରେ ଲକ୍ଷ୍ମୀ ଯୋଜନାରେ ବସ୍ ଚାଲିବ। ଯଦି ସରକାର ସବୁ ଜିଲ୍ଲାରେ ଏମିତି ବସ୍ ଚଲାଇବେ, ତାହାହେଲେ ଆମେ କରିବୁ କ'ଣ? ଆମେ ମରିବା ସଙ୍ଗେ ସମାନ ହୋଇଯିବ। ଏହାକୁ ନେଇ ଘରୋଇ ବସ୍ ମାଲିକ ଓ କର୍ମଚାରୀମାନେ ଭୟଭୀତ ହୋଇ ପଡ଼ିଲେଣିବୋଲି ଶ୍ରୀ ସାହୁ କହିଛନ୍ତି।

## ବଢ଼ିଲା ତିର୍ତ୍ତୋଲ ବିଧାୟକ...

କରିଥିଲେ ସେତେବେଳେ ତାଙ୍କର ବୟସ ୩୦ ବର୍ଷ ହୋଇଥିଲା ବୋଲି ପଞ୍ଜୀକରଣ କରିଥିଲେ। ଏବେ ସେ ଅନ୍ୟ ଜଣଙ୍କୁ ବିବାହ କରିବାକୁ ଆବେଦନ କରିଛନ୍ତି। ସେଥିରେ ତାଙ୍କର ବୟସ ୩୦ ବର୍ଷ ଉଲ୍ଲେଖ ରହିଛି' ବୋଲି ସୋମାଲିକା ଅଭିଯୋଗ କରିଛନ୍ତି। ସବ୍ ରେଜିଷ୍ଟ୍ରାରଙ୍କୁ ଭେଟିବା ପରେ ସୋମାଲିକା କହିଛନ୍ତି, ବିବାହ ମାମଲାକୁ ନେଇ ମୁଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲି। ଏ ସଂପର୍କିତ କପି ସବ୍ ରେଜିଷ୍ଟ୍ରାରଙ୍କ ଠାରେ ଦାଖଲ କରିଛି। ମୋତେ ନ୍ୟାୟ ନ ମିଳିବା ଯାଏ ବିଜୟ ଶଙ୍କରଙ୍କ ବାହାଘର ବନ୍ଦ ରହୁ। ହାଇକୋର୍ଟରେ ମୁଁ ଏହି ଆବେଦନ କରିଛି। ମୋ କେସ୍ ଶୁଣାଣି ହେବା ପରେ ବିଜୟ ଶଙ୍କର ବିବାହ କଲେ ମୋର କିଛି ଟେନସନ୍ ନାହିଁ। ସେ ଆହୁରି କହିଛନ୍ତି,ମୋତେ ଯେତେବେଳେ ବିଜୟ ଶଙ୍କର ବିବାହ କରିବାକୁ କୋର୍ଟରେ ଆବେଦନ କରିଥିଲେ, ସେତେବେଳେ ତାଙ୍କର ବୟସ ୩୦ ବର୍ଷ ହୋଇଥିଲା ବୋଲି ପଞ୍ଜୀକରଣ କରିଥିଲେ। ଏବେ ସେ ଅନ୍ୟଜଣଙ୍କୁ ବିବାହ କରିବେ ଆବେଦନ କରିଛନ୍ତି। ସେଥିରେ ତାଙ୍କର ବୟସ ୩୦ ବର୍ଷ ଉଲ୍ଲେଖ ରହିଛି। ବିଧାୟକ ବୋଲି ଯାହା ଭୁଲ କରିବେ ନା କ'ଣ? ଏହି କଥା ମୁଁ ସବ୍ ରେଜିଷ୍ଟ୍ରାରଙ୍କୁ ଜଣାଇଥିଲି। ସେ ମୋ କଥା କିଛି ଶୁଣିଲେ ନାହିଁ। ହାଇକୋର୍ଟରୁ ମୋତେ ନ୍ୟାୟ ମିଳିବ ବୋଲି ଆଶା କରୁଛି ବୋଲି ସୋମାଲିକା କହିଛନ୍ତି।

## ଆଜମ ଖାନ୍‌ଙ୍କ ପୂରା ...

ଶୁଣାଣି କରି ସ୍ୱତନ୍ତ୍ର ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟ ତାଙ୍କ ପରିବାରକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ଦଣ୍ଡାଦେଶ ପରେ ସମସ୍ତଙ୍କୁ ତୁରନ୍ତ ଜେଲ ପଠାଇ ଦିଆଯାଇଛି। ସପା ନେତା ଆଜମ ଖାନଙ୍କ ପୁଅ ଅବଦୁଲ୍ଲା ଆଜମଙ୍କ ଦୁଇଟି ବାର୍ଥ ସାର୍ଟିଫିକେଟ୍‌କୁ ନେଇ ଏହି ମାମଲା ରୁଜୁ ହୋଇଥିଲା। ପ୍ରଥମ ବାର୍ଥ ସାର୍ଟିଫିକେଟ୍ ଆଧାରରେ ଅବଦୁଲ୍ଲା ପାସପୋର୍ଟ ନେଇ ବିଦେଶ ଯାଇଥିବା ଓ ଦ୍ୱିତୀୟ ସାର୍ଟିଫିକେଟ୍‌କୁ ସରକାରୀ କାମରେ ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା। ସୂଚନା ମୁତାବକ, ପ୍ରଥମ ବାର୍ଥ ସାର୍ଟିଫିକେଟ୍ ତଥା ଜନ୍ମ ପ୍ରମାଣପତ୍ରଟି ରାମପୁର ନଗର ପାଳିକା ୨୦୧୨ ଜୁନ୍ ୨୮ରେ ଜାରି କରିଥିଲେ। ଏଥିରେ ଅବଦୁଲ୍ଲା ଆଜମଙ୍କର ଜନ୍ମସ୍ଥାନ ରାମପୁର ବୋଲି ଦର୍ଶାଯାଇଛି। ସେହିରପ ୨୦୧୫ ଜାନୁଆରୀରେ ଦ୍ୱିତୀୟ ବାର୍ଥ ସାର୍ଟିଫିକେଟ୍‌ରେ ତାଙ୍କ ଜନ୍ମସ୍ଥାନ ଲକ୍ଷ୍ନୌ ଥିବା ଦେଖିବାକୁ ମିଳିଥିଲା। ତେଣୁ ତାଙ୍କ ବିରୋଧରେ ଧାରା ୪୦୨, ୪୬୭, ୪୬୮ ଓ ୪୭୧ ଆଧାରରେ ମାମଲା ରୁଜୁ କରାଯାଇଥିଲା।

## ବିଦ୍ୟୁତ ମହଙ୍ଗା ପଛରେ ...

କୋଟି ନୁହେଁ ବରଂ ୩୨ ହଜାର କୋଟିର ହେରଫେର କରିଛି। ଖାଲି ସେତିକି ନୁହେଁ ବିଦ୍ୟୁତ ମହଙ୍ଗା ହେବା ପଛରେ ବି ଆଦାନୀ ଥିବା କହିଛନ୍ତି ୱାଇନାଡ ସାଂସଦ। ଆଦାନୀ ଏବଂ କୋଇଲାର ରହସ୍ୟମୟ ମୂଲ୍ୟ ସମ୍ପର୍କିତ ରିପୋର୍ଟକୁ ଉଲ୍ଲେଖ କରି ରାହୁଲ କହିଛନ୍ତି, ଆଦାନୀ ଜୀ, ଇଣ୍ଡୋନେସିଆରୁ କୋଇଲା କିଣି ଏହାକୁ ଭାରତରେ ଦୁଇ ଗୁଣା ଦାମ୍‌ରେ ବିକ୍ରି କରିଛନ୍ତି। ଏହି ଫଣ୍ଡା ଆପଣାଇ ଆଦାନୀ ଭାରତୀୟ ଜନତାଙ୍କ ପକେଟ୍‌ରୁ ୧୨ ହଜାର କୋଟି ଟଙ୍କା ଲୁଟ୍ କରିଛି। ଏହି ଭଳି ସେ ମୋଟ ୩୨ ହଜାର କୋଟି ଟଙ୍କାର ଦୁର୍ନୀତି କରିଛନ୍ତି। କୋଇଲା ମୂଲ୍ୟରେ ହେରଫେର କରି ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି କରାଯାଇ ଜନସାଧାରଣଙ୍କ ପକେଟରୁ ଟଙ୍କା କାଢ଼ି ନେଇଯାଇଛି। ଅଦାନୀ ଗରିବ ଲୋକଙ୍କ ଟଙ୍କା ଲୁଟୁଛି ବୋଲି ରାହୁଲ ବଡ଼ ଅଭିଯୋଗ ଆଣିଛନ୍ତି। ଏହା ସେ କହୁ ନାହାନ୍ତି, ଲଣ୍ଡନ ଫାଇନାନ୍ସିଆଲ୍ ଟାଇମ୍ସ ପତ୍ରିକାରେ ଏହି ଖବର ପ୍ରକାଶିତ ପାଇଥିବା ନେଇ ରାହୁଲ ପ୍ରମାଣ ମଧ୍ୟ ଦେଇଛନ୍ତି। କଂଗ୍ରେସ ସାଂସଦ ଆହୁରି କହିଛନ୍ତି, 'କର୍ଣ୍ଣାଟକରେ ବିଦ୍ୟୁତ ସବସିଡି ଦିଆଯାଇଛି, ମଧ୍ୟପ୍ରଦେଶରେ ସବସିଡି ପାଇଁ ପ୍ରସ୍ତୁତି ଚାଲିଛି। ବିଦ୍ୟୁତ୍ ବିଲ୍ ଦିନକୁ ଦିନ ବୃଦ୍ଧି ପାଉଛି। ଏଥିରୁ ଆଦାନୀ ଜୀ ୧୨ ହଜାର କୋଟି ଟଙ୍କା ଲୁଟ୍ କରିଛନ୍ତି। ଏହା ମୁଁ ନୁହେଁ, ଲଣ୍ଡନର ଫାଇନାନ୍ସିଆଲ୍ ଟାଇମ୍ସରେ ପ୍ରକାଶିତ ରିପୋର୍ଟ କହୁଛି ବୋଲି ରାହୁଲ ଗାନ୍ଧି କହିଛନ୍ତି। ଆଦାନୀ ନିଜର ପକେଟ୍ ଗରମ କରିବା ପାଇଁ ଯେଉଁ ସବୁ ଦୁର୍ନୀତି କରିଛନ୍ତି ତାହା କେନ୍ଦ୍ର ସରକାରଙ୍କ ଜାଣତରେ ହୋଇଥିବା ରାହୁଲ ଅଭିଯୋଗ ଆଣିଛନ୍ତି। ଅନ୍ୟ ଦେଶରେ ଏହାକୁ ନେଇ ତଦନ୍ତ ଚାଲିଥିବା ବେଳେ କିନ୍ତୁ ଭାରତରେ କିଛି ହେଉନାହିଁ ବୋଲି କହିଛନ୍ତି କଂଗ୍ରେସ ନେତା ।

## କ୍ୟାପିଟାଲ୍ ମେଡ଼ିକାଲ୍‌ରୁ ୫୦ରୁ ୬୦....

ଠିକ୍ ସେହି ସମୟରେ ସଫେଇ କର୍ମଚାରୀଙ୍କ ବେଶରେ ୩ ଜଣ ମେଡ଼ିକାଲ୍‌ରେ ପ୍ରବେଶ କରିଥିଲେ। ସମ୍ପୂର୍ଣ୍ଣ ନିର୍ଭୟରେ ସେମାନେ ମେଡ଼ିକାଲ୍‌ରେ ପଶୁଥିଲେ। ଯେମିତି ପେଶାଦାର ଚୋରଙ୍କ ପରି। ଜଣେ ପରେ ଜଣେ ଏମିତି ୩ ଜଣ ମେଡ଼ିକାଲ୍‌ର ପ୍ରଥମ ମହଲାରେ ଲ୍ୟାବରେ ପଶିଥିଲେ। ଡେଙ୍ଗୁ, ରକ୍ତ, ସ୍ପୋଟମ୍ ପ୍ରମୁଖ ଟେଷ୍ଟ ପାଇଁ ଆସିଥିବା ନୂଆ ଓ ପୁରୁଣା ଲାବ୍ ଯନ୍ତ୍ରାଂଶ ଚୋରି କରି ନେଇଥିଲେ। ଚୋରମାନେ ପ୍ରଥମ ଯନ୍ତ୍ରାଂଶକୁ ବଡ଼ବଡ଼ କଳା ପଲିଥିନ୍‌ରେ ଭର୍ତ୍ତି କରିଥିଲେ। ତା'ପରେ ସଫେଇ କର୍ମଚାରୀଙ୍କ ପରି କାନ୍ଧରେ ପକାଇ ପଳାଇ ଯାଇଥିଲେ। ଚୋରି ହୋଇଥିବା ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ୫୦ରୁ ୬୦ ଲକ୍ଷ ଟଙ୍କା ହେବ। ଆଜି ସକାଳେ ଲାବ ଯନ୍ତ୍ରାଂଶ ନଥିବା ଜଣାପଡ଼ିଥିଲା। ଏହା ପରେ ମେଡ଼ିକାଲ୍‌ରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରାଯାଇଥିଲା। ସେହି ସମୟରେ ପୂରା ଘଟଣା ଉପରୁ ପର୍ଦ୍ଦା ହଟିଥିଲା। ମେଡ଼ିକାଲ୍ କର୍ତ୍ତୃପକ୍ଷ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ସଫେଇ କାର୍ଯ୍ୟର ଟେଣ୍ଡର ନେଇଥିବା ଠିକା ସଂସ୍ଥାକୁ ମଧ ଚୋରି ସମ୍ପର୍କରେ ଅବଗତ କରିଛନ୍ତି କ୍ୟାପିଟାଲ୍ ମେଡ଼ିକାଲ୍ କର୍ତ୍ତୃପକ୍ଷ। ଅନ୍ୟପକ୍ଷରେ ଅଭିଯୋଗକୁ ଭିତ୍ତିକରି କମିଶନରେଟ୍ ପୁଲିସ୍ ଘଟଣାର ତଦନ୍ତ ଚଳାଇଛି।

# ଖଇରା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ



ଖଇରା, ୧୮/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭୀ ଓ ମିଲେଟ ପ୍ରତିଯୋଗିତା ଖଇରା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ବିଇଓ ଗଦାଧର ଦାସଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆମେରିକା ର ରାଷ୍ଟ୍ରପତି ଆବ୍ରାହାମ ଲିଙ୍କନ ଙ୍କ ଶିକ୍ଷକଙ୍କୁ ଲେଖିଥିବା ଚିଠି ଟି ପଢିବା ସହ ପିଲା ମାନଙ୍କୁ ଏଭଳି ଭାବେ ଗଢିବାକୁ ଉପସ୍ଥିତ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ । ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ପ୍ରାକ୍ତନ ବିଇଓ ସୁଦର୍ଶନ ରାଉତ,ଗୋଲକ ପ୍ରସାଦ ପାଢୀ,ପ୍ରାକ୍ତନ ଏବିଇଓ ଶ୍ରଧର ବେହେରା,ବର୍ତ୍ତମାନର ଏବିଇଓ ହେମନ୍ତ କୁମାର ମିଶ୍ର ଓ ଗୌରାଙ୍ଗ ମହାପାତ୍ର, ସରପଞ୍ଚ ମାଳତୀ ସେଠୀ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଶିକ୍ଷକ ମାନେ ନିଜର ପ୍ରତିଭାଙ୍କୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିକଶିତ କରାଇ ପାରିଲେ ଉଭୟ ପିଲା ଓ ବିଦ୍ୟାଳୟର ଭବିଷ୍ୟତ ଉଜ୍ଜ୍ୱଳ ହୋଇ ପାରିବ ବୋଲି କହିଥିଲେ। ୧୭ କ୍ଲଷ୍ଟରରୁ ଆସିଥିବା ପିଲା ମାନଙ୍କ ମଧ୍ୟରେ ଜୁନିୟର ସିନିୟର ଓ ଉଚ୍ଚ ବିଦ୍ୟାଳୟ ସ୍ତରରେ ବକ୍ତୃତା,କୁଇଜ୍,ଚିତ୍ରାଙ୍କନ,ଗଳ୍ପ ଲିଖନ,ସୃଜନ ଲିଖନ,ଦଳଗତ ନୃତ୍ୟ,ସଙ୍ଗୀତ,ସୁଲିଖନ,କଳାକାରିଗରୀ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଆରଟି ମନୋଜ କୁମାର ମହାପାତ୍ର,କର୍ମଚାରୀ ସୁଶାନ୍ତ କୁମାର ନାୟକ,ସିଆରସି ସୁଶାନ୍ତ କୁମାର ମାହାପତ୍ର ଓ ଲକ୍ଷ୍ମଣ କୁମାର ସେନ,ସନ୍ତୋଷ କୁମାର ଦକ୍ଷିଣରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଗୁରୁବାର, ଅକ୍ଟୋବର ୧୯, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବସ୍ତା ବ୍ଲକ ପକ୍ଷରୁ 'ମୋ ମାଟି ମୋ ଦେଶ' ଅମୃତ କଳସ ଯାତ୍ରା ଅନୁଷ୍ଠିତ

ବସ୍ତା ୧୮।୧୦(ନିପ୍ର): ଭାରତର ମାନ୍ୟବର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନ କ୍ରମେ ଦିଲ୍ଲୀରେ ହେବାକୁ ଥିବା 'ଅମୃତ ବାଟିକା'ପାଇଁ ବସ୍ତା ବ୍ଲକରେ ବାହାର୍ଦ୍ଧା ଶିବ ମନ୍ଦିର ପ୍ରାଙ୍ଗଣରୁ 'ମୋ ମାଟି ମୋ ଦେଶ' ପାଇଁ ସଂଗ୍ରହ ହୋଇଥିବା ମାଟି କଳସକୁ ମୁଣ୍ଡରେ ମୁଣ୍ଡାଇ ଖୋଳ କୀର୍ତ୍ତନ ସହିତ ଭାରତ ମାତା କି ଜୟ ସ୍ଲୋଗାନ ଦେଇ ପଦଯାତ୍ରା କରିପ ଶହ ଶହ ଦେଶ ପ୍ରେମୀ ଙ୍କ ସାହାଯ୍ୟରେ ଗାନ୍ଧିଛକ ଠାରେ ପହଂଚିଥିଲେ । ଏହାପରେ ଗାନ୍ଧି ଛକରେ ସାଧାରଣ ସଭା ହୋଇଥିଲା। ଯେଉଁ ମାନେ ଦେଶ ପାଇଁ ପ୍ରାଣବଳି ଦେଇଛନ୍ତି ସେମାନଙ୍କ ଉଦ୍ଦେଶରେ ମାଟି ସଂଗ୍ରହ ହୋଇଛି ବୋଲି ସଭାରେ ଆଲୋଚନା ହୋଇଥିଲା । ବସ୍ତା ବିଜେପି ବରିଷ୍ଠ ନେତା ରଘୁନାଥ ମହାନ୍ତି ଆହ୍ୱାନ କ୍ରମେ ଅମୃତ କଳସ ଯାତ୍ରାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭା କାର୍ଯ୍ୟକ୍ରମକୁ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପଣ୍ଡାଙ୍କ ପୌରହିତ୍ୟରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ବାଲିଆପାଳ ସାଂସଦ ପ୍ରତିନିଧି ମହେଶ୍ୱର ଜେନା, ବସ୍ତା ବ୍ଲକ ନିର୍ବାହୀ ଯନ୍ତ୍ରୀ କୁଇଲି ଟୁଡୁ , ଗାନ୍ଧୀଛକ ବଜାରର କୁମୁଦ ରଞ୍ଜନ ଗିରି ବକ୍ତବ୍ୟ ରଖିଥିବା ବେଳେ ସରପଞ୍ଚ ରାଧାକୃଷ୍ଣ ବେହେରା,ବିପିନ ଜେନା,ରାଧା ପଙ୍କଜ ମଣ୍ଡଳ,ହରେନ୍ଦ୍ର କୁମାର ଦାସ,ଦେବାଶିଷ ମହାପାତ୍ର,ଧ୍ରୁବ ଚରଣ ନାୟକ ,ବାସୁଦେବ ପଣ୍ଡା,ରାଧାଶ୍ୟା। ମହାପାତ୍ର, ଅରବିନ୍ଦ ବେହେରା,ରଂଜନ ମହାନ୍ତି, ଖଗେନ୍ଦ୍ର ନାୟକ,କୃଷ୍ଣଚନ୍ଦ୍ର ଦତ୍ତ,ଫର୍ଣ୍ଣାଲ ବିଶ୍ୱାଳ,ସୁଦର୍ଶନ ସାହୁ,ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅସିତ ମହାନ୍ତି, ବିକାଶ ଗିରି ,ରାମଚନ୍ଦ୍ର ମାଝୀ,ପରେଶ କୁମାର ବେହେରା,ରବୀନ୍ଦ୍ର ଦାସ,ପ୍ରମୁଖ ଯୋଗଦେଇ ଅମୃତ ବାଟିକା ପାଇଁ ମୋ ଦେଶ ମୋ ମାଟି ପାଇଁ ସଂଗ୍ରହ ହୋଇଥିବା ମାଟି କଳସ ଉଦ୍ଦେଶ୍ୟ ରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ।ଅତିଥି ପରିଚୟ ଧିରେନ କୁମାର ସେଠୀ ପ୍ରଦାନ କରିଥିବା ବେଳେ ସମସ୍ତ ମଣ୍ଡଳ ସଭାପତି ଓ ବହୁ କର୍ମୀ ଯୋଗଦେଇଥିଲେ।

# ଅବକାରୀ ଓ ପୋଲିସ ମିଳିତ ଚଢ଼ାଉ: ବିପୁଳ ପରିମାଣର ପୋଚ ଓ ମଦ ଜବତ ସହ ନଷ୍ଟ



ନୀଳଗିରି, ୧୮/୧୦ (ନି.ପ୍ର): ବୁଧବାର ନୀଳଗିରି ପୋଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ାଉ ଫଳରେ ବିପୁଳ ପରିମାଣରେ ମଦ ଓ ରନ୍ଧା ସାମଗ୍ରୀ ଜବତ କରାଯାଇଛି। ନୀଳଗିରି ଥାନା ଅଧିନ ପୁନ୍ଦାଳ ଅଞ୍ଚଳରେ ଚୋରା ମଦଭାଟି ହୋଇଥିବା ଖବର ପାଇ ବୁଧୁବାର ନୀଳଗିରି ପୋଲିସ ଓ ଅବକାରୀ ବିଭାଗର ଦୁଇଟି ଟିମ ଆତର୍କିତ ଚଢାଉ କରିଥିଲେ। ୩ ହଜାର ଲିଟର ପୋଚ ଓ ୨୦୦ ଲିଟର ଦେଶୀ ମଦ ସହ ରନ୍ଧାସାମଗ୍ରୀ ଜବତ ହୋଇଥିଲା। ଜବତ ସାମଗ୍ରୀ ର ମୂଲ୍ୟ ୨ଲକ୍ଷ ଟଙ୍କା ହେବା ନେଇ ସୂଚନା ଦେଇଛି ଅବକାରୀ ବିଭାଗ। ଆଜିର ଚଢ଼ାଉରେ ନୀଳଗିରି ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ,ଅବକାରୀ ବିଭାଗର ଇନିସପେକ୍ଟର ଗାଲୁରାମ ସରେନ,ଓଇଆସି ନୃସିଂହ ରଥ,ମୋବାଇଲ ଓଆଇସି ଭକ୍ତଚରଣ ସ୍ୱାଇଁ ସାମିଲ ଥିଲେ।

# ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମହକ ଅନୁଷ୍ଠିତ



ଭଦ୍ରକ , ୧୮/୧୦ (ନି.ପ୍ର): ଭଦ୍ରକ ଜିଲ୍ଲା ସଂସ୍କୃତିଭବନ, ଭଦ୍ରକ ପରିସରରେ ଶିଶୁମାନଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ମହକ' ୨୩ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଶିଶୁ ପ୍ରତିଭା କାର୍ଯ୍ୟକ୍ରମ 'ମହକ' କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ମୁଖ୍ୟ ଅତିଥି ରୂପେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଶିଶୁ ମଂଗଳ କମିଟି ଅଧକ୍ଷ ଡା. ଦେବରାଜ ପାଣିଗ୍ରାହୀ, ଜିଲ୍ଲା ସମାଜ ମଂଗଳ ଅଧିକାରିଣୀ ପୁଷ୍ପଲତା ପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଶିଶୁ ମାନଙ୍କ ପ୍ରତିଭାର ବିକାଶ ହୋଇପାରିଲେ ସେମାନେ ଆଗକୁ ବଢ଼ିବେ ବୋଲି ମତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରରେ ଥିବା ନଅଗୋଟି ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପିଲାମାନଙ୍କ ମଧ୍ୟରେ ବକ୍ତୃତା, ସଂଗୀତ, ବୁଦ୍ଧିପରୀକ୍ଷା, ଚିତ୍ରାଙ୍କନ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦକ୍ଷ ବିଚାରକ ମାନଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ଉଦ୍‌ଯାପନ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନ ପର୍ବରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଯୋଗଦାନ କରି ଶିଶୁ ମାନଙ୍କର କୃତୀତ୍ୱ କୁ ଭୂରିଭୂରି ପ୍ରଶଂସା କରିବା ସହ ତାଙ୍କ ସୁପ୍ତ ପ୍ରତିଭାର ବିକାଶ ପାଇଁ ପ୍ରେରଣା ଦେଇଥିଲେ। ଏହି ମହକ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଶିଶୁମଂଗଳ କମିଟିର ସଦସ୍ୟ ମୌସୁମୀ ମାଇତି, ନବୀନଚନ୍ଦ୍ର ସାହୁ, ଭାରତୀ ଦାଶ, ଅମର ବାରିକ ସହ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡାଙ୍କ ସଂଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ମଞ୍ଚ ପରିଚାଳନା କରିଥିଲେ। ଅଣ ଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ୍, ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ, ଧୀରଜ ବାରିକ, ସୁଦର୍ଶନ ଶୁଦ୍ରା, ଚିନ୍ମୟ ପଣ୍ଡା ସମେତ ଶିଶୁ ଅନୁଷ୍ଠାନର ଧନଞ୍ଜୟ ଜେନା, ମନୋଜ ସାହୁ, ବିଜୟ ଜେନା, ଦେବସ୍ମିତା ମହାନ୍ତି, ନିବେଦିତା ଲେଙ୍କା, ସସ୍ମିତା ନାୟକ, ଜ୍ୟୋତିପ୍ରକାଶ ପତି, ପ୍ରଭାସ ବାରିକ, ରିୟାଜ ଅହମ୍ମଦ, ତଥାଗତ ଜେନା, ଆକାଶ ପୁଷ୍ଟି, ଲିପିକା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜଳେଶ୍ୱର କଂଗ୍ରେସର ମିଶ୍ରଣ ପର୍ବ

ଜଳେଶ୍ୱର, ୧୮/୧୦ (ନି.ପ୍ର): ଜଳେଶ୍ୱର ଟାଉନ୍ କଂଗ୍ରେସ ପକ୍ଷରୁ ନଗର ସଭାପତି ଗିରିଜାଶଂକର ଦାସଙ୍କ ସଭାପତିତ୍ୱରେ କଂଗ୍ରେସର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ୭ନଂ ୱାର୍ଡ ଶାସନବାର୍ଡର ସଦୁ ସାହାଙ୍କ ବାସଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ସଂଜିବ ଗିରି, ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ, ବ୍ଲକ ସଭାପତି ରାଜିବ ପରିଡା, ଜିଲା ସଂପାଦକ ହେମନ୍ତ ଗିରି, ଜଗଦିଶ ନନ୍ଦି, ସବ୍ୟସାଚୀ ଦାସ, ଫରିହ ଅହମ୍ମଦ, ଅଜିତ୍ ଖା. ଏନାମୋର ସାହା, ମଇତା ଖାନ, ସୌଭିକ ଜେନା ପ୍ରମୁଖ ଯୋଗ ଦେଇଥିଲେ । କଂଗ୍ରେସ ଦଳ ଛାଡି ଅନ୍ୟ ଦଳରେ ମିଶିଥିବା ବହୁ ଯୁବକ ପୁଣି ଘରବାହୁଡା କରିଥିବାରୁ ନେତୃମଣ୍ଡଳି ସାଧୁବାଦ ଜଣାଇଥିଲେ ।

# ନୌକରେ ମାଛ ଧରିବା ବେଳେ ଖସି ପଡି ଯୁବକଙ୍କ ସଲିଳ ସମାଧି

ବସ୍ତା, ୧୮/୧୦ (ନି.ପ୍ର): ବାହାବଳପୁର ସାମୁଦ୍ରିକ ଥାନାରେ ଜଣେ ଯୁବକ ଯାନ୍ତ୍ରିକ ଡଙ୍ଗାରେ ମାଛ ଧରିବାକୁ ସମୁଦ୍ର ଭିତରକୁ ଯାଇଥିବା ବେଳେ ଖସି ପଡି ମୃତ୍ୟୁ ବରଣ କରିଛି ।ସୂଚନାରୁ ପ୍ରକାଶ ଯେ ଗତକାଲି ପ୍ରବୀର ସାହୁଙ୍କ ମା'ଲକ୍ଷ୍ମୀ ଡଙ୍ଗାରେ ଅନ୍ୟ ମତ୍ସ୍ୟ ଜୀବି ଙ୍କ ସହ ଭୀମ ଚରଣ ସିଂ(୩୧ ବର୍ଷ)ସମୁଦ୍ର ଭିତରେ ମାଛ ଧରୁ ଥିବା ବେଳେ ଅସାବଧାନତା ବଶତଃ ତଳକୁ ଖସି ଯାଇଥିଲେ। ମାତ୍ର ବହୁତ ଖୋଜାଖୋଜି କରିବା ପରେ ବହୁ ସମୟ ପରେ ତା'ର ଶବ ଉଦ୍ଧାର ହୋଇଥିଲା। ବାହା ବଲପୁର ପୁଲିସ ଆଜି ଏ ସଂକ୍ରାନ୍ତରେ କେଶ ନଂ ୯/୨୦୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ଶବ ବ୍ୟବଚ୍ଛେଦ କରିଥିବା ଜଣାଯାଇଛି ।ମୃତକ ସିଂ ସ୍ୱର୍ଗତ ଶୁକୁର। ସିଂଙ୍କ ପୁଅ ଏବଂ ମୟୁରଭଞ୍ଜ ଜିଲ୍ଲାର ବଡ଼ସାହି ଥାନାର ଘୁଷୁରିଆ ଗାଁର ବୋଲି ଜଣାପଡିଛି।

# ଦିବଂଗତ କୃତ୍ତିବାସ ଆଚାର୍ଯ୍ୟଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



ବାଲେଶ୍ୱର, ୧୮/୧୦ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ବାଲେଶ୍ୱର ସଭାଗୃହରେ ଆଜି ପୂର୍ବାହ୍ନ ୧୦ଘଟିକା ସମୟରେ ସଂଘର ସଭାପତି ବନମାଳୀ ନାୟକଙ୍କ ଅଧ୍ୟକ୍ଷତାରେ ଦିବଂଗତ କୃତ୍ତିବାସ ଆଚାର୍ଯ୍ୟଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଆଚାର୍ଯ୍ୟଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ସମବେତ ସଦସ୍ୟ ସଦସ୍ୟାମାନେ ଶ୍ରଦ୍ଧା ନିବେଦନ କରିଥିଲେ। ସଭାପତି ବନମାଳୀ ନାୟକ ସ୍ୱର୍ଗତ ଆଚାର୍ଯ୍ୟଙ୍କର ସଂଘ ପ୍ରତିଷ୍ଠା ନିମନ୍ତେ ଅତୁଳନୀୟ ଅବଦାନ ରହିଥିବା ଓ ପ୍ରାରମ୍ଭିକ ଅବସ୍ଥାରେ ବହୁ ବାଧା ବିଘ୍ନର ସମ୍ମୁଖୀନ ହୋଇ ମୁଷ୍ଟିମେୟ ସଦସ୍ୟ ସଦସ୍ୟାଙ୍କୁ ନେଇ ସଂଘକୁ ଆଗେଇନେବା ଫଳରେ ଏକ ଦୃଢ଼ ମୂଳଦୁଆ ଉପରେ ଆଜି ଆମେ ଛିଡ଼ା ହୋଇପାରିଛୁ ବୋଲି କହିଥିଲେ। ସଂପାଦକ ବସନ୍ତ କୁମାର ନାୟକ, ଅର୍ଥ ସଂପାଦକ ଦାମୋଦର ନାୟକ, ସଂଗଠନ ସମ୍ପାଦକ ସୁଜିତ କୁମାର ଜେନା, ବରିଷ୍ଠ ଉପଦେଷ୍ଟା ଲୋକନାଥ ଆଚାର୍ଯ୍ୟ, ଶିବ ପ୍ରସାଦ ବେହେରା, ଜ୍ଞାନେନ୍ଦ୍ର ନାଥ ସାହୁ, ଶିଶିର କୁମାର ରଥ, ବରିଷ୍ଠ ସଦସ୍ୟା ବାସନ୍ତୀ ପାଣି, ପ୍ରଣିତା ମିଶ୍ର, ବାସନ୍ତୀ କର, ଦେବେନ୍ଦ୍ର ନାଥ ଚୌଧୁରୀ, କୁମୁଦ ରଞ୍ଜନ ଗିରି, ପଦ୍ମଲୋଚନ ଦତ୍ତ, ନିରଞ୍ଜନ ପରିଡ଼ା, ପ୍ରଫୁଲ୍ଲ କୁମାର ଦାସ, ଯୋଗେନ୍ଦ୍ର ନାଥ ସିଂ ପ୍ରମୁଖ ଁ ଆଚାର୍ଯ୍ୟଙ୍କ ସହିତ ସେମାନଙ୍କର ସଂପୃକ୍ତି ଓ ତାଙ୍କର ବିଭିନ୍ନ ଗୁଣାବଳୀ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ସଭାରେ କ୍ଷେତ୍ରମୋହନ ନାୟକ, ଶେଖ୍ ଆଲ୍ଲାଉଦ୍ଦିନ୍, କୈଳାସ ଚନ୍ଦ୍ର ସାହୁ, ଶରତ କୁମାର ବିଶ୍ୱାଳ, ବେଣୁଧର ସାହୁ, ସତ୍ୟ ନାରାୟଣ ନାୟକ, ମୀନା ସେଠୀ, କୈଳାସ ଚନ୍ଦ୍ର ପରିଡ଼ା, ବେଣୁଧର ପାଳ, ରାମଚନ୍ଦ୍ର ବାଗ, ଉମେଶ ଚନ୍ଦ୍ର ଗୋଚ୍ଛାୟତ, ଅଜିତ୍ କୁମାର ସେନ୍, ଚିତ୍ତରଞ୍ଜନ ଜେନା, ଶ୍ରୀରାମ ଦାଶ, କଲ୍ୟାଣୀ ନନ୍ଦ, ସୀତାରାମ ପ୍ରଧାନ, ବୀରେନ୍ଦ୍ର ମହନ୍ତ, ଡା. ତାରାକାନ୍ତ ନନ୍ଦ, ଅଜିତ୍ କୁମାର ଦେ ସରକାର, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ସର୍ବେଶ୍ୱର ଆଚାର୍ଯ୍ୟ, ମନୋଜ କୁମାର ବେହେରା ଓ କମଳାକାନ୍ତ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ନଗର କଂଗ୍ରେସ କମିଟି ପକ୍ଷରୁ ପୌର ପାଳିକା କାର୍ଯ୍ୟାଳୟ ଘେରାଉ




ବାସୁଦେବପୁର, ୧୮/୧୦ (ନି.ପ୍ର): ବାସୁଦେବପୁର ନଗର କଂଗ୍ରେସ କମିଟି ପକ୍ଷରୁ ବାସୁଦେବପୁର ପୌର ପାଳିକା ରେ ହୋଇଥିବା ବିଭିନ୍ନ ଦୁର୍ନୀତି ଓ ସମସ୍ୟା କୁ ନେଇ ପୌର ପାଳିକା କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଏଥିରେ ଜିଲ୍ଲା କଂଗ୍ରେସ ସଭାପତି ଅଶୋକ ଦାସ, ବରିଷ୍ଠ ନେତା ରମେଶ ବଳ, ଯୁବ କଂଗ୍ରେସ ସଭାପତି ସିଦ୍ଧାନ୍ତ ଦାସ, ନଗର ଯୁବ କଂଗ୍ରେସ ସଭାପତି ସୁଶାନ୍ତ ମହାକୁଡ଼, ନଗର କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଜୟ ମହାନ୍ତି, ନଗର କଂଗ୍ରେସ ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ, ମହିଳା କଂଗ୍ରେସ ନେତ୍ରୀ ଆରତୀ ବିଶ୍ୱାଳ, ମଞ୍ଜୁଲତା ପଣ୍ଡା, ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ଶାସକ ଦଳ କୁ ତଥା ରାଜ୍ୟ ସରକାର ଙ୍କ ନୀତିକୁ ସମାଲୋଚନା କରିଥିଲେ । ବାସୁଦେବପୁର ପୌର ପାଳିକା ରେ ରହିଥିବା ସମସ୍ୟା କେବେ ସମାଧାନ ହେବ ସେ ସମ୍ପର୍କ ରେ ପ୍ରଶ୍ନ ଉପସ୍ଥାପନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନେତା ଶିକ୍ଷାବିତ ରତ୍ନାକର ମଲିକ, ଆଦିତ୍ୟ ଗିରି,ଅକ୍ଷୟ ବାରିକ, ରାକେଶ ମହାନ୍ତି, ଇଂ ଭାଗିରଥି ମହାପାତ୍ର, ପ୍ରଭାତ ବାରିକ, ଟୁନା ସାମଲ, ତୁହିଦ ଖାଁ, ପ୍ରଶାନ୍ତ ଦଳେଇ, ସୁବ୍ରତ ବେହୁରା, ଗୌରାଙ୍ଗ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କ ରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଗରିବ ଲୋକଙ୍କ ପାଇଁ ରେସନ କାର୍ଡ, ପ୍ରଧାନ ମନ୍ତ୍ରୀ ଆବାସ ଘର, ପାଇଖାନା ପ୍ରଭୃତି ରେ ବହୁ ଦୁର୍ନୀତି ହୋଇଛି ବୋଲି କଂଗ୍ରେସ କର୍ମୀ ମାନେ ତଣ୍ଟି ଫଟାଇ ଚିତ୍କାର କରି ଭୟଙ୍କର ଗର୍ଜନ ଗର୍ଜିଥିଲେ।

# ନୀଳଗିରରେ ପାରମ୍ପରିକ ପ୍ରାକୃତିକ ଚିକିତ୍ସା ଶିବିର ଉଦ୍‌ଘାଟିତ

ନୀଳଗିରି : ନୀଳଗିରି ସହରରେ ପ୍ରଥମଥର ପାଇଁ ଦୁଇଦିନ ଧରି ମାଗଣା ପାରମ୍ପରିକ ପ୍ରାକୃତିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପୁଷ୍ପା ଫିଜିଓ ଥେରାପି ନୀଳଗିରିର ହୋଲିଷ୍ଟିକ ହେଲଥ୍ କେଆରର ପ୍ରତିଷ୍ଠାତା ହୃଷୀକେଶ ଦାସ ଙ୍କ ଦ୍ୱାରା ଆୟୋଜିତ ଏହି ପ୍ରାକୃତିକ ଚିକିତ୍ସାକୁ ନୀଳଗିରି ଭଳି ଆଦିବାସୀ ଅନୁନ୍ନତ ଅଂଚଳରେ ବିଶ୍ୱପ୍ରସିଦ୍ଧ ପାରମ୍ପରିକ ଚିକିତ୍ସକ ତଥା ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍ ଅର୍ଜନ କରିଥିବା ପ୍ରଫେସର ଡଃ ଦୀପକ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ସଂପ୍ରତି ଚିକିତ୍ସା ବିଜ୍ଞାନର ପରିଭାଷାକୁ ଅନୁଧ୍ୟାନ କଲେ ପାରମ୍ପରିକ ଚିକିତ୍ସା ହେଉଛି ସର୍ବୋପରି। ଏହା ଆଲୋକ ବର୍ତ୍ତିକା ସଦୃଶ୍ୟ ପଥ ପ୍ରଦର୍ଶକ ସାଜି ନୂତନ ଚିକିତ୍ସା ବିଜ୍ଞାନକୁ ବାଟ ଦେଖାଇଛି। ଏହି ପାରମ୍ପରିକ ଚିକିତ୍ସା ବହୁପୁରତାନ ରୋଗର କାରଣ ଏବଂ ବିନା ପାର୍ଶ୍ୱ ପ୍ରତିକ୍ରିୟାରେ ରୋଗୀଙ୍କୁ ମାନସିକ, ଶାରିରୀକ ଓ ସାମାଜିକ ସ୍ୱାସ୍ଥ୍ୟ କୁ ଉପଶମ କରିପାରିଛି। ଏହି ଶିବିରରେ ବିଭିନ୍ନ ପ୍ରକାରର ନୂତନ ଓ ପୁରାତନ ରୋଗର ଚିକିତ୍ସା କରାଯାଇଥିଲା। ଯଥା -ଚର୍ମ, ପେଟ, ଅମ୍ଳଦୋଷ, ଆଣ୍ଠୁଗଣ୍ଠି ବାତ, ରକ୍ତଚାପ, ଶିରରୋଗ, କାନ୍ଧ, ଗୋଇଠୀ, ବେକବଥା, ଶ୍ୱାସ, ମାନସିକ ରୋଗ, ଅଣ୍ଟା ବ୍ୟଥା, ସ୍ତ୍ରୀ ରୋଗ, ଡାଇବେଟିସ୍, ଅର୍ଦ୍ଧକପାଳି, ପାରାଲିସିସ ଭଳି ବହୁ ରୋଗର ପାରମ୍ପରିକ ପ୍ରାକୃତିକ ଚିକିତ୍ସା କରାଯାଉଥିବା ବେଳେ ଉକ୍ତ ଶିବିରରେ ବୁଧବାର ପ୍ରଥମଦିନ ବହୁ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା। ଶିବିରକୁ ଡଃ ଦୀପକ ରାଉତ ଉଦ୍ଘାଟନ କରିଥିବା ବେଳେ ଡଃ ଲକ୍ଷ୍ମୀକାନ୍ତ ପାତ୍ର, ଡଃ ପୂଜା ଜାନା, ମମତା ବେହେରା, ପ୍ରଦୀପ ମହାନ୍ତି ପ୍ରମୁଖ ଡାକ୍ତର ଓ ସହକର୍ମୀ ସହଯୋଗ କରିଥିଲେ। ଏହି ଉପଲକ୍ଷେ ସିଫା ହାଇଦ୍ରାବାଦ ତରଫରୁ ନୀଳଗିରିର ୨୭ଜଣ ସାମ୍ବାଦିକଙ୍କୁ କୋଭିଡ ଏକ୍ସିଲେନ୍ସି ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ପଥର ବୋଝେଇ ଟ୍ରକ ଜବତ: ଡ୍ରାଇଭର ଅଟକ



ଖଇରା, ୧୮/୧୦ (ନି.ପ୍ର): ଶାରିଶୁଆ-କୁପାରୀ ରାସ୍ତାରେ ବେଆଇନ ଭାବେ ପଥର ବୋଝେଇ ଟ୍ରକ ଚୋରା ଚାଲାଣ ବେଳେ ଖଇରା ତହସିଲଦାର ପ୍ରଶାନ୍ତ ମହାରଣା ଜବତ କରିଛନ୍ତି । ଏଥିସହ ଟ୍ରକର ଡ୍ରାଇଭରକୁ ଖଇରା ଥାନାରେ ଅଟକ ରଖାଯାଇଛି । ସରକାରୀ ଭାବେ ୧୪ଟି ଖଣି ଖୋଳିବାକୁ ଅନୁମତି ଦିଆଯାଇଥିବା ବେଳେ ବର୍ତ୍ତମାନ ଶାରିଶୁଆ ପାହାଡରେ ୯୦ରୁ ଉର୍ଦ୍ଧ ଖଣି ବେଆଇନ ଭାବେ ଚାଲୁଅଛି । ପ୍ରତ୍ୟେକ ଦିନ ଶହ ଶହ ଟ୍ରିପ ପଥର ମେଟାଲ ବାହାରକୁ ଚାଲାଣ କରାଯାଉଥିବା ବେଳେ ମାତ୍ର ରାଜସ୍ୱ ବିଭାଗ କାଁ କାଁ ଚଢାଉ କରୁଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସେହିଭଳି ୪ଟି ଖଣିରେ ବ୍ଲାଷ୍ଟିଂ ପାଇଁ ଅନୁମତି ମିଳିଥିବା ବେଳେ ସଂଧ୍ୟା ହେଲେ ସମସ୍ତ ଖଣିରେ ବେଆଇନ ବ୍ଲାଷ୍ଟିଂ ଚାଲିଥିଲେଁ ହେଁ ଏହା ଉପରେ ଧରପଗଡ କରାଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

# ମୟୁରଭଞ୍ଜରେ ଲୋକାର୍ପିତ ହେଲା ଆମ ଓଡିଶା ନବୀନ ଓଡିଶା ଯୋଜନା

ବାରିପଦା , ୧୮/୧୦ (ନି.ପ୍ର): ଆଜି ଓଡିଶାର ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିଡ଼ିଓ କନଫରେନ୍ସ ଜରିଆରେ ମୟୁରଭଞ୍ଜ ଜିଲ୍ଲା ରେ ଆମ ଓଡିଶା ନବୀନ ଓଡିଶା ଯୋଜନା ଲୋକାର୍ପିତ ହୋଇଯାଇଛି। ଜିଲ୍ଲାର ବଡ଼ସାହି, ବାଙ୍ଗରିପୋଷୀ, ବାରିପଦା, ମୋରଡା ଏବଂ ଉଦଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରିପଦା, ଶାମାଖୁଣ୍ଟା, ବଡ଼ସାହି, ବେତନଟୀ, ମୋରଡା, ରାସଗୋବିନ୍ଦପୁର, ସୁଳିଆପଦା, କୁଳିଅଣା, ବାଙ୍ଗରିପୋଷୀ, ଉଦଳା,କପ୍ତିପଦା,ଖୁଣ୍ଟା ଓ ଗୋପବନ୍ଧୁନଗର ବ୍ଲକ ରେ ଏହି ଯୋଜନା ର ଶୁଭାରମ୍ଭ ହୋଇଛି। ଏହି ଯୋଜନା ରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଗ୍ରାମ ପଂଚାୟତର ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ସେବା, ଗମନାଗମନ, କଳାସ୍ଥାପତ୍ୟ, ଧର୍ମଅନୁଷ୍ଠାନ ସଂସ୍କୃତି ପରମ୍ପରା ଐତିହ୍ୟ ଇତ୍ୟାଦିର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ୫୦ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ମଂଜୁର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ବାରିପଦା ବ୍ଲକ ଅନ୍ତର୍ଗତ ଦେବେନ୍ଦ୍ରପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦର ଅଧ୍ୟକ୍ଷ ଶ୍ରୀମତୀ ଭାରତୀ ହାଁସଦା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଯୋଗ ଦେଇଥିଲେ।




ମୟୁରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓସ୍ୱାନ ହଲ ଠାରେ ଯୋଗ ଦେଇ ଆଭାସି ଜରିଆରେ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହି ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଥିଲେ।

# ଜଷ୍ଟିସ ଏସ୍. ମୁରଲୀଧରଙ୍କୁ ବରିଷ୍ଠ ଆଇନଜୀବୀ ମାନ୍ୟତା

ନୂଆଦିଲ୍ଲୀ /ଭୁବନେଶ୍ୱର, ୧୮/୧୦ (ନି.ପ୍ର): ଜଷ୍ଟିସ ଏସ୍. ମୁରଲୀଧରଙ୍କୁ ବରିଷ୍ଠ ଆଇନଜୀବୀ ମାନ୍ୟତା ଦେଇଛନ୍ତି ସୁପ୍ରିମକୋର୍ଟ। ଫୁଲକୋର୍ଟ ମିଟିଂରେ ମାନ୍ୟତା ଦେବାକୁ ନିଷ୍ପତି ହୋଇଛି। ଅବସର ପରେ ସେ ବର୍ତ୍ତମାନ ସୁପ୍ରିମକୋର୍ଟରେ ଓକିଲାତି କରିବେ। ନିକଟରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଅବସର ନେଇଛନ୍ତି ଜଷ୍ଟିସ ଏସ୍.ମୁରଲୀଧର। ୨୦୨୧ ଜାନୁଆରୀରୁ ୨୦୨୩ ଅଗଷ୍ଟ ପର୍ଯ୍ୟନ୍ତ ଓଡିଶାରେ ମୁଖ୍ୟ ବିଚାରପତି ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo